


THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI | ◆VOLUME- 43 ◆ISSUE-291 ◆SUNDAY ◆19 APRIL 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୯୧ ◆ରବିବାର ◆୧୯ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)

### ସୀମା ପୁନଃନିର୍ଦ୍ଧାରଣ ବିଲ୍ ପ୍ରସଙ୍ଗରେ ନବୀନଙ୍କ କଡ଼ା ସମାଲୋଚନା

# ଓଡ଼ିଶାର ନ୍ୟାଯ୍ୟ ଅଧିକାର ସହ ସାଲିସ୍ କରିଛି ରାଜ୍ୟ ବିଜେପି



**ଓଡ଼ିଶାବାସୀଙ୍କ ନିକଟରେ ବିଜେପିର ମୁଖା ଖୋଲି ଯାଇଛି**

**ଅନ୍ୟାୟ ବିରୋଧରେ ବିଜେପିର ଜଣେ ବି ସାଂସଦ ସ୍ୱର ଉଠାଇଲେ ନାହିଁ**


**ଓଡ଼ିଶାର ଅଧିକାର ପାଇଁ ବିଜେଡି ସର୍ବଦା ଲଢ଼େଇ ଜାରି ରଖିବ**

■ ଭୁବନେଶ୍ୱର, ୧୮।୪ (ସମିସ): କେନ୍ଦ୍ର ସରକାର ଆଣିଥିବା ସମ୍ବିଧାନର ୧୩୧ ତମ ସଂଶୋଧନ ବିଲ୍ ୨୦୨୬କୁ ନେଇ ବିଭିନ୍ନ ରାଜନୈତିକ ଦଳ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରୁଛନ୍ତି । ଏପରିକି ଶୁକ୍ରବାର ମହିଳା ସଂରକ୍ଷଣ ବିଲ୍ ସଂସଦରେ କାଟ୍ ଖାଇବା ପରେ ଏହା ବିରୋଧୀଙ୍କ ନୈତିକ ବିଜୟ ଏବଂ ସରକାରଙ୍କର ପରାଜୟ ବୋଲି ବିରୋଧୀ ଦଳ ମତବ୍ୟକ୍ତ କରିଛନ୍ତି । ଏପରିକି ମହିଳା ସଂରକ୍ଷଣ ବିଲ୍ ସହ ସୀମା ପୁନଃ ନିର୍ଦ୍ଧାରଣ ବିଲକୁ ଯୋଡ଼ିବା ପଛରେ କେନ୍ଦ୍ର ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ଥିଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଏହିକ୍ରମରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ପ୍ରରିପେକ୍ଷୀରେ ବିଜେପି କିପରି ଓଡ଼ିଶାର ଅଧିକାର, ସ୍ୱାର୍ଥ ସହ ସାଲିସ କଲା, ତାହା ରାଜ୍ୟବାସୀ ଦେଖିଲେ ବୋଲି କହି କଡ଼ା ସମାଲୋଚନା କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏପରିକି ଏହି ଅନ୍ୟାୟ ବିରୋଧରେ ଓଡ଼ିଶାର ଜଣେ ହେଲେ ବି ବିଜେପି ସାଂସଦ ସ୍ୱର ଉତ୍ତୋଳନ ନ କରିବା ରାଜ୍ୟବାସୀଙ୍କୁ ଚକିତ କରିଛି ବୋଲି ନବୀନ ମତବ୍ୟକ୍ତ କରିଛନ୍ତି ।


ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଏନେଇ ପ୍ରତିକ୍ରିୟା ଦେଇ ନବୀନ କହିଛନ୍ତି ଯେ ବିଜେଡି ସର୍ବଦା ପଞ୍ଚାୟତ ସ୍ତରରୁ ସଂସଦ ପର୍ଯ୍ୟନ୍ତ ମହିଳା ସଶକ୍ତୀକରଣ ପାଇଁ ଠିଆ ହୋଇଛି । ମାତ୍ର ଆମେ ସୀମା ନିର୍ଦ୍ଧାରଣ ମାଧ୍ୟମରେ ଓଡ଼ିଶାର ରାଜନୈତିକ ଶକ୍ତି ହ୍ରାସ କରିବା ବିରୁଦ୍ଧରେ ସମ୍ପୂର୍ଣ୍ଣ ବିରୋଧ କରୁଛୁ । ଓଡ଼ିଶାର ଲୋକମାନେ ଦେଖିଛନ୍ତି ଯେ ସେମାନଙ୍କ ଅଧିକାର ପାଇଁ କିଏ ଲଢ଼ିଛି ଏବଂ ବିଜେପି ▶ପୃଷ୍ଠା-୭



**ମହିଳା ବିଲ୍ ପାସ୍ ନ ହେବା ଦୁର୍ଭାଗ୍ୟଜନକ**



**ଏନ୍‌ଡିଏକୁ ଝଟ୍‌କା: ଗଣତନ୍ତ୍ରର ବିଜୟ**



**ଛିଡ଼୍‌ନି ହମ୍ମୁଜ ଅଡୁଆ: ପୁଣି ଯୁଦ୍ଧ ଧମକ**

### 'ଇଣ୍ଡିଆ' ମେଣ୍ଟ ବୈଠକରେ ବିଜେଡି ସଂସଦୀୟ ଦଳ ନେତା

# ଜାତୀୟ ରାଜନୀତିରେ ବିଜେଡି ଚର୍ଚ୍ଚା



**କୌଣସି ମେଣ୍ଟ ନୁହେଁ, ଓଡ଼ିଶାର ସ୍ୱାର୍ଥ ସହ ରହିଛୁ: ମାନସ**

**ପ୍ରସଙ୍ଗ ଭିତ୍ତିରେ କଂଗ୍ରେସକୁ ସମର୍ଥନ ଦେଉଛି ବିଜେଡି: ଭକ୍ତ**

■ ଭୁବନେଶ୍ୱର, ୧୮।୪ (ସମିସ): ରାଜ୍ୟର ସ୍ୱାର୍ଥ ରକ୍ଷା ଏବଂ ହକ୍ ପାଇବା ପାଇଁ ଓଡ଼ିଶାରୁ ଦିଲ୍ଲୀ ଯାଏଁ ଲଢ଼େଇ ଜାରି ରଖିଛି ବିଜୁ ଜନତା ଦଳ । ଆନ୍ତଃରାଜ୍ୟ ଜଳ ବିବାଦ ହେଉ କି ରେଳ ଡିଭିଜନ ଉଚ୍ଛେଦ ଅବା ସୀମା ପୁନଃନିର୍ଦ୍ଧାରଣ ବିଲ୍ ପ୍ରସଙ୍ଗ, ସବୁଥିରେ ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛି ବିଜେଡି । ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡ଼ିଶାର ହକ୍ ପାଇଁ ମିଳିତ ଲଢ଼େଇ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସଂସଦରେ କେନ୍ଦ୍ର ସରକାର ଆଣିଥିବା ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପ୍ରସଙ୍ଗରେ ନୂଆଦିଲ୍ଲୀରେ ଅନୁଷ୍ଠିତ 'ଇଣ୍ଡିଆ' ମେଣ୍ଟ ବୈଠକରେ ବିଜେଡି ▶ପୃଷ୍ଠା-୭






◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-291 •SUNDAY •19 APRIL 2026 •PAGE-12 •₹ 7.00

•ବର୍ଷ-୪୩ •ସଂଖ୍ୟା-୨୯୧ •ରବିବାର •୧୯ ଏପ୍ରିଲ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦ (ସିନ୍ଦୂରା ସହ)


## ବିରୋଧୀ 'ଭ୍ରୂଣହତ୍ୟା'ର ଦୋଷୀ: ପ୍ରଧାନମନ୍ତ୍ରୀ

### ମହିଳା ବିଲ୍ ପାସ୍ ନ ହେବା ଦୁର୍ଭାଗ୍ୟଜନକ

■ ନୂଆଦିଲ୍ଲୀ, ୧୮ ।୪(ଏଜେନ୍ସି): ମହିଳା ସଂରକ୍ଷଣ ସଂକ୍ରାନ୍ତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଗତକାଲି ଲୋକସଭାରେ କାଟ୍ ଖାଇଯିବା ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଜି ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧିତ କରି ଦୁଃଖ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ। ପ୍ରାୟ ୩୦ ମିନିଟର ଏହି ସମ୍ବୋଧନରେ ଦେଶର ସମସ୍ତ ମା' ଭଉଣୀଙ୍କୁ କ୍ଷମା ମାଗିବା ସହ ବିରୋଧୀ ଦଳଗୁଡ଼ିକୁ କଡ଼ା ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ। ସେ କହିଛନ୍ତି, 'ମୋ ପାଇଁ ଦେଶହିତ ସର୍ବୋପରି, କିନ୍ତୁ କିଛି ଲୋକଙ୍କ ପାଇଁ ଦଳୀୟ ସ୍ୱାର୍ଥ ଦେଶହିତଠାରୁ ବଡ଼ ହୋଇଗଲା।। ଏହାର କୁପରିଣାମ ନାରୀଶକ୍ତିଙ୍କୁ ଭୋଗିବାକୁ ପଡ଼ିଲା।' କଂଗ୍ରେସ, ଟିଏମସି, ଡିଏମକେ ଏବଂ ସମାଜବାଦୀ ପାର୍ଟି ପରି ବିରୋଧୀ ଦଳଗୁଡ଼ିକୁ ତୀବ୍ର ସମାଲୋଚନା କରି ସେ କହିଛନ୍ତି, 'ଏହି ଦଳଗୁଡ଼ିକ ମହିଳା ଅଧିକାରର ଭ୍ରୂଣହତ୍ୟା କରିଛନ୍ତି। ସଂସଦରେ ଯେତେବେଳେ ମହିଳାଙ୍କ ସ୍ୱାର୍ଥ ଜଡ଼ିତ ପ୍ରସ୍ତାବଟି କାଟ୍ ଖାଇଲା, ସେତେବେଳେ ଏହି ପାର୍ଟିର ନେତାମାନେ ଖୁସିରେ ଟେବୁଲ୍ ବାଡ଼ାଇ ତାଳି ମାରୁଥିଲେ। ନାରୀ ସବୁ ଭୁଲି ଯାଏ, କିନ୍ତୁ କେବେବି ନିଜର ଅପମାନ ଭୁଲେ ନାହିଁ।

କଂଗ୍ରେସ ଓ ତାର ସହଯୋଗୀ ଦଳଗୁଡ଼ିକ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣକୁ ନେଇ ମିଥ୍ୟା ଗୁଜବ ପ୍ରଚାର କରୁଛନ୍ତି ବୋଲି ମୋଦୀ ଅଭିଯୋଗ କରିଛନ୍ତି। ସେମାନେ କହୁଛନ୍ତି କିଛି ରାଜ୍ୟର କ୍ଷତି ହେବ, କିନ୍ତୁ ଆମେ ସ୍ପଷ୍ଟ କରିଛୁ ଯେ କୌଣସି ରାଜ୍ୟର ପ୍ରତିନିଧିତ୍ୱ ହ୍ରାସ ପାଇବ ନାହିଁ। ବିରୋଧୀ ଦଳଗୁଡ଼ିକ ଭୟ କରୁଛନ୍ତି ଯେ ଯଦି ସାଧାରଣ ପରିବାରର ମହିଳାମାନେ ରାଜନୀତିକୁ ଆସିବେ ଏବଂ ଶକ୍ତିଶାଳୀ ହେବେ, ତେବେ ସେମାନଙ୍କର ପରିବାରବାଦ ରାଜନୀତି ବିପଦରେ ପଡ଼ିଯିବ। ସେଥିପାଇଁ ସେମାନେ ୪୦ ବର୍ଷ ଧରି ଏହି ବିଲ୍‌କୁ କୌଣସି ନା କୌଣସି ବାହାନାରେ ଅଟକାଇ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଶେଷରେ କହିଛନ୍ତି ଯେ, ଯେଉଁମାନେ ଅଧା ଜନସଂଖ୍ୟା ଅର୍ଥାତ ନାରୀଙ୍କ



ଅଧିକାର ଛଡ଼ାଇ ନେଇଛନ୍ତି, ସେମାନଙ୍କୁ ଏହି ପାପର ଶାସ୍ତି ଜନତା ନିଶ୍ଚୟ ଦେବେ। ୨୦୨୯ ନିର୍ବାଚନ ପୂର୍ବରୁ ମହିଳାଙ୍କୁ ସେମାନଙ୍କ ହକ୍ ଦେବା ପାଇଁ ଏହା ଏକ ମହାଯଜ୍ଞ ଥିଲା ଯାହାକୁ ବିରୋଧୀ ପଣ୍ଡ କରିଦେଇଛନ୍ତି।

## ଇତିହାସ ପାଲଟିବ ରାଜ୍ୟ ଯୋଜନା ବୋର୍ଡ

### ରାଜ୍ୟ ସରକାର ପ୍ରତିଷ୍ଠା କରିବେ 'ସିଟି-ଓଡ଼ିଶା'

■ ଭୁବନେଶ୍ୱର,୧୮ ।୪(ସମିସ): ରାଜ୍ୟରେ ସାମଗ୍ରିକ ବିକାଶ ପାଇଁ ନୀତି ପ୍ରସ୍ତୁତ ତଥା ପରାମର୍ଶ ପ୍ରଦାନ କରୁଥିବା ରାଜ୍ୟ ଯୋଜନା ବୋର୍ଡ ଏବେ ଇତିହାସ ପାଲଟିବାକୁ ଯାଉଛି। ରାଜ୍ୟ ସରକାର ଏହା ବଦଳରେ ଖୁବ୍‌ଶୀଘ୍ର ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ ଫର୍ ଟ୍ରାନ୍ସଫର୍‌ମେଟିଭ ଇନିସିଏଟିଭ(ଏସ୍‌ଆଇଟିଆଇ) ବା ସିଟି-ଓଡ଼ିଶା ପ୍ରତିଷ୍ଠା କରିବେ। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏହି ସମ୍ପର୍କିତ ଏକ ସଂକଳ୍ପ ପ୍ରକାଶ ପାଇଛି। ସଂକଳ୍ପରେ କୁହାଯାଇଛି ଯେ ଏହା ରାଜ୍ୟ ସରକାରଙ୍କ ଏକ ଥିଙ୍କ୍ ଟ୍ୟାଙ୍କ ବା ଏକ ଶୀର୍ଷସ୍ତରୀୟ ରଣନୈତିକ ପରାମର୍ଶଦାତା ସଂସ୍ଥା ଭାବେ କାର୍ଯ୍ୟ କରିବ। ସମୃଦ୍ଧ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ ଏହା ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ। ରାଜ୍ୟ ସରକାର ପୂର୍ବରୁ ୨୦୨୪ ମହିହା ଜୁଲାଇ ୧୮ ତାରିଖରେ 'ରାଜ୍ୟ ଯୋଜନା ବୋର୍ଡ'କୁ ଭାଙ୍ଗି ଦେଇଛନ୍ତି। ଯେହେତୁ ପାରମ୍ପରିକ ଯୋଜନା ପ୍ରଣାଳୀ ବର୍ତ୍ତମାନ ସମୟରେ ଅପ୍ରାସଙ୍ଗିକ ହୋଇପଡ଼ିଛି, ସିଟି-ଓଡ଼ିଶା ବର୍ତ୍ତମାନ ସମୟରେ ଏକ ଦୂରଦୃଷ୍ଟିସମ୍ପନ୍ନ ବିକଳ୍ପ ବ୍ୟବସ୍ଥା ପ୍ରଦାନ କରିବ ବୋଲି ସରକାର ଯୁକ୍ତି ବାଢ଼ିଛନ୍ତି।

ବିଭାଗୀୟ ସଂକଳ୍ପରେ କୁହାଯାଇଛି, ବିକାଶର ଲକ୍ଷ୍ୟ ହାସଲ କରିବା ପାଇଁ ନୀତି ପ୍ରସ୍ତୁତ କରିବାକୁ ଆଧୁନିକ ଚିନ୍ତାଧାରା ସହିତ ଇନୋଭେସନ, କୋ-ଅପରେଟିଭ୍ ଫେଡେରାଲିଜିମ୍ ଏବଂ ମାପଯୋଗ୍ୟ ଫଳାଫଳ ସମ୍ପର୍କରେ ପରାମର୍ଶ ଯୋଗାଇଦେବ। ଏହା ସର୍ବୋଚ୍ଚ ସ୍ତରରେ ସରକାରଙ୍କୁ ରଣନୈତିକ ଦିଗଦର୍ଶନ ପ୍ରଦାନ କରିବ। ସିଟି-ଓଡ଼ିଶା ମୁଖ୍ୟତଃ ଛଅଟି ବିଷୟ ଉପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ। ସେଗୁଡ଼ିକ ହେଲା ଅର୍ଥନୀତି ଓ ଅର୍ଥ, ଗ୍ରାମୀଣ ଅର୍ଥନୀତି ଓ ଜୀବିକା, ନିଯୁକ୍ତି ଓ ସହରୀ ବିକାଶ, ଚିନ୍ତାଧାରା ଓ ▶ପୃଷ୍ଠା-୭

- ସରକାରଙ୍କ ଥିଙ୍କ୍‌ଟ୍ୟାଙ୍କ, ରଣନୈତିକ ପରାମର୍ଶଦାତା ସାଜିବ
- ମୁଖ୍ୟମନ୍ତ୍ରୀ ରହିବେ ସିଟି-ଓଡ଼ିଶା ପରିଚାଳନା ପରିଷଦର ଅଧ୍ୟକ୍ଷ

## ବିଜେଡିର ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ

**କାକବନ୍ଧ ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା**

■ ବାରିପଦା, ୧୮ ।୪ (ସମିସ): ରାସଗୋବିନ୍ଦପୁର ବ୍ଲକ୍ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଝାଡ଼ାବାନ୍ତିରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଓ ୧୫୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ଘଟଣାରେ ଶନିବାର ବିଜେଡି ପକ୍ଷରୁ ଆହୂତ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ ମିଳିଛି। ସମଗ୍ର ଜିଲ୍ଲାରେ ବନ୍ଦ ସଫଳ ହୋଇଛି। କଂଗ୍ରେସ ସମେତ ସିପିଆଇଏମ୍ ସମର୍ଥନ ଜଣାଇଥିବା ବେଳେ ସମସ୍ତ ଦଳର କର୍ମୀଙ୍କ ପିକେଟିଂ ଯୋଗୁଁ ୧୮ନଂ, ୪୯ନଂ



ଓ ୨୨୦ନଂ ଜାତୀୟ ରାଜପଥ, ବିଭିନ୍ନ ରାଜ୍ୟ ରାଜପଥରେ ଯାନବାହନ ଓ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ବେଳେ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ପୋଷ୍ଟ ଅଫିସ, ତହସିଲ ଅଫିସ ବନ୍ଦ ▶ପୃଷ୍ଠା-୭

- କଂଗ୍ରେସ ଓ ସିପିଆଇଏମ ସାମିଲ
- ସବୁ ବନ୍ଦ, ରାସ୍ତା ଖାଁ ଖାଁ
- ଆଦିବାସୀ ପ୍ରସଙ୍ଗରେ ପଶ୍ଚିମବଙ୍ଗ ନିର୍ବାଚନ ବିଜେପିକୁ ଅଡୁଆ

## ପ୍ରେମିକାର ବାପାକୁ ଭୁଜାଲିରେ ହାଣିଲା

### ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

■ ବାଲେଶ୍ୱର, ୧୮ ।୪ (ସମିସ): ପ୍ରେମିକାର ବାପାକୁ ହାଣିଦେଲା ପ୍ରେମିକ। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତରେ ଆଜି ଏପରି ଏକ ଆପରାଧିକ ଘଟଣା ଘଟିଛି। ଗୁରୁତରଜଣଙ୍କ ହେଲେ, ବସ୍ତା ଥାନା ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର ହରୀଶ ପ୍ରଧାନ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ସଂପର୍କରେ ବସ୍ତା ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ହରୀଶଙ୍କ ଝିଅକୁ ଜଣେ ଯୁବକ ଭଲ ପାଉଥିଲେ। କୌଣସି କାରଣକୁ ନେଇ ଆଜି ହରୀଶଙ୍କୁ ସମ୍ପୃକ୍ତ ଯୁବକ ଓ ତା'ର କିଛି ସହଯୋଗୀ ଭୁଜାଲିରେ ଆକ୍ରମଣ କରିଥିଲେ। ଏହାଛଡ଼ା ସେ ପ୍ରେମିକାଙ୍କ ବାପାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲା। ଏ ସଂପର୍କରେ ତାଙ୍କର ଜଣେ ସମ୍ପର୍କୀୟ ଦାଦା ଅନାଦି ପ୍ରଧାନଙ୍କ କହିବା ଅନୁସାରେ, ତାଙ୍କ ଗାଁ ▶ପୃଷ୍ଠା-୭




## ଲଘୁ ଖଣିଜ ସମ୍ପଦ ଲୁଟ୍ ପାଇଁ ଅଶାନ୍ତ ହେଉଛି କୋରେଇ

# ମାଜିଷ୍ଟ୍ରେଟଙ୍କୁ ମାଫିଆଙ୍କ ମରଣାନ୍ତକ ଆକ୍ରମଣ

ବ୍ୟାସନଗର,୧୮।୪(ସମିସ):

ବ୍ୟାସନଗର ତହସିଲ ଅନ୍ତର୍ଗତ କୋରେଇ ଥାନା ସାଦକପୁର ପଞ୍ଚାୟତରେ ଥିବା ଏକ ପୋଖରୀରୁ ବେଆଇନ ଭାବେ ମାଟି ଖନନ ଖବର ପାଇ ଚଢ଼ଉ ବେଳେ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଆକ୍ରମଣ ହୋଇଛି। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। କୋରେଇ ପୁଲିସ ତହସିଲଦାରଙ୍କୁ କୋରେଇ ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲ ପଠାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ , ସାଦକପୁର ପଞ୍ଚାୟତ ହଜାରୀ ପୋଖରୀରୁ ଶନିବାର ବେଆଇନ ଭାବେ ମାଟି ଖୋଳା ଯାଉଥିବା ଖବର ପାଇ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ତୁଳତୀ ଆର୍‌ଆଇ ଇତିଶ୍ରୀ ସେନାପତି ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଅଧିକାରୀଙ୍କୁ ହଠାତ୍ ଦେଖି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଏକ ଟ୍ରାକ୍ଟରକୁ ତହସିଲଦାର ଶ୍ରୀ ପଣ୍ଡା ଅଟକାଇ ଚାବି ଛଡ଼ାଇବାକୁ ଚେଷ୍ଟା କରିଥିଲେ। ହେଲେ ଉକ୍ତ ଟ୍ରାକ୍ଟର



ଚାଳକ ଗାଡ଼ିକୁ ଚଳନ୍ତା ଅବସ୍ଥାରେ ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଆଡ଼କୁ ଛାଡି ଦୌଡ଼ି ପଳାଇଥିଲା। ଫଳରେ ଗାଡ଼ିଟି ତହସିଲଦାରଙ୍କ ଗୋଡ଼ ଓ ଅଣ୍ଟାକୁ ଗଭୀର ଭାବେ ଧକ୍କା ଦେଇଥିଲା। କୋରେଇ ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତହସିଲଦାରଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ନେଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କୋରେଇ ଥାନାରେ ଲିଖିତ ଏତଲା ଦେଇଛନ୍ତି। ସେପଟେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଦୁର୍ଘଟଣା ଘଟଇଥିବା ଗାଡ଼ି ଓ ଚାଳକକୁ ଥାନାରେ ଅଟକ ରଖିଥିବା ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ତେବେ ଖବରପାଇ ଘଟଣାସ୍ଥଳରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଯାଜପୁର ପୁଲିସ ପ୍ରଶାସନ, ଦାନଗଦୀ ତହସିଲଦାର ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତେବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଉପରେ ଉଦ୍ଦେଶ୍ୟମୂଳକ ଭାବେ ଜୀବନରୁ

### ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହେଲେ ତହସିଲଦାର

ମାରିଦେବାକୁ ଗୋଷ୍ଠୀଗତ ଭାବେ ଉଦ୍ୟମ ହୋଇଥିବା କହିବ ସହିତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଆଗାମୀ ଦିନରେ ଲଘୁ ଖଣିଜ ସମ୍ପଦ ଲୁଟେରାଙ୍କୁ ଦୃଢ଼ ଭାବରେ ଦମନ କରିବାକୁ ଯାଜପୁର ଜିଲ୍ଲା ପ୍ରଶାସନ କାର୍ଯ୍ୟ କରିବ ବୋଲି ଶ୍ରୀ ନନ୍ଦ କହିଛନ୍ତି। ଏନେଇ ଥାନାରେ ଏତଲା ହୋଇଥିବା କହିବା ସହିତ ଖୁବ୍‌ଶୀଘ୍ର ଅନ୍ୟ ଅପରାଧୀଙ୍କୁ ଧରାଯିବ।

### ଖଣି ଅଧିକାରୀଙ୍କୁ ଆକ୍ରମଣ ଘଟଣା

# ୩ ଅଭିଯୁକ୍ତ ଅଦାଲତ ଚାଲାଣ

ପାଣିକୋଇଲି,୧୮।୪(ସମିସ): ପାଣିକୋଇଲି ପୁଲିସ ଆଜି ଖଣି ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ୩ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ତୋଡଙ୍ଗା ଗ୍ରାମର ଦୁଇ ଭାଇ ମାନସ କୁମାର ଜେନା (୩୮), ଜ୍ୟୋତି ରଞ୍ଜନ ଜେନା (୩୨) ଓ ଭଣ୍ଡାରୀ ପୋଖରୀ ଥାନା ଖପୁରିଆପଦା ଗ୍ରାମର ପ୍ରଦୀପ କୁମାର ବାରିକ (୩୬)। ପ୍ରକାଶଯେ ଗୁରୁବାର ବିଳମ୍ବିତ ରାତ୍ରୀରେ ଯାଜପୁର ଜୁନିୟର ଖଣି ଅଧିକାରୀ ବିଶ୍ୱଜିତ ସ୍ୱାଇଁ ସଦଳବଳେ ବୈତରଣୀ ବ୍ରିଜ ନିକଟରେ ବାଲିଗାଡ଼ି ଯାଞ୍ଚ କରୁଥିବା ବେଳେ ଆବଶ୍ୟକୀୟ କାଗଜପତ୍ର ନଥିବାରୁ ଏକ ବାଲି ବୋଝେଇ ହାଇୱା





(ଓଡି୨୨ଏସି ୯୭୫୭) ଜବତ କରିଥିଲେ। ମାଲିକ ଜିପିଏସ୍ ବନ୍ଦ କରି ଦେବାରୁ ଖଣି ବିଭାଗ ଗାଡ଼ି ନଆଣି ପାରି ଚାଳକକୁ ଆଣି ପାଣିକୋଇଲି ଥାନା ଜିମା ଦେଇଥିଲେ। ପରେ ସେ ଥାନାରୁ ଯାଜପୁର କାର୍ଯ୍ୟାଳୟକୁ ଫେରୁଥିବା ବେଳେ ମୂଳାପାଳ ଛକରେ ଦୃବୃର୍ତ୍ତମାନେ ଗାଡ଼ିଟିକୁ ଅଟକାଇବା ପରେ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରଇଥିଲେ। ଏନେଇ ଖଣି ଅଧିକାରୀ ୧୧୨କୁ ଫୋନ୍ କରିଥିଲେ। ଘଟଣାସ୍ଥଳରେ ପାଣିକୋଇଲି ପୁଲିସ ପହଞ୍ଚି ଖଣି ଅଧିକାରୀଙ୍କୁ ଉଦ୍ଧାର କରିବା ସହିତ ଦୁଇ ଜଣ ଦୃବୃର୍ତ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲେ। ଏନେଇ ଏକ ମାମଲା ୧୨୫/୨୬ ରୁଜୁ କରାଯାଇ ଚାଳକ ସମେତ ୩ ଜଣଙ୍କୁ ଆଜି ଅଦାଲତ ଚାଲାଣ କରାଯାଇଛି ବୋଲି ତଦନ୍ତାଧିକାରୀ ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ ସୂଚନା ଦେଇଛନ୍ତି।

## ପ୍ଲାଷ୍ଟିକ ବ୍ୟବହାର ଯୋଗୁଁ ଦଣ୍ଡପାଉଛନ୍ତି କୁକୁର

କୟାଁଗୋଲା,୧୮।୪(ସମିସ): ଦଶରଥପୁର ଅଞ୍ଚଳରେ ଗତ କିଛି ମାସ ହେଲା ବର୍ଜ୍ୟ ପ୍ଲାଷ୍ଟିକ ବସ୍ତୁରେ ଗୃହପାଳିତ ପଶୁ ମଧ୍ୟ କ୍ଷତିଗ୍ରସ୍ତ ହେବାର ଦେଖାଯାଉଛି। ନିକଟରେ ଏକ ବୁଲା କୁକୁର ପ୍ଲାଷ୍ଟିକ ଜାରରେ ମୁହଁ ପୂରେଇ ଦେବାରୁ ପ୍ଲାଷ୍ଟିକ ଜାର୍‌ଟି ତା' ମୁଣ୍ଡରେ ଲଟକି ଯାଇଥିଲା। ଯା' ଫଳରେ ତା'ର ଆଖିକୁ ଦେଖା ଯାଉଥିଲେ ମଧ୍ୟ ସେ ଖାଦ୍ୟ ପାଣି ପିଇ ପାରୁନଥିଲା। କିଛି ଯୁବକ ତା' ମୁଣ୍ଡରୁ ଜାରଟି ଖସେଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। କୁକୁରଟି ୨ ଦିନ ହେବ ଏଣେ ତେଣେ ବୁଲୁଥିଲେ ମଧ୍ୟ ସେ ଖାଇପାରୁ ନଥିଲା। ଦୁର୍ବଳ ହେଇଥିବା



ଦେଖାଯାଉଛି। ମଣିଷର ସାମାନ୍ୟ ଭୁଲ ପାଇଁ କୁକୁରଟି ବିନା କାରଣରେ ଶାସ୍ତି ପାଉଥିବାରୁ ପଶୁପ୍ରେମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବୁଲା ଗାଈଗୋରୁ ପ୍ଲାଷ୍ଟିକ ଜରିରେ କିଛି ଖାଦ୍ୟ ଲାଗିଥିଲେ। ଜରି ସହିତ ଖାଇ ରୋଗାଗ୍ରସ୍ତ ହେଉଥିବା ଦେଖାଯାଉଛି। ସରକାର ପ୍ଲାଷ୍ଟିକ ନିଷିଦ୍ଧ କରିଥିଲେ ମଧ୍ୟ ଏବେ ବି ବଜାରରେ ବହୁ ଜିନିଷ ପ୍ଲାଷ୍ଟିକ ପ୍ୟାକେଟରେ ମିଳୁଥିବା ଦେଖାଯାଇଛି। ଉପର ଠାଉରିଆ ଭାବରେ ଲୋକଙ୍କୁ ସଚେତନତା କରା ନଯାଇ ସଚେତନତା ବାର୍ତ୍ତାକୁ ଘରେ ଘରେ ନ ପହଞ୍ଚାଇଲେ ଭବିଷ୍ୟତରେ ଏପରି ଅନେକ କୁକୁର ଓ ଗାଈଗୋରୁ ଅଯଥାରେ ଦଣ୍ଡପାଇବେ ବୋଲି ସ୍ପଷ୍ଟ ଦେଖାଯାଉଛି।

## ଗରିଆପୁର ୟୁଜିଏମ୍‌ଇ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଯାଜପୁର,୧୮।୪(ସମିସ): ଯାଜପୁର ସହରସ୍ଥିତ ଗରିଆପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ବ୍ଲକର ବରିଷ୍ଠ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନିର୍ମଳ ଚନ୍ଦ୍ର ଜେନା ଏବଂ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଅକ୍ଷୟ କୁମାର ପଣ୍ଡା ଯୋଗଦେଇଥିଲେଫ ସେହିପରି ସମ୍ମାନିତ ବକ୍ତାଭାବେ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନାୟକ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଯାଜପୁର ବ୍ଲକର ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବରଦା ଭୂଷଣ ମହାପାତ୍ର, ପ୍ରାକ୍ତନ ଶିକ୍ଷକ ବିଜୟାନନ୍ଦ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଇଦୁଜ୍ ଜମାନ, ପଞ୍ଚଶଖା ଶିକ୍ଷା ସେତୁର ଅଧ୍ୟକ୍ଷ ଅରସ୍‌ଦୁଜ୍ ଜମାନ, ବିଡି କ୍ଲଷ୍ଟରର ସିଆର୍‌ସିସି. ସରଫୁଜ ଜମାନ, ମ୍ୟୁନିସପାଲ ହାଇସ୍କୁଲ କଷ୍ଟରର ସିଆର୍‌ସିସି ତିମିର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିବା ସହ ଶିକ୍ଷା ଏବଂ କ୍ରୀଡ଼ାର ଆବଶ୍ୟକ ଓ ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବରିଷ୍ଠ ଶିକ୍ଷକ ଆର୍ତ୍ତତ୍ରାଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ରୀନା ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସୁମିତ୍ରା ରାଉଳଙ୍କ ସହଯୋଗରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସଫିଉର ରେହେମାନ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ସାହିତ୍ୟ ସମାଜ ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ପାଣିକୋଇଲି,୧୮।୪(ସମିସ): ଉତ୍କଳ ସାହିତ୍ୟ ସମାଜ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଯାଜପୁର ଜିଲ୍ଲା ଶାଖା ଆବାହକ ଡ. ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ପାଣିକୋଇଲି ସ୍ଥିତ ମା' ତାରିଣୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମେ' ୭ ତାରିଖ ଅପରାହ୍ନରେ ନହକା, ଦଣ୍ଡକିରୀ ସତ୍ୟସାଇ ଗୁରୁକୁଳ ଶିକ୍ଷାଶ୍ରମ ପରିସରରେ ଓ ଜୁଲାଇ ୭ ତାରିଖରେ ଯାଜପୁର ଜିଲ୍ଲା ସଦରମହକୁମା ଠାରେ ଯଥାକ୍ରମେ ଉତ୍କଳ ସାହିତ୍ୟ ସମାଜ ଓ ଉତ୍କଳ ସାହିତ୍ୟ ସମାଜ ଯାଜପୁର ଜିଲ୍ଲା ଶାଖାର ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହା ସହିତ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଉତ୍କଳ ସାହିତ୍ୟ ସମାଜ ଜିଲ୍ଲା ସଂଯୋଜିକା ସଂଯୁକ୍ତା ମହାପାତ୍ର ଉଭୟ କାର୍ଯ୍ୟକ୍ରମର ବିସ୍ତୃତ ସୂଚନା ପ୍ରଦାନ କରିଥିବା ବେଳେ ରାଜା ବାରୁଣୀ ବସୁକଳ୍ପ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାହିତ୍ୟ ସମାଜର ଆଜୀବନ ସଦସ୍ୟ ମଧୁସୂଦନ ମହାପାତ୍ର, ବାଇଧର ମାଝୀ, ନାରାୟଣ ଶତପଥୀ, ଜଗତ ମୋହନ, ଅନସୂୟା ମହାପାତ୍ର ଓ ଦୀପ୍ତିମାଳା ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କନ୍ୟାବିବାହ ଯୋଜନାର ସମୀକ୍ଷା କଲେ ଜିଲ୍ଲାପାଳ

ପାଣିକୋଇଲି,୧୮।୪(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ସ୍ଥିତ ବାବା ଲିଙ୍ଗେଶ୍ୱର ପୀଠରେ ଆସନ୍ତା ୨୧ ତାରିଖ ହେବାକୁ ଯାଉଛି ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା। ଆଜି ଏହାକୁ ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଅମ୍ବର କୁମାର କର। ଉକ୍ତ ଦିନ ପଞ୍ଜିକୃତ କରିଥିବା ଦାରିଦ୍ର ସୀମାରେଖା ତଳେ ଥିବା ୬୪ ଯୋଡ଼ା ବରକନ୍ୟାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଏହା ମଧ୍ୟରେ ଯଦି ଆଉ କେହି ପଞ୍ଜିକୃତ କରନ୍ତି; ତା' ହେଲେ ସେମାନଙ୍କୁ ମଧ୍ୟ ସାମିଲ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ସରକାର ତରଫରୁ କନ୍ୟାମାନଙ୍କୁ ସରକାରୀ ପ୍ରୋତ୍ସାହନ ବ୍ୟାଙ୍କ ଜମାଖାତା ମାଧ୍ୟରେ ସିଧାସଳଖ ପଠାଇଦିଆଯିବ। ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି। ମନ୍ଦିର ପରିସରରେ ୧୫ଟି ବେଦି ନିର୍ମାଣ କରାଯାଇଛି। ପ୍ରତି ବେଦିରେ ୪ ଯୋଡ଼ା ବରକନ୍ୟାଙ୍କ ବିବାହ ସମ୍ପନ୍ନ କରାଯିବ। ଏଥି ନିମନ୍ତେ ୬୦ରୁ ଊର୍ଦ୍ଧ୍ୱ ବ୍ରାହ୍ମଣ ନିୟୋଜିତ କରାଯାଇଛି। ବରକନ୍ୟଙ୍କ ସହ ଆସିଥିବା ପରିବାର ଓ ବନ୍ଧୁ ପରିଜନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଖାଦ୍ୟ ବ୍ୟବସ୍ଥା କରାଯିବ। ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ତଦାରଖ କରିବେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ସବ କଲେକଟର ତାପସ କୁମାର ସାହୁ, ସମାଜମଙ୍ଗଳ ବୋର୍ଡ ଅଧିକାରୀ ପାର୍ବତୀ ସାହୁ, ପ୍ରୋଗ୍ରାମ ଅଫିସର ଲିଲି ଗାଗରାଇ, ସିଡିପିଓ କୋରେଇ ଶାନ୍ତିଲତା ବେସ୍ରା, ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ, ସଖି ମ୍ୟାନେଜର ନିବେଦିତା ଶରଣ, ସଦାଶିବ ରାଉଳ, ସାଂସଦ ପ୍ରତିନିଧି ପ୍ରଦୀପ ଧଳ, ଲିଙ୍ଗେଶ୍ୱର କମିଟିର ସଭାପତି ବସୁଦେବ ପରିଡ଼ା, ସମ୍ପାଦକ ବିଷ୍ଣୁଚରଣ ଧଳ, ଉପସଭାପତି ନାଣ୍ଟୁ ମଳିକ, ସହକାରୀ ସମ୍ପାଦକ ଅନିରୁଦ୍ଧ ସେଠୀ ଓ କୋଷାଧ୍ୟକ୍ଷ ରମେଶ ସାହୁଙ୍କ ସମେତ ବିରିଷ୍ଠ ସଦସ୍ୟ ପ୍ରତାପ ଧଳ, ଗଦାଧର ଧଳ, ବୃନ୍ଦାବନ ସାହୁ, ନିକୁଞ୍ଜ ବିହାରୀ ସାହୁ, ଶରତ ଚନ୍ଦ୍ର ଧଳ, ପ୍ରମୋଦ ସାହୁ, ଦୈତରୀ ଧଳ, ଦିଲ୍ଲିପ ଧଳ, ପ୍ରଦୀପ ଧଳ, ବନମାଳୀ ଦାସ, ଆନନ୍ଦ ପାଲ, ଗୋଲଖ ଚନ୍ଦ୍ର ମାଝୀ, ଭଗବାନ ସାହୁ, ନିରଞ୍ଜନ ପାଣିଗ୍ରାହୀ, କୈଳାସ ସାହୁ, ଶଙ୍କର୍ଷଣ ପରିଡା, ସନ୍ତୋଷ ଧଳ, ମାନସ ରଞ୍ଜନ ଧଳ, ରମେଶ ସାହୁ, ରାଜ କିଶୋର ମଲ୍ଲିକ, ବିଷ୍ଣୁ ଚରଣ ଧଳ, ତାପସ ରଞ୍ଜନ ଧଳ, ନିତ୍ୟାନନ୍ଦ ପରିଡା, ମଦନ ମୋହନ ମାଝୀ, ଭବ ରଞ୍ଜନ ଧଳ, ଅକ୍ଷୟ କୁମାର ଧଳ ପ୍ରମୁଖ ଯୋଗଦେଇଥିଲେ।

## ବୃନ୍ଦାବନଚନ୍ଦ୍ର ଜିଉଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ମଙ୍ଗଳପୁର,୧୮।୪(ସମିସ): ଦଶରଥପୁର ବ୍ଲକ ତରପଦା ପଞ୍ଚାୟତ ଖୋସାଲପୁର ଗ୍ରାମରେ ଶୁକ୍ରବାରଠାରୁ ଗ୍ରାମରେ ଅବସ୍ଥିତ ବୃନ୍ଦାବନଚନ୍ଦ୍ରଜିଉଙ୍କର ନୂତନ ବିଗ୍ରହ ପ୍ରତିଷ୍ଠା ଓ ନବୀକରଣ ଯଜ୍ଞଉତ୍ସବ ଆରମ୍ଭ ହୋଇଛି। ଏହା ସୋମବାର ଅକ୍ଷୟ ତୃତୀୟା ଦିନ ଶେଷ ହେବ ବୋଲି ଜଣାଯାଇଛି। ଆଜି ଡୋବାବିଲ ସ୍ଥିତ ବୈତରଣୀ ନଦୀରେ କଳସ ବୁଡ଼ାଯିବା ପରେ ଗ୍ରାମର ମହିଳାମାନେ ଏକ ବିରାଟ ଶୋଭାଯାତ୍ରାରେ ବାଜା ବାଣ ଓ ରୋଷଣୀ ମାଧ୍ୟମରେ ଯଜ୍ଞମଣ୍ଡପ ନିକଟରେ ପହଞ୍ଚିଥିଲେ। ଯାଜପୁରସ୍ଥ ବିରଜା ମନ୍ଦିରର ପୁରୋଧା ସରୋଜ କୁମାର ପତି, ବିରଜା ଶଙ୍କର ପତି, ଦୀପକ କୁମାର ପାଣିଗ୍ରାହୀ, ବାଳକୃଷ୍ଣ ରଥ, ଯୁଗଳ କିଶୋର ମିଶ୍ର, ଲକ୍ଷ୍ମୀଧର ଷଡ଼ଙ୍ଗୀ, ସାଇ ପ୍ରସାଦ ରଥ ପ୍ରମୁଖ ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପାଦନ ହେଉଥିବା ବେଳେ ଗାଁ ପୁରୋହିତ ଜୀବନ ତ୍ରିପାଠୀ ଓ ପ୍ରଭାତ ତ୍ରିପାଠୀ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି। ଗ୍ରାମର ପ୍ରିୟବ୍ରତ ଦାଶ ଓ ତାଙ୍କ ଧର୍ମପତ୍ନୀ ମୋନାଲିସା ଦାଶ ସଂକଳ୍ପ କରିଥିବା ବେଳେ ଗ୍ରାମବାସୀଙ୍କ ସହଯୋଗରେ ଏହି ଯଜ୍ଞ କାର୍ଯ୍ୟ ସମ୍ପାଦନ ହେଉଛି।

## କଣ୍ଟିପୁର କୂଳସାହି ନୋଡାଲ ସ୍କୁଲର ବାର୍ଷିକ ଉତ୍ସବ

ପ୍ରୀତିପୁର,୧୮।୪(ସମିସ): କଣ୍ଟିପୁର କୂଳସାହି ନୋଡାଲ ୟୁପି ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ



ଫେଡେରେସନର ଉପସଭାପତି ତଥା ଶିକ୍ଷକ ନେତା ରତନଲଲାଲ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ସହଶିକ୍ଷା ଅଧିକାରୀ ବଳରାମ ପତି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ରଣପୁର ପଞ୍ଚାୟତର ସରପଞ୍ଚ ବନମାଳୀ ସାମଲ, ସମ୍ମାନିତ ଅତିଥି ଭାବରେ ରଙ୍ଗାଧର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନାଦି ଚରଣ ଜେନା, ବରିଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ଟିକିଲତା ବେହେରା, ରଣପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଂଗ୍ରାମ କେଶରୀ ସାମଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୟ କୁମାର ନାୟକ, ଶିକ୍ଷାବିତ୍ ଅଲେଖ ଚରଣ ସାମଲ, ଜଗନ୍ନାଥପୁର ବେହେରାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ସାମଲ, ମଲ୍ଲୀପୁର ଜେନାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହମ୍ମଦ ଫହୀମ, କୈଳାସ ଚନ୍ଦ୍ର ବେହେରା, ଜ୍ୟୋତିପ୍ରଭା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାମଲ ଅତିଥି ପରିଚୟ ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ହୋଇ ଯାଇଥିବା କ୍ରୀଡା ପ୍ରତିଯୋଗୀତାର ବିଜୟୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଗୁଡ଼ିକୁ ବିଦ୍ୟାଳର ଶିକ୍ଷକ ଶିକ୍ଷୟିତ୍ରୀ ଭୀମସେନ ହୋ, ସଂଯୁକ୍ତା ଦାଶ, ରେଣୁବାଳା ବେହୁରିଆ, ମମତା ଜେନା ଓ କୈଳାସ ଚନ୍ଦ୍ର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଆହତ ନବଘନର ମୃତ୍ୟୁ

ପାଣିକୋଇଲି,୧୮।୪(ସମିସ): ପାଣିକୋଇଲି ଥାନା ତଥା ଯାଜପୁର ବ୍ଲକ ମାଳ ଆନନ୍ଦପୁର ପଞ୍ଚାୟତ ବାଲିପଶି ଗ୍ରାମର ନବଘନ ସାହୁ(୪୫)ଙ୍କ ଦୁର୍ଘଟଣା ଯୋଗୁ ଚିକତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ ଗ୍ରାମକୁ ଅଣାଯିବା ପରେ ଶହ ଶହ ଲୋକ ରୁଣ୍ଡ ହୋଇ ଶେଷ ଦର୍ଶନ କରିବା ପରେ ଲିଙ୍ଗେଶ୍ୱର ମହାଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ପ୍ରକାଶ ଯେ ବାଲିପଶି ଗ୍ରାମର ନବଘନ ସାହୁ (ବାବାନ) ଗତ ମଙ୍ଗଳବାର କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ନିକଟରେ ବୁଲେଟ ନେଇ ଆସୁଥିବା ବେଳେ ଦୁର୍ଘଟଣାରେ ଶିକାର ହୋଇଥିଲେ। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ନେଇ ଚିକିତ୍ସା କରାଯାଉଥିଲା। ଗତକାଲି ତାଙ୍କର ଚିକତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମରଶରୀରକୁ ଷଠିପୁର ଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ଗ୍ରାମକୁ ନିଆଯାଇଥିଲା। ସେଠାରୁ ଲିଙ୍ଗେଶ୍ୱର ଘାଟକୁ ନେଇ ଶେଷକୃତ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ପୁଅ କାଳନ୍ଦୀ ସାହୁ ମୁଖାଗ୍ନି ଦେଇଥିଲା। ସାନପୁଅ ତପନ ସମେତ ପତ୍ନୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ଟ୍ରାକ୍ଟରକୁ ପିଟିଲା ଡମ୍ଫର



କବାଟବନ୍ଧ,୧୮।୪(ସମିସ): ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କୁସୁନପୁର ନିକଟରେ ଏକ ଦୁର୍ଘଟଣାରେ ଦୁଇଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ଦୁର୍ଘଟଣାରେ ଉଭୟ ଗାଡ଼ିର ଚାଳକ ସୁରକ୍ଷିତ ରହିଥିବା ଜଣାପଡିଛି। ଖବର ଅନୁସାରେ ଶନିବାର ଅପରାହ୍ନରେ ରାଜପଥରେ ଏକ ପାଣି ଟ୍ୟାଙ୍କର ଟ୍ରାକ୍ଟର ଯାଉଥିବା ସମୟରେ ବିପରୀତ ଦିଗରୁ ଚଣ୍ଡିଖୋଲରୁ ଡୁବୁରୀ ପଟକୁ ଯାଉଥିବା ଏକ ଡମ୍ଫର ତାକୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ି କ୍ଷତି ଗ୍ରସ୍ତ ହୋଇ ରାଜପଥ ଉପରେ ରହିଥିଲେ। ଜାତୀୟ ରାଜପଥ ପକ୍ଷରୁ ରାସ୍ତା ଉପରୁ ଗାଡିକୁ ସ୍ଥାନାନ୍ତରିତ କଟାଯାଇଥିଲା। ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

# ଜିଲ୍ଲାର ବିଭିନ୍ନ ଥାନାରେ ଜଳଛତ୍ର



ଯାଜପୁର,୧୮।୪(ସମିସ):

ଯାଜପୁର ଜିଲ୍ଲାର ବିଭିନ୍ନ ଥାନାରେ ଜଳଛତ୍ର ଖୋଲାଯାଇଛି। ଯାଜପୁର ଏସ୍‌ପି ୟସ୍‌ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଥାନାରେ ଏହି ଜଳଛତ୍ର ଖୋଲାଯାଇଛି। ପାଣିକୋଇଲି ଥାନା ରେ ଯାଜପୁର ଏସପି ୟସ୍ ପ୍ରତାପ ଶ୍ରୀମଲ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଉପଜିଲ୍ଲାପାଳ ତାପସ କୁମାର ଦେହୁରୀ, ଅତିରିକ୍ତ ଏସପି ଶୀତିକଣ୍ଠ କାନୁନଗୋ, ଶଙ୍କର୍ଷଣ ଦଳାଇ, ରିର୍ଜଭ ଇନ୍ସପେକ୍ଟର ଦିନେଶ ସାହୁ, ଡିଏସପି ଜୟନ୍ତ ସେଠୀଙ୍କ ସମତେ ହେଡକ୍ୱାଟର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଥାନାଧିକାରୀ ରଞ୍ଜିତ ମହାନ୍ତି , ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାଶ, ସୁଶ୍ରୀ ମିନତୀ ବେହେରାଙ୍କ ସମେତ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ, ସମାଜସେବୀ ସୂର୍ଯ୍ୟମଣି ପଣ୍ଡା, ଶଶିକାନ୍ତ ମଲ୍ଲିକ, ଜହର ଅଲ୍ଲୀ ଓ ପାଣିକୋଇଲିର କାର୍ଯ୍ୟରତ ସମ୍ବାଦିକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ସେହିପରି ଜିଲ୍ଲାର ବରୀ, ବିଞ୍ଝାରପୁର, ମଙ୍ଗଳପୁର, ଯାଜପୁର ସଦର ଥାନା ପକ୍ଷରୁ ମଧ୍ୟ ଜଳଛତ୍ର ଖୋଲାଯାଇଥିବା ଜଣାପଡିଛି।

## ଟମକା ପୁଲିସ୍ ପକ୍ଷରୁ ଖୋଲିଲା ଜଳଛତ୍ର

ଦାନଗଦି/ଟମକା,୧୮।୪(ସମିସ): ସାରା ରାଜ୍ୟରେ ପ୍ରଚଣ୍ଡ ଖରା ତାତିକୁ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଅଧିକ ପଥଚାରୀମାନଙ୍କୁ ଅଂଶୁଘାତରୁ ରକ୍ଷା କରିବା ଲକ୍ଷ୍ୟରେ ଯାଜପୁର ପୁଲିସ୍ ତରଫରୁ ଜଳଛତ୍ର ଶନିବାର ଠାରୁ ପ୍ରତ୍ୟେକ ଥାନା ଅଞ୍ଚଳରେ ଖୋଲାଯାଇଛି।



ଏହି ପରିପ୍ରେକ୍ଷୀରେ ଟମକା ପୁଲିସ୍ ଆନୁକୂଲ୍ୟରେ କଳିଙ୍ଗନଗରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଟମକା ଛକ ଠାରେ ଜଳଛତ୍ର କେନ୍ଦ୍ରକୁ ଉଦ୍‌ଘାଟନ କରି ଲୋକମାନଙ୍କୁ ଦହି ସରବତ୍ ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନାର ଆଇଆଇସି ବିନତୀ ଦାସ, ସବ୍ ଇନସ୍‌ପେକ୍ଟର ଦୀପ୍ତିଶେଖର ଦାସ, ଅମିତା ପଣ୍ଡା, କିଆଝର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ସମାଜସେବୀ ସୌମ୍ୟରଞ୍ଜନ ମହାପାତ୍ର, ଦେଉଳକଣ ସରପଞ୍ଚ ବିଜୟକୁମାର ଯେନା ସ୍ଥାନୀୟ ମହାଗିରି ପ୍ରେସ୍ କ୍ଲବର କର୍ମକର୍ତ୍ତା, ଉପସ୍ଥିତ ରହି ପଥଚାରୀମାନଙ୍କୁ ଦହି ପାଣି ବଣ୍ଟନ କରିଥିଲେ। ଏପରି ଜନହିତକର କାର୍ଯ୍ୟ କରିଥିବାରୁ ସ୍ଥାନୀୟ ପ୍ରଶାସନକୁ ଲୋକେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଟମକା ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ପୁଲିସର ମୁଣ୍ଡବ୍ୟଥା ବଢ଼ାଇଛନ୍ତି ନାବାଳକ ଚୋର

**ପ୍ରୋତ୍ସାହନ ଦେଉଛନ୍ତି କବାଡ଼ିଆ**

ବସ୍ତା ବ୍ଲକ, ୧୮।୪ (ସମିସ)

ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରେ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଏହି ଚୋରିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ଅଧିକ ନାବାଳକ ରହୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସାଧାରଣରେ ମୁଣ୍ଡବଥାର କାରଣ ପାଲଟିଛି। ବିଶେଷ କରି ଆଠ ନଅ ବର୍ଷରୁ ଆରମ୍ଭ କରି ୧୫ ବର୍ଷ ନାବାଳକ ମାନେ ଚୋରି ରେ ସାମିଲ ହେଉଛନ୍ତି। ଅନେକ ସ୍ଥାନରେ କିଛି ନାବାଳକ ଚୋରଙ୍କୁ ଲୋକେ ଧରି ପୁଲିସରେ ଜିମା ଦେଉଥିବା ବେଳେ ସେମାନଙ୍କୁ ଥାନାରେ ରଖି ପୁଲିସ ଅସହାୟ ହୋଇ ପଡୁଛି। ଏହି ନାବାଳକଙ୍କୁ ଚୋରି କରିବାର ପ୍ରୋତ୍ସାହନ ଦେଉଛନ୍ତି କବଡିଆ ଗୋଦାମ ମାଲିକ ବୋଲି ଅଭିଯୋଗ ହେଉଛି। ଛୋଟ ଛୋଟ ଚୋରି କରି ଧରା ପଡ଼ିବା ପରେ ଛୋଟ ପିଲା ଭାବି ଲୋକେ ଛାଡ଼ି ଦେଉଥିବା ବେଳେ ସେମାନଙ୍କୁ ଏହାର ଫାଇଦା ମିଳୁଛି।

ପ୍ରକାଶ ଯେ, ଗତ କିଛି ଦିନ ପୂର୍ବରୁ ବସ୍ତା ବ୍ଲକ କାର୍ଯ୍ୟାଳୟରେ ଦିନ ଦ୍ୱିପ୍ରହରରେ ସ୍ଥାନୀୟ ଗ୍ରାମର ଦୁଇ ନାବାଳକ ଆଇ ଆଇ ସି ଏସ କାର୍ଯ୍ୟାଳୟ ନିକଟରେ ଲାଗିଥିବା ସିସିଟିଭିକୁ ଭାଙ୍ଗି ଚୋରି ଉଦ୍ୟମ କରି ଧରା ପଡ଼ିବା ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିଥିଲା। ସେମାନଙ୍କ ଟାର୍ଗେଟରେ ସରକାରୀ କାର୍ଯ୍ୟାଳୟ, ସ୍କୁଲ ସହିତ ଚାବି ପଡ଼ିଥିବା ଘର ସବୁ ରହିଛି। ସରକାରୀ ଛୁଟି ଦିନ ମାନଙ୍କରେ ସେମାନେ କାର୍ଯାଳୟ ବାହାରେ ପଡ଼ିଥିବା ସାମଗ୍ରୀ, ଏସି ତାର, ପିତ୍ତଳ ପାଇପ, କାର ବ୍ୟାଟେରୀ, କ୍ୱାର୍ଟର ରେ ପଶି ମୋବାଇଲ, ଗ୍ୟାସ ଟାଙ୍କି, ସେହିପରି ବ୍ୟବସାୟୀକ ପ୍ରତିଷ୍ଠାନରେ ବାହାରେ ଲାଗିଥିବା ଷ୍ଟିଲ ପାଇପ୍ ଏମିତି ସୁଯୋଗ ମିଳିଲେ ସୁନା ଗହଣା, ଟଙ୍କା ପଇସା ନେଇ ପଳାଉଛନ୍ତି। ସେମାନେ ଚୋରି ସାମଗ୍ରୀକୁ ତୁରନ୍ତ ନେଇ କବାଡିଆଙ୍କୁ ବିକ୍ରି କରିଦେଉଛନ୍ତି। ସେମାନେ ମୂଲ୍ୟବାନ ଚୋରି ସାମଗ୍ରୀ ଶହେ ଦୁଇଶହ ଟଙ୍କାରେ କିଣି ନେଉଛନ୍ତି। ଧୀରେ ଧୀରେ ଏହି ସମସ୍ୟା ଜଟିଳ ହେବାରେ ଲାଗିଛି। ନାବାଳକ ଅଭିଯୁକ୍ତଙ୍କୁ ପୁଲିସରେ ହସ୍ତାନ୍ତର କଲେ ଶିଶୁ ଆଇନ ଉଲ୍ଲଙ୍ଘନ ଭୟରେ ପୁଲିସ ସେମାନଙ୍କୁ ଧମକ ଦେଇ ପୁଣି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରୁଛି। ଏହା ଦ୍ୱାରା ଛୋଟ ଚୋରିରୁ ବଡ ବଡ କ୍ରିମିନାଲ ହେବାର ରାସ୍ତା ତିଆରି ହେବାରେ ଲାଗିଥିବା କୁହା ଯାଉଛି। ବିଶେଷକରି ସରକାରୀ ଜମିରେ ଘର କରି କବାଡ଼ିଆ ଗୋଦାମ ମାଲିକମାନଙ୍କ ରାଜକୀୟ ଚଳନି, ଦାମୀ ଗାଡ଼ି, ମୋବାଇଲ ବ୍ୟବହାର ସମସ୍ତଙ୍କୁ ଚକିତ କରିଛି। ଏହି କବାଡିଆ ମାନେ ଟ୍ରକ୍ ସହିତ ଭାରି ଯାନ ବ୍ୟାଟେରୀ, ଚୋରି ବାଇକ, ପାଣି ମୋଟର, ଚୋର କାର, କୁହା ଖୁଣ୍ଟି, ମୋବାଇଲ ଟାୱାର ର ସାମଗ୍ରୀ ଭଳି ସବୁ ପ୍ରକାର ର ଚୋରି ସାମଗ୍ରୀକୁ ତତକ୍ଷଣାତ କରି ଗ୍ୟାସରେ କାଟି ଖଣ୍ଡ ଖଣ୍ଡ କରି ପଶ୍ଚିମବଙ୍ଗ କୁ ଚାଲାଣ କରି ମାଲେମାଲ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଏହି ସବୁ କବାଡିଆ ଗୋଦାମ ଉପରେ ପୁଲିସର ବାରମ୍ବାର ଚଢାଉ ସହିତ ଯଦି କିଛି ଚୋରି ସାମଗ୍ରୀ ଜବତ ହୁଏ ତାହା ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ବିଦ୍ୟୁତ୍ ଆଘାତରେ ବାଳକ ମୃତ

ସିମୁଳିଆ, ୧୮।୪ (ସମିସ): ସିମୁଳିଆ ଥାନା ଅନ୍ତର୍ଗତ ମୁରୁଣା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ସୁବାଷ ଚନ୍ଦ୍ର ବେହେରାଙ୍କ ପୁଅ ଓମ ପ୍ରକାଶ (୧୧) ବର୍ଷ ଘରେ ବିଦ୍ୟୁତ ଫ୍ୟାନକୁ ହାତ ମାରିବା କ୍ଷଣି ବିଦ୍ୟୁତ ଆଘାତପ୍ରାପ୍ତ ହୋଇଥିଲା। ସଙ୍ଗେ ସଙ୍ଗେ ପରିବାର ପକ୍ଷରୁ ଓମକୁ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବର ପାଇ ସିମୁଳିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ସିଜରିଆନ ଡେଲିଭରି ନିୟନ୍ତ୍ରଣ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ

ବାଲେଶ୍ୱର,୧୮।୪(ସମିସ): ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ସମସ୍ତ ବେସରକାରୀ ହସ୍ପିଟାଲର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଜେରିଆନ ଡେଲିଭେରିର ପ୍ରବଣତା ଉପରେ ଚିନ୍ତା ବ୍ୟକ୍ତ କରାଯାଇଥିଲା। ବୈଠକରେ ଆଲୋଚନା ହୋଇଥିଲା ଯେ,କିଛି ହସ୍ପିଟାଲରେ ଅସାମାନ୍ୟ ଭାବେ ଅଧିକ ହାରରେ ପ୍ରସୂତୀ ମହିଳାଙ୍କର ସିଜରିଆନ ଡେଲିଭରି କରାଯାଉଛି। ଏପରି ପ୍ରଚଳନ ଅନେକ ସମୟରେ ଅଚିକିତ୍ସାମୂଳକ କାରଣରୁ ପ୍ରେରିତ ହୋଇଥାଇପାରେ ଯାହା ମାତୃ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବା ସହ ରୋଗୀ ପରିବାରଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ସୃଷ୍ଟି କରିଥାଏ ବୋଲି ଆଲୋଚନା ହୋଇଥିଲା। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ସିଜରିଆନ ଡେଲିଭେରି କେବଳ ଯଥାର୍ଥ ଚିକିତ୍ସାଜନିତ ଆବଶ୍ୟକତା ଅନୁଯାୟୀ କରାଯିବା ଉଚିତ। ଏହାକୁ ରୁଟିନ ପ୍ରକ୍ରିୟା ଭାବେ ଗ୍ରହଣ କରାଯିବ ନାହିଁ। ମାତୃ ସ୍ୱାସ୍ଥ୍ୟର ସୁରକ୍ଷା ଓ ନିୟମିତ ପାଳନ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ସ୍ତରରେ ମନିଟରିଂ ଟିମ ଗଠନ କରାଯିବ। ଏହି ଟିମ ନିୟମିତ ଓ ଆକସ୍ମିକ ଭାବେ ବେସରକାରୀ ହସ୍ପିଟାଲ ପରିଦର୍ଶନ କରିବେ। ଯେକୌଣସି ହସ୍ପିଟାଲ ଯଦି ଅନୁଚିତ ବା ଅନୈତିକ ଭାବରେ ସିଜେରିଆନ ଡେଲିଭେରି କରୁଥିବାର ଧରାପଡେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହିତ ଲାଇସେନ୍ସ ବାତିଲ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏହାଛଡା ସମସ୍ତ ବେସରକାରୀ ହସପିଟାଲରେ ଚିକିତ୍ସା ରେକର୍ଡରେ ପାରଦର୍ଶିତା ରଖିବା ଏବଂ ପ୍ରଚଳିତ ଚିକିତ୍ସା ନିୟମ ଓ ନୈତିକ ମାନଦଣ୍ଡକୁ କଡ଼ା ଭାବରେ ପାଳନ କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି।

## ଗଣିତ ବୃତ୍ତି ପରୀକ୍ଷା ଓ ସାଂସ୍କୃତିକ ପ୍ରତିଯୋଗିତା

ବାଲେଶ୍ୱର,୧୮।୪ (ସମିସ): ରାମଚନ୍ଦ୍ର ପଣ୍ଡା ଏଜୁକେସନ ଫାଉଣ୍ଡେସନ ଟ୍ରଷ୍ଟ ଓ ନୃତ୍ୟ ପ୍ରତିଷ୍ଠାନ 'ନାଚ୍'ର ମିଳିତ ସହଭାଗିତାରେ ଗଣିତ ବୃତ୍ତି ପରୀକ୍ଷା ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ



ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କ ୧୧୨ତମ ଜୟନ୍ତୀ ମଧ୍ୟ ପାଳିତ ହୋଇଛି। ଆୟୋଜିତ ହୋଇଥିବା ପ୍ରତିଯୋଗିତାରେ ଶିକ୍ଷାର୍ଥୀମାନଙ୍କ ପାଇଁ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ, ଭଜନ ଗାୟନ ଓ ଭଜନ ଆଧାରିତ ନୃତ୍ୟ ସହିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ ତିନିଜଣ ବିଜେତାଙ୍କୁ ଏହି ସଭାରେ ସମ୍ମାନିତ କରାଯାଇଥିଲା। ପ୍ରଖ୍ୟାତ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନାରାୟଣ ପଣ୍ଡା ଟ୍ରଷ୍ଟର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ସମାଜରେ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟର ପ୍ରଚାର-ପ୍ରସାର ଉପରେ ଜୋର୍ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରସାଳପୁର କଲେଜର ପୂର୍ବତନ ପ୍ରଧାନାଚାର୍ଯ୍ୟା କବିତା ପଣ୍ଡା ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କ ଜୀବନ ଓ ଆଦର୍ଶକୁ ଉଜାଗର କରିଥିଲେ। ଏହି କାର୍ଯ୍ୟକ୍ରମରେ ଅରୁଣାଂଶୁ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। 'ନାଚ୍' ଡାନ୍ସ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶିକା ଓ ନୃତ୍ୟଶିଳ୍ପୀ ରୋନାଲିସା ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗଣିତ ବୃତ୍ତି ପରୀକ୍ଷାରେ ସଫଳ ମେଧାବୀ ଶିକ୍ଷାର୍ଥୀମାନଙ୍କୁ ନଗଦ ପୁରସ୍କାର, ସନନ୍ଦପତ୍ର ଓ ମେମେଣ୍ଟୋ ଦିଆଯାଇଥିବା ବେଳେ ସାଂସ୍କୃତିକ ପ୍ରତିଯୋଗିତାର ବିଜେତାମାନଙ୍କୁ ସନନ୍ଦପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା।

## ବେଆଇନ ବାଲି ଖାଦାନ ରାସ୍ତା କାଟିଲା ପ୍ରଶାସନ



**'ସକାଳ' ପ୍ରଭାବ**

ରାଜଘାଟ, ୧୮।୪ (ସମିସ): ବସ୍ତା ବ୍ଲକ ଧିତପୁରା ହନୁମାନ ମନ୍ଦିର ନିକଟରେ ଦୀର୍ଘଦିନ ହେବ ଚାଲିଥିବା ଚୋରା ବାଲି ଖାଦାନ ଉପରେ ଶନିବାର ପୂର୍ବାହ୍ନରେ ବସ୍ତା ଜୁନିୟର ଖଣି ଅଧିକାରୀ, ବସ୍ତା ଅତିରିକ୍ତ ତହସିଲଦାର, ବସ୍ତା ପୁଲିସ ମିଳିତ ଚଢାଉ କରିଛନ୍ତି। ସମସ୍ତ ପ୍ରଶାସନିକ ଅଧିକାରୀ ସଦଳବଳେ ପହଞ୍ଚି ଜେସିବି ଲଗାଇ ଖାଦାନକୁ ଯାଇଥିବା ରାସ୍ତା, ନଦୀ ଗର୍ଭରେ ତିନୋଟି ଜାଗା କାଟି ଦେଇଛନ୍ତି। ଫଳରେ ଟ୍ରାକ୍ଟର ଯାତାୟତ ବନ୍ଦ ହେବା ସହ ବାଲି ମାଫିଆମାନେ ମାନସିକ ଚାପରେ ଥିବା ଦେଖିବାକୁ ମିଳିଛି। ଅତିରିକ୍ତ ତହସିଲଦାର ପିଜୁଶ କାନ୍ତ ପ୍ରଧାନ କହିଛନ୍ତି, ଖବର ପାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଲୁ। ବେଆଇନ ଖାଦାନ ଯୋଗୁଁ ନଦୀ ପଠା ଧସୁଛି ଓ ସରକାରଙ୍କ ରାଜସ୍ୱ ହାନି ହେଉଛି। ଆଗକୁ ନିୟମିତ ପାଟ୍ରୋଲିଂ ହେବ, ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେବ। ପ୍ରକାଶ ଥାଉକି ଏହି ଚୋରା ଖାଦାନ ଯଦି ବନ୍ଦ ନହୁଏ, ସନ୍ତୋଷପୁର ପଞ୍ଚାୟତର ଧିତପୁରା, ଓଡ଼ିଆପଡା, ତେଘରି ଗ୍ରାମର ପାଖା ପାଖି ୩୦ ପରିବାର ଖୁବ ଶୀଘ୍ର ନଦୀରେ ବିଲୀନ ହୋଇଯିବ, ଯେକୌଣସି ମୁହୂର୍ତ୍ତରେ ନଦୀ କୂଳରେ ଥିବା ସରକାରଙ୍କ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ୬୦ ଲକ୍ଷ ଟଙ୍କାର ପାଣି ଟାଙ୍କି ମଧ୍ୟ ନଦୀରେ ବିଲୀନ ହୋଇଯିବ ଫଳରେ ୧୩୫ ପରିବାର ର ୮୦୦ ଜନସଂଖ୍ୟା ବିଶିଷ୍ଟ ତେଘରି ଗ୍ରାମର ଲୋକେ ଘୋର ପାଣି ସମସ୍ୟାରେ ପଡିବେ। ସେହିପରି ରାମଚନ୍ଦ୍ରପୁର ରୁ କାଦରାୟାଁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ନଦୀ ଗର୍ଭ ମୁହାଁ ଫଳରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଯାତାୟତ କରୁଛନ୍ତି ଏହି ରାସ୍ତା ଟି ନଦୀ ଗର୍ଭକୁ ଗଲେ ସନ୍ତୋଷପୁର ଓ କାଦରାୟାଁ ପଞ୍ଚାୟତର ପାଖା ପାଖି ୧୦ ହଜାର ରୁ ଉର୍ଦ୍ଧ ଲୋକ ପ୍ରଭାବିତ ହେବେ। ସ୍ଥାନୀୟ ଲୋକେ ପ୍ରଶାସନର ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ 'ସକାଳ' କୁ ଧନ୍ୟବାଦ୍ ଜଣାଇଛନ୍ତି।

## ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ତିରୋଧାନ ଦିବସ



ଜଳେଶ୍ୱର, ୧୮।୪ (ସମିସ) : ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ୨୯ତମ ବିଜୁ ତିରୋଧାନ ଦିବସ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ମୂରଲୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ବିଜେଡି ଜଳେଶ୍ୱର ବ୍ଲକ ସଭାପତି ଦିଲ୍ଲିପ ସାମଲ ଅଧକ୍ଷତା କରିଥିବା ବେଳେ ବସ୍ତା ବ୍ଲକ ସଭାପତି ଅନାଦୀଚରଣ ଦାସ ସଂଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ପ୍ରବାଦ ପୁରୁଷ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିଭିନ୍ନ ଗୁଣାବଳୀ ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଉପାଧକ୍ଷା ଅନୁସୂୟା ପ୍ରଧାନ, ଜଳେଶ୍ୱର ବ୍ଲକ ଅଧକ୍ଷ ମାନସ ଜେନା, ପୌର ଅଧକ୍ଷ ପ୍ରତୀପ ପ୍ରଧାନ, ଉପାଧକ୍ଷା ପୁଷ୍ପପ୍ରିୟା କାମିଲା, ବସ୍ତା ବ୍ଲକ ଉପାଧକ୍ଷ ଦିଲ୍ଲିପ କୁମାର ଦାସମହାପାତ୍ର, ଯୁବ ସଭାପତି ଆନନ୍ଦ କର, ଛାତ୍ର ସଭାପତି ସୂରଜ ଚୌରାସିଆ, ଜୟନ୍ତ ମିଶ୍ର, ଧ୍ରୁବଜ୍ୟୋତି ଗିରି, ତପନ ଦାସ, ଲେଲିନ୍ ପ୍ରଧାନ, ଅବଦୁଲ ରହିମ, ଗୌତମ ପାତ୍ର ପ୍ରମୁଖ ବହୁ ବିଜୁ ପ୍ରେମୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଉତ୍ତର ଓଡ଼ିଶା ଆଇନଗତ ଭ୍ରାତୃତ୍ୱ ଆଦାନପ୍ରଦାନ ଅଧିବେଶନ



ବାଲେଶ୍ୱର,୧୮।୪(ସମିସ): ଜିଲ୍ଲା ବାର୍ ଆସୋସିଏସନ ପକ୍ଷରୁ ଆଜି ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାକୁ ନେଇ ଉତ୍ତର ଓଡ଼ିଶା ଆଇନଗତ ଭ୍ରାତୃତ୍ୱ ଆଦାନପ୍ରଦାନ ଅଧିବେଶନ ସ୍ଥାନୀୟ କଚେରୀ ପରିସରରେ ଥିବା ଲାଇବ୍ରେରୀ ହଲ ମଧ୍ୟରେ ଜିଲ୍ଲା ବାର ଆସୋସିଏସନ ସଭାପତି ମନୋଜ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେସନରେ ବିଶେଷ କରି ବିଭିନ୍ନ କ୍ଷେତ୍ରରେ ଓକିଲମାନେ ଭୋଗୁଥିବା ବିଭିନ୍ନ ସମସ୍ୟା ଓ ସେମାନଙ୍କର ଦାବି ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ଓଡ଼ିଶାର ସମସ୍ତ ଓକିଲ ସଂଘର କାର୍ଯ୍ୟକାରିଣୀ କମିଟିର କାର୍ଯ୍ୟକାଳ ଏକ ବର୍ଷରୁ ୩ବର୍ଷକୁ ବୃଦ୍ଧି କରାଯିବା ସହ କୌଣସି ଓକିଲଙ୍କ ମୃତ୍ୟୁ ହେଲେ କିମ୍ବା ସ୍ୱେଚ୍ଛାକୃତ ଭାବେ ଲାଇସେନ୍ସ ଆତ୍ମସମର୍ପଣ କଲେ ଆର୍ଥିକ ସହାୟତା ୫୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ ବୋଲି କରାଯାଇଛି। ଏହାଛଡା ଓଡ଼ିଶାର ସମସ୍ତ ଓକିଲ ଏବଂ ସେମାନଙ୍କ ପରିବାରର ସଦସ୍ୟଙ୍କ ପାଇଁ ସ୍ୱାସ୍ଥ୍ୟବୀମା ବାଧ୍ୟତାମୂଳକ ଭାବେ ୧୫ଲକ୍ଷ କରାଯାଉ, ୫ବର୍ଷ ପର୍ଯ୍ୟନ୍ତ ନୂତନ ପ୍ରାକ୍ଟିସନରଙ୍କ ପାଇଁ ପ୍ରତିମାସ ୧୦ହଜାର ଟଙ୍କା ପେନସନ ପ୍ରଦାନ କରାଯାଉ ଏବଂ ୪୦ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକରିଥିବା ଓକିଲମାନଙ୍କୁ ପ୍ରତିମାସ ୨୦ହଜାର ଟଙ୍କା ପେନସନ ପ୍ରଦାନ କରାଯାଉ ବୋଲି ଏହି ଅଧିବେସନରେ ଦାବି ଉପସ୍ଥାପନା କରାଯାଇଥିଲା। ଏହି ଦାବି ଗୁଡିକ ଉପରେ ସମସ୍ତ ଓକିଲମାନେ ସେମାନଙ୍କ ମତାମତ ଦେବା ପରେ ଏହାକୁ ରାଜ୍ୟ ବାର ଆସୋସିଏସନ ସହ କେନ୍ଦ୍ର ବାର ଆସୋସିଲସନ ଏବଂ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବାର ଆସୋସିଏସନର ସମ୍ପାଦକ ସମ୍ବିତ କୁମାର ନନ୍ଦୀ, ଉପସଭାପତି ରଣଜିତ ପଣ୍ଡା,ବାରିପଦା ବାର ଆସୋସିଏସନର ସଭାପତି ଜ୍ୟୋତିପ୍ରକାଶ ରଥ, ସମ୍ପାଦକ ବିପ୍ଳବ କୁମାର ବାରିକ, ସୋର ବାର ଆସୋସିଏସନ ସଭାପତି ଚନ୍ଦ୍ରଶେଖର ମହାନ୍ତି, ସମ୍ପାଦକ ସଞ୍ଜୀବ କୁମାରୀ ଦ୍ୱିବେଦୀ, ନୀଳଗିରିରୁ ଚିତରଞ୍ଜନ ଷଡଙ୍ଗୀ, ଦିଲ୍ଲୀପ କୁମାର ରାଉତ, କିଶୋର କୁମାର ଦାଶ ପ୍ରମୁଖ ସହ ଏହି ୪ଟି ଜିଲ୍ଲା ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ଦ୍ୱିଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କାଳିପଦା, ୧୮।୪ (ସମିସ): ବାଲିଆପାଳ ଯୋଗ ସମିତି ଦ୍ୱାରା ପରିଚାଳିତ ପଞ୍ଚାୟତ ସ୍ତରୀୟ ଦ୍ୱିଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ନାଭଡା (ଜଗାଇ) ସ୍ଥିତ କାଳିପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅନୁଷ୍ଠିତ



ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଯୋଗ ଶିକ୍ଷକ ଜଗନ୍ନାଥ ଦେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବାଲିଆପାଳ ବ୍ଲକର ପ୍ରତିଟି ପଞ୍ଚାୟତରେ ପ୍ରତିଟି ଗ୍ରାମରେ ଦୈନନ୍ଦିନ ଯୋଗ ଅଭ୍ୟାସ କରାଇ ଏକ ରୋଗମୁକ୍ତ ଜୀବନର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରାରମ୍ଭରେ ବାଘାଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଅଭିଭାଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିକାଶର ସମ୍ପାଦକ ଗୋବିନ୍ଦ ବଲ୍ଲଭ ଦଳାଇ, ପ୍ରଶିକ୍ଷିକା ମଧୁସ୍ମିତା ରାଉତ, ବିଜେପି କାଳିପଦା ମଣ୍ଡଳର ପୂର୍ବତନ ସଭାପତି ତଥା ମୁନି ସମାଜର ପ୍ରଶିକ୍ଷକ ରତ୍ନାକର କୁହ୍ଲାରି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶ୍ରୀରାମପୁର, ମଧୁପୁରା, ବାଲିଆପାଳ, ପ୍ରତାପପୁର, ଚଉମୁଖ, ଅଳାଡ଼ିହା, ଅସ୍ତି, ବିଷ୍ଣୁପୁର, ଡ଼ଗରା, ବଡ଼ାସ ଆଦି ପଞ୍ଚାୟତରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜୟନ୍ତ ଦାସ, ମନ୍ମଥ ପାତ୍ର, ମମତା ଦାସ, ରବିନ୍ଦ୍ର କର, ପରମାନନ୍ଦ ରାଉଳ, ମନୋରଞ୍ଜନ ବେହେରା, ନିର୍ମଳା ପ୍ରଧାନ, ନଳିନୀକାନ୍ତ ପାଢୀ, ସୁଜାତା ଦାସ, ଅଜିତ୍ କର, ହେମନ୍ତ କୁମାର ମୁଖୀ, ରାଖାଲ ମାଇତି, ଜୟକୃଷ୍ଣ ନାୟକ, ଦିପିକା ମାହେଶ୍ୱରୀ, ପ୍ରିୟଦର୍ଶିନୀ ଦାସ, ସୁଦାମ ଚରଣ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ଜଗଦୀଶ ପରିଡ଼ା, ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ଯୋଗଦେଇ ଅଂଶଗ୍ରହଣ କରିଥିଲେ।

● ସାରୁଗାଁ ମହୋତ୍ସବର ଅନ୍ତିମ ସଂଧ୍ୟା

## ମନ ମୋହିଲା ଜୀନା ଓ ସବ୍ୟସାଚୀଙ୍କ ସଂଳାପ



ଖଇରା,୧୮।୪ (ସମିସ): ଖଇରା ବ୍ଲକ ଅଧୀନ ସାରୁଗାଁ ଉଡାପଡିଆରେ ଚାଲିଥିବା ଆମ ସାରୁଗାଁ ମହୋତ୍ସବର ଗୁରୁବାର ଅନ୍ତିମ ସଂଧ୍ୟା ଗୀତନାଚର ତାଳେ ତାଳେ ଉଦ୍‌ଯାପିତ ହୋଇ ଯାଇଛି। ଖଇରା ଅଞ୍ଚଳରେ ମହୋତ୍ସବ ମଣିଷ ଭାବେ ପରିଚିତ ଶଶି କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବ ବୁଡି ଯାଉଥିବା ସଂସ୍କୃତି ଐତିହକୁ ପୁନର୍ଜିବିତ କରିଥାଏ ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ରତ୍ନାକାର ଦାଶ ମୁଖ୍ୟବକ୍ତା ଓ ଅନ୍ୟତନ ଆଇନଜିବୀ ଯୁଧିଷ୍ଠିର ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କମିଟି ସଭାପତି ରଘୁନାଥ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ ଜୟନ୍ତ କୁମାର ଦାଶ ବିବରଣୀ ପାଠ କରିଥିଲେ। ଗ୍ରାମଦେବତୀ ମା' ଘଟବାସୁଳି ଓ ମା' ପଶ୍ଚିମାଙ୍କ ପୁଜକ ଅକ୍ଷୟ ବାରିକ, ପ୍ରଫୁଲ୍ଲ ବାରିକ ଓ ଭାଗବତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରସିଦ୍ଧ ଚଳିଚିତ୍ର ଅଭିନେତ୍ରୀ ଜିନା ଓ ଅଭିନେତା ସବ୍ୟସାଚୀଙ୍କ ସଂଳାପ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ମହୋତ୍ସବ କମିଟିର ସମସ୍ତ ସଦସ୍ୟ ୪ଦିନିଆ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଜାପତି ଦେହରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିଛବି!

ବାଲେଶ୍ୱର,୧୮।୪(ସମିସ): ସହରର ଟୁଲଙ୍ଗସାହିରେ ଆଜି ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଛି। ସାହିର ଜଣେ ବ୍ୟକ୍ତିଙ୍କ ଘରେ ଗାଡି ଉପରେ ଏକ ପ୍ରଜାପତି ବସିଥିବାର ଦେଖିବାକୁ ମିଳିଥିଲା। ହେଲେ ସେଇ ପ୍ରଜାପତି ଦେହରେ



ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିଛବି ଭଳି ଦୃଶ୍ୟମାନ ହୋଇଥିଲା। ସ୍ଥାନୀୟ ଲୋକେ ପ୍ରଜାପତିଟିକୁ ଦେଖିବା ସହ ସେଠାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏପରିକି ସେଠାରେ ଘଂଟ ଘଂଟା ସାଙ୍ଗକୁ ଶଙ୍ଖ ବଜାଇ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା।

## ସଡ଼କ ଦୁର୍ଘଟଣାରେ ଦମ୍ପତି ଗୁରୁତର

ନୀଳଗିରି, ୧୮।୪ (ସମିସ): ଶନିବାର ସକାଳେ ଏକ ସଡକ ଦୁର୍ଘଟଣାରେ ଉଭୟ ସ୍ୱାମୀ ସ୍ତ୍ରୀ ଗୁରୁତର ହୋଇଥିବାର ଦେଖିବାକୁ ମିଳିଛି। ଖନ୍ତାପଡା ଥାନା ଅନ୍ତର୍ଗତ ଆମ୍ବଡିହା ଗ୍ରାମର ଅନାଦି ରଞ୍ଜନ ସ୍ୱାଇଁ ଓ ସ୍ତ୍ରୀ ମଞ୍ଜୁଲତା ସ୍ୱାଇଁ ଧୋବସିଳାରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ମିତ୍ରପଟୁ ଆଡୁ ଆସୁଥିବା ସାଇଁକୁଳା ଅଞ୍ଚଳର ଶନୁ ମହାରଣା ଓ ଓମ୍ ପ୍ରକାଶ ବେହେରା ଦ୍ରୁତ ଗତିରେ ଆସି ଧକ୍କା ମାରିବାରୁ ଅନାଦିଙ୍କ ମେରୁ ଦଣ୍ଡ, ବାମ ହାତ ଭାଙ୍ଗି ଯାଇଥିବା ବେଳେ ସ୍ତ୍ରୀ ମଞ୍ଜୁଙ୍କ ମୁଣ୍ଡ, ନାକରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ଅନାଦିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏପଟେ ସ୍ତ୍ରୀ ଜ୍ୟୋତି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଯୁବକ ଦୁଇ ଜଣ ମଧ୍ୟ ଚିକିତ୍ସିତ ହେଉଥିବାର ଜଣାପଡିଛି।

## ବିପୁଳ ମଦ ଜବତ, ୬ ଗିରଫ



ବାଲେଶ୍ୱର,୧୮।୪(ସମିସ): ମୋବାଇଲ ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବିପୁଳ ପରିମାଣରେ ମଦ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା ୬ଜଣ ବେପାରିକୁ ଗିରଫ କରିଛି। ଗିରଫ ହୋଇଥିବା ବେପାରୀମାନେ ହେଲେ ନୀଳଗିରି ଅଂଚଳର ଜଗବନ୍ଧୁ ବେହେରା, ଅଜୟ କୁମାର ସାଇବାବୁ, ଦୁର୍ଗାଶଙ୍କର ବେହେରା, ସଦର ରେଞ୍ଜର ହଳଦୀପଦା ଅଞ୍ଚଳର ହେମନ୍ତ ପାତ୍ର, ଶିଳ୍ପାଂଚଳ ଥାନା ନୂଆଗାଁ ଅଂଚଳର ଧନଞ୍ଜୟ ପ୍ରଧାନ ଏବଂ ହଳଦୀପଦା ଅଞ୍ଚଳର ସୁଶାନ୍ତ କୁମାର ନାୟକ। ଏ ନେଇ ପୃଥକ ଭାବେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଟିମ ନୀଳଗିରିରେ ଚଢ଼ାଉ କରିବା ସହ ସଦର ରେଞ୍ଜର ହଳଦୀପଦା ଏବଂ ରେମୁଣା ଗୋଲେଇ ଠାରେ ଚଢ଼ାଉ କରିଥିଲା। ଚଢ଼ାଉବେଳେ ସେମାନଙ୍କ ଠାରୁ ମୋଟ ୩୨୦ଲିଟର ଦେଶୀମଦ ଜବତ ହୋଇଥିବାବେଳେ ୨୨.୭୫୦ଲିଟର ବିୟର ଜବତ କରାଯାଇଛି।

# ବାବା ଭୈରବ ପୀଠକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦାବି

କାଳିପଦା, ୧୮।୪ (ସମିସ)



ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ କଣ୍ଟାଡିହା (ବଡ଼ କସବା ) ଗ୍ରାମରେ ବାବା ଭୈରବ ପୀଠ ରହିଛି। ଏହି ପୀଠ ସୁପ୍ରାଚୀନ ଓ ବୌଦ୍ଧ ଯୁଗୀୟ ବୋଲି କିମ୍ବଦନ୍ତୀରୁ ଜଣାଯାଏ। ସୋମବାର ଅକ୍ଷୟ ତୃତୀୟା ମେଳା ଏଠାରେ ବସୁଥିବାରୁ ଏହି ପୀଠ ଏବେ କିଛି ମାତ୍ରାରେ ଚଳଚଞ୍ଚଳ ହୋଇ ଉଠିଛି। ମାତ୍ର ଏହି ପୀଠ ବହୁ ଭାବରେ ଅବହେଳିତ। ପୀଠର ଚତୁଃ ପାଶ୍ୱର୍ରେ ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇଥିବା ବେଳେ କେତେକ ମୁଷ୍ଟିମେୟ ଲୋକ ଏହି ପୀଠକୁ ବେଆଇନ ଭାବେ କବ୍ଜାରେ ରଖି ଟ୍ରାକ୍ଟର ଷ୍ଟାଣ୍ଡ, ଟେଣ୍ଟ ବାଉଁଶ, ନଡା ଗଦା କରି ରଖିଛନ୍ତି। ଏପରିକି ମନ୍ଦିର ପାଶ୍ୱର୍ବର୍ତ୍ତୀ ଲୋକମାନେ ଧାନ ଗଦା କରିବା ସହିତ ମନ୍ଦିର ସମ୍ମୁଖ ଚଟାଣରେ ସିଝା ଧାନ ଶୁଖାଉଛନ୍ତି।ଏହା ଲୋକଙ୍କର ଚରମ ବିଶୃଙ୍ଖଳା ଓ ଅବହେଳାକୁ ସ୍ପଷ୍ଟ ଭାବେ ପ୍ରତିପାଦନ କରୁଛି। ସେଠିକାର କିଛି ଭଦ୍ରଲୋକ ଏସବୁକୁ ତୀବ୍ର ଭାବେ ବିରୋଧ କରିଛନ୍ତି। ପ୍ରଶାସନ ଓ ଦେବୋତ୍ତର ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଭକ୍ତ ଓ ସେବକମାନେ ଦାବି କରିଛନ୍ତି। କିମ୍ବଦନ୍ତୀ ଅନୁସାରେ ବାବା ଭୈରବ ବହୁ ବର୍ଷ ପୂର୍ବେ ଝାଡ଼ଖଣ୍ଡରୁ ଏକ ଜାହାଜରେ କେତେକ ଦେବଦେବୀଙ୍କୁ ଧରି ଲୀଳା ଖେଳା କରିବା ଉଦ୍ଦେଶ୍ୟରେ ଏହିଠାରେ ସୁବର୍ଣ୍ଣ ରେଖା ନଦୀ ତଟରେ ପହଁଚି ଥିଲେ। ତେବେ ଜାହାଜରେ ଆଉ କେହି ନାବିକ ନ ଥିବାରୁ ଜାହାଜଟି ସେଇଠି ରହି ଯାଇଥିଲା ଯାହାର ମଙ୍ଗ ଏବେ ଉପରକୁ ରହିଥିବା ବେଳେ ଅନ୍ୟ ସମସ୍ତ ଅଂଶ ମାଟିରେ ପୋତି ହୋଇ ରହିଛି। ଭୈରବଙ୍କ ମନ୍ଦିର ନିର୍ମାଣ ସମ୍ପର୍କରେ ସଠିକ ତଥ୍ୟ ମିଳିପାରିନାହିଁ। ବାବା ଭୈରବ ଓ ସାଥି ଦେବା ଦେବୀ ଶହ ଶହ ବର୍ଷ ଖୋଲା ଆକାଶ ତଳେ ପୂଜା ପାଇବା ପରେ ସମ୍ଭବତଃ ଅଣଚାଷ ବାତ୍ୟା ପରେ ମନ୍ଦିର ନିର୍ମାଣ ହୋଇଛି। ପୂର୍ବେ ମନ୍ଦିରରେ କଳା ମୁଗୁନି ପଥରର ଚତୁଃ ହସ୍ତ ବିଶିଷ୍ଟ ଭୈରବ, ପାଶ୍ୱର୍ ଦେବତା ଭାବରେ ବୈଦ୍ୟନାଥ, ମହାବୀର, କାଳରୁହୀ , ଶୀତଳା, ଚଣ୍ଡୀ, ଦୁର୍ଗା ଆଦି ରହି ପୂଜା ପାଉଥିଲେ। କଳାପାହାଡ଼ ଏହି ମନ୍ଦିରକୁ ଭାଙ୍ଗିବା ସହିତ ଭୈରବ ମୂର୍ତ୍ତିକୁ ଭାଙ୍ଗିବାକୁ ଯାଇ ଅସଫଳ ହେବାରୁ ଭୈରବଙ୍କ ଗୋଟାଏ ପାଦକୁ ଭାଙ୍ଗି ପଳାଇ ଯାଇଥିଲେ। ତହିଁ ପରଠୁ ସେ ଏକ ପାଦ ଭୈରବ ଭାବେ ପୂଜା ପାଇ ଆସୁଛନ୍ତି। ଭୈରବ ନିଶାର୍ଦ୍ଧରେ ଘୋଡାରେ ଚଳ ପ୍ରଚଳ କରୁଥିବା କିମ୍ବଦନ୍ତୀ ମୂଳେ ତାଙ୍କୁ ରାଜା ଭୈରବ ବୋଲି ଭକ୍ତ ଓ ସେବକମାନେ ଡାକନ୍ତି। ଭୈରବ ପୀଠରେ ଅକ୍ଷୟ ତୃତୀୟା ଦିନ ବସେ ମେଳା। ପୂର୍ବରୁ ଏଠାରେ ସାତ ଦିନ ମେଳା ବସୁଥିବାବେଳେ ଏବେ କେବଳ ଗୋଟାଏ ଦିନ ବସୁଛି। ଭୈରବଙ୍କ ମହିମା ଅପାର। ଧବଳ କୁଷ୍ଠ ରୋଗରୁ ମୁକ୍ତି ପାଇବା ପାଇଁ ଲୋକମାନେ ଭୈରବଙ୍କୁ ଚୂନ ଦାନ କରିବାର ବିଧି ରହିଛି। ଭୈରବଙ୍କ ନାମରୁ କଣ୍ଟାଡିହା, ଖାଳପାଖ, ମଇଁଷି ଆଡି,ଘଣ୍ଟିଆଡ଼ି, ବଡ଼ କସବା ଆଦି ଗ୍ରାମର ନାମ ପ୍ରତିପନ୍ନ ହୋଇଛି। ଏହି ପୀଠରେ ବାସନ୍ତୀ ଦୁର୍ଗା ପୂଜା ମଧ୍ୟ ଅନୁଷ୍ଠିତ ହୁଏ। ପୂର୍ବରୁ ଭୈରବଙ୍କ ଅନେକ ସମ୍ପତ୍ତି ବାଡ଼ି ଥିଲା। କେତେକ ମୁଷ୍ଟିମେୟ ଲୋକ ଏବେ ବେଆଇନ ଭାବେ ଭୈରବ ଜାଗାକୁ ଜବର ଦଖଲ କରି ନେଇଛନ୍ତି। ସେ ସବୁ ମୁକ୍ତ ହେଲେ ପୀଠର ଉନ୍ନତି ହୋଇ ପାରନ୍ତା। ଭୈରବ ପୀଠକୁ ଏକ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେବା ପାଇଁ ବାରମ୍ବାର ଦାବି ହୋଇ ଆସିଥିଲେ ମଧ୍ୟ ସରକାର ଉଦାସୀନ। ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ଗେଙ୍ଗୁଟିଆ ଛକରୁ ଦୁଇ କିଲୋମିଟର ଉତ୍ତରକୁ ଗଲେ ଏହି ପୀଠ ପଡେ।ପୀଠକୁ ଭଲ ରାସ୍ତା ଟିଏ ନାହିଁ। ପୁରାତନ ମନ୍ଦିରର ଉନ୍ନତି କରଣ ହୋଇ ନାହିଁ। ପଞ୍ଚାୟତ ପକ୍ଷରୁ ନିର୍ମିତ କମ୍ୟୁନିଷ୍ଟ ଗୃହଟି ଲୋକଙ୍କ କାମରେ ଆସୁ ନାହିଁ। ମନ୍ଦିର ସମ୍ମୁଖ ଭାଗ ପଡିଆ ପରିତ୍ୟକ୍ତ, ପାଚେରୀ ନାହିଁକି ପାନୀୟ ଜଳର ସୁବିଧା ନାହିଁ। ଉଜ୍ୱଳ ଆଲୋକ ବ୍ୟବସ୍ଥା କାମ କରୁ ନାହିଁ।

ସୃଜନିକା

ସକାଳ
THE SAKALA
www.sakalaepaper.com



# ଲଭ୍ ଜେହାଦ୍



ମହମ୍ମଦ ହିଫ୍‌ଜୁର ରହେମାନ୍

ଘନଶ୍ୟାମ ଛୋଟମୋଟ ବ୍ୟବସାୟ କରି ନିଜ ଗୁଜରାଣ ମେଣ୍ଟାନ୍ତି । ତାଙ୍କର ଗୋଟିଏ ବୋଲି ପୁଅ ବିକାଶ । ଘରୋଇ ସଂସ୍ଥାରେ ଚାକିରି ବି କଲା । ବାପା ପୁଅଙ୍କ ରୋଜଗାରରେ ଘର ଟିକେ ଭଲରେ ଚଳିଲା । ଘନଶ୍ୟାମ ହଠାତ୍ ଅସୁସ୍ଥ ହୋଇପଡ଼ିଲେ । ସଂଚିତ ଟଙ୍କା ଚିକିତ୍ସାରେ ପାଣି ଭଳି ବୋହିଗଲା । ତଥାପି ଦେହ ଭଲ ହେଉନଥିଲା । ବଡ଼ ଡାକ୍ତରଖାନାକୁ ନେଇ ଦେଖାଇବାରୁ ଡାକ୍ତର ହାର୍ଟ ଅପରେସନ୍ କଥା କହିଲେ । ଏଥିପାଇଁ ୩ ଲକ୍ଷ ଟଙ୍କା ଦରକାର । ଏତେ ଟଙ୍କା ଆସିବ କେଉଁଠୁ । ଚିକିତ୍ସା ପାଇଁ ଘନଶ୍ୟାମ ତାଙ୍କର ଦୋକାନ ବିକି ଦେଇଥିଲେ । ଏବେ ପୁଅ ଯାହା ରୋଜଗାର କରୁଛି, ସେଥିରେ ଏତେ ଟଙ୍କାର ଅପରେସନ୍ ସମ୍ଭବ ନଥିଲା । ଏହାକୁ ନେଇ ବିକାଶ ଚିନ୍ତାରେ ଥିଲା । ଘନଶ୍ୟାମଙ୍କ ସ୍ୱାସ୍ଥ୍ୟ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ଏହା ଦେଖି ତାଙ୍କ ପିଲାଦିନ ବନ୍ଧୁ ହନିଫ୍ ବି ବ୍ୟସ୍ତ ହୋଇପଡ଼ିଲେ । ବିକାଶକୁ ଡାକି କହିଲେ "ଆମେ କ'ଣ ଏମିତି ଘନକୁ ଛାଡ଼ିଦେବା? ସେ କେତେ ଛଟପଟ ହେଉଛି । କିଛି ଗୋଟିଏ କରିବା ନା । ପୁଅ ତୁ ଡାକ୍ତର ସହ କଥା ହୁଅ । ତା'ର ଅପରେସନ୍ କରାଇବା ।" ବିକାଶ ପଚାରିଲା, "ଚାଚା ଏତେ ଟଙ୍କା କେମିତି ଯୋଗାଡ଼ ହେବ?"

-"ତୁ ଚିନ୍ତା କରନା ପୁଅ । କିଛି ଗୋଟିଏ କରିବା । ତୁ ବି ଚେଷ୍ଟା କର, ମୁଁ ବି ଯୋଗାଡ଼ କରୁଛି । ଉପରବାଲା ଅଛି ।"

ହନିଫ୍ ଓ ଘନଶ୍ୟାମ ଖୁବ୍ ଅନ୍ତରଙ୍ଗ ବନ୍ଧୁ । ସ୍କୁଲ ବେଳରୁ ସେମାନଙ୍କ ମଧ୍ୟରେ ବନ୍ଧୁତା । ଗାଁରେ ସେମାନଙ୍କର ଯୋଡ଼ିକୁ ନେଇ ସବୁ ବେଳେ ଚର୍ଚ୍ଚା । ହନିଫ୍‌ଙ୍କର ଗୋଟିଏ ବୋଲି ଝିଅ ସଲ୍‌ମା । ପତ୍ନୀ କୁଲସୁମ୍ ରୋଗିଣା । ଦିନ ମଜୁରିଆ ହନିଫ୍ ଯାହା ରୋଜଗାର କରୁଥିଲେ, ସେଥିରେ ପରିବାର ପ୍ରତିପୋଷଣ ଭାରି କଷ୍ଟ ।

ଘନଶ୍ୟାମଙ୍କ ଅପରେସନ୍ ପାଇଁ ତାରିଖ ଠିକ୍ ହେଲା । ତାରିଖ ତ' ଡାକ୍ତର ବାବୁ କହିଦେଲେ ହେଲେ ଏତେ ଟଙ୍କା ଆସିବ କେଉଁଠୁ? ଚିନ୍ତାରେ ଥିଲା ବିକାଶ । ହନିଫ୍ ଚାଚା ସିନା କହିଦେଲେ, କିନ୍ତୁ ସେ ବି କେଉଁଠୁ ଯୋଗାଡ଼ କରିବେ? ଶଯ୍ୟାଶାୟୀ ବାପାଙ୍କ ପାଖରେ ବସି ବିକାଶ ଏମିତି ଚିନ୍ତା କଲା ବେଳେ ନର୍ସ ଆସି କହିଲେ, "ଆପଣଙ୍କୁ ଡାକ୍ତର ଡାକୁଛନ୍ତି ।" ବିକାଶ ଚିନ୍ତାରେ ପଡ଼ିଗଲା, ପଇସା ତ' ଯୋଗାଡ଼ ହୋଇପାରିଲା ନାହିଁ । ଡାକ୍ତରଙ୍କୁ କ'ଣ କହିବି ଆଉ? ଯାହା ଲାଗୁଛି, ବାପାଙ୍କୁ ଘରକୁ ନେଇଯିବାକୁ ଡାକ୍ତର କହିବେ ।

ବିକାଶ ଟଙ୍କା ଯୋଗାଡ଼କୁ ନେଇ ନିଜ ଅସହାୟତା କହିବାକୁ ଯାଉଥିବା ବେଳେ ଡାକ୍ତର କହିଲେ, "ବ୍ୟସ୍ତ ହୁଅନା । ଟଙ୍କା କଥା ଚିନ୍ତା କରନାହିଁ । ଅପରେସନ୍ ହୋଇଯିବ । ତୁମେ ଖାଲି ରକ୍ତ ଯୋଗାଡ଼ କର ।"

ଘନଶ୍ୟାମଙ୍କର ଅପରେସନ୍ ହେଲା । ସେ ଭଲ ହୋଇ ଘରକୁ ଫେରିଲେ । ସବୁ ଠିକ୍‌ଠାକ୍ ଥିବା ବେଳେ ଦୁଇ ମାସ ପରେ, ସେ ହଠାତ୍ ଆଖି ବୁଜିଦେଲେ । ଘନଶ୍ୟାମଙ୍କର ମୃତ୍ୟୁ ହନିଫ୍‌ଙ୍କ ପାଇଁ ବଡ଼ ସଦମା ଥିଲା । ସାଙ୍ଗଙ୍କୁ ଝୁରି ଝୁରି କିଛି ଦିନ ପରେ ହନିଫ୍ ମଧ୍ୟ ଚାଲିଗଲେ ।

ହଫିନ୍‌ଙ୍କ ଝିଅ ସଲ୍‌ମା ଉପରେ ଯେମିତି ଚଡ଼କ ପଡ଼ିଗଲା । ଘର ଚଳିବ କେମିତି? ବାହାଘର ସମୟ ବି ପାଖେଇ ଆସୁଛି । କେମିତି ଏତେ କଥା ଯୋଗାଡ଼ ହେବ? ଏହି ଚିନ୍ତାରେ ଥିବା ବେଳେ ହଠାତ୍ ମନେପଡ଼ିଲା । ଆରେ ବାପା ତ ତା' ବାହାଘର ପାଇଁ ମାମୁଁ ପାଖରେ ପଇସା ସଞ୍ଚୟ କରି ରଖିଛନ୍ତି । କିଛି ସୁନାଗହଣା ବି ରହିଛି ।

ସକାଳ ହେବା ସହିତ ସଲ୍‌ମା ବାହାରି ପଡ଼ିଲେ ମାମୁଁ ଘରକୁ । ସବୁ କଥା ଶୁଣିବା ପରେ ମାମୁଁ ତାକୁ ଯାହା ଉତ୍ତର ଦେଲେ ତାହା ଶୁଣି ସଲମାର ମୁଣ୍ଡ ଚକ୍କର ଖାଇଗଲା । ତାଙ୍କ ଆଖି ତଳେ ଅନ୍ଧାର ହୋଇଗଲା । ଏତେ ବଡ଼ ଧୋକା!

ଏକଥା ଶୁଣାଇବ କାହାକୁ? ମାମୁଁ ଯାହା କହିଲେ ତାକୁ ବିଶ୍ୱାସ ହେଉନଥିଲା । ଯିଏ ଶୁଣିବ ଛି ଛି କରିବ ।

ବିକାଶକୁ ଭେଟି ସବୁ କଥା କହିଲା ସଲ୍‌ମା । ବିକାଶକୁ ବି ବିଶ୍ୱାସ ହେଉନଥାଏ । ନା ନା ଚାଚା ଏମିତି କରିବେ ନାହିଁ । ସେ ଏମିତି ଲୋକ ନୁହନ୍ତି । ସେ ସଲ୍‌ମାକୁ ଭରସା ଦେଲା; "ତୁ ଜମା ବ୍ୟସ୍ତ ହନା । ତୋ ଭାଇ ମରିନି । ତୋର ସେଇଠି ବାହାଘର ହେବ, ଅଲବତ ହେବ । ଚାଚା ଥିଲା ବେଳେ ଯେଉଁ ତାରିଖ ସ୍ଥିର ହୋଇଥିଲା, ସେହି ତାରିଖରେ ହିଁ ହେବ ।"

ବାହାଘରକୁ ଆଉ ଆଠ ଦିନ ବାକି ଥିବା ବେଳେ ବିକାଶ ୫ ଲକ୍ଷ ଟଙ୍କା ନେଇ ସଲ୍‌ମା ପାଖକୁ ଆସିଲା । କହିଲା; "ଦେଖ୍ ତୋ ଭାଇ ତତେ କଥା ଦେଇଥିଲା । ତୋ ବାହାଘର ପୂରା ଧୁମଧାମରେ ହେବ । ସାରା ଗାଁ ଲୋକଙ୍କୁ ଭୋଜି ଦିଆଯିବ ।" ସଲ୍‌ମା ପଚାରିଲା, "ଭାଇ ଏତେ ଟଙ୍କା କେଉଁଠୁ ଆଣିଲ? ଶୁଝି ହେବ ନାହିଁ । ଥାଉ ଏବେ ବାହାଘରକୁ କିଛି ଦିନ ଘୁଞ୍ଚାଇ ଦେବା ।"

ବିକାଶ କହିଲା, "ପ୍ରଶ୍ନ ଉଠୁନି । ମୁଁ ତା'ର ବ୍ୟବସ୍ଥା କରିଛି । ଆମର ଗାଜିଆମୁଣ୍ଡାରେ ଗୋଟିଏ ଜାଗା ରହିଛି । ତାକୁ ବନ୍ଧକ ଦେଇ ଏହି ଟଙ୍କା ଆଣିଛି । ଆସ୍ତେ ଆସ୍ତେ ଶୁଝି ଦେବା ।" ବିକାଶର ଏତେ ନିଜପଣିଆ ଦେଖି ସଲ୍‌ମା ଭାବିଲା, ଜନ୍ମକଲା ବାପା ଧୋକା ଦେଲା । କିନ୍ତୁ ବିକାଶ ଭାଇ ଯାହା କରୁଛନ୍ତି, ନିଜ ଜନ୍ମ କଲା ଭାଇ ବି ଏମିତି କରିବ ନାହିଁ ।

ସେ ଦିନ ସଲ୍‌ମାର ବାହାଘର । ସାରା ଗାଁ ଚଳଚଞ୍ଚଳ । ଖୁସି ଓ ଆନନ୍ଦର ମାହୋଲ । ଉଭୟ ହିନ୍ଦୁ ଓ ମୁସଲିମ ସଂପ୍ରଦାୟର ଲୋକ ମିଶି ଏହି ବାହାଘର କରାଉଥିବାରୁ ବିରଳ ପରିବେଶ ଦେଖିବାକୁ ମିଳିଥିଲା । ବାପଛେଉଣ୍ଡ ଝିଅ ବୋଲି ବରଯାତ୍ରୀମାନଙ୍କ ଆତିଥେୟତାରେ ଯେମିତି କୌଣସି ଅଭାବ ନରହେ, ସେଥିପାଇଁ ପିଲାମାନେ ନିଜ ନିଜ ଭିତରେ କାମ ବାଣ୍ଟି ନେଇଛନ୍ତି । ଏଥିପାଇଁ ବିକାଶକୁ ରାତି ସାରା କସରତ କରିବାକୁ ପଡ଼ିଥିଲା ।

ନିକାହ ସମୟ ଆସିଲା । ବିକାଶକୁ ଖୋଜା ପଡ଼ିଲା । କିନ୍ତୁ ତା'ର କାହିଁ ଦେଖା ନାହିଁ । ଗାଁ ସାରା ତାକୁ ଖୋଜିଲେ । ଆଉ କ'ଣ ବାକି ରହିଗଲା କି? ସେଥିପାଇଁ ବିକାଶ ବାହାରକୁ ଯାଇଛି? ସାଙ୍ଗମାନେ ଏମିତି କଥା ହେଉଥିବା ବେଳେ ପ୍ରଶାନ୍ତ ମୋବାଇଲ୍‌କୁ କଲ୍ ଆସିଲା । ଆରପଟୁ ସୁଲେମାନ କହୁଥିଲା, "ଭାଇ ଟିକେ ମେଡିକାଲ ଆସ । ବିକାଶର ଦେହ ହଠାତ୍ ଖରାପ ହୋଇଯାଇଛି ।" ଏହା ଶୁଣି ଆଉ କାହାକୁ ନ କହି ଦୁଇ ତିନି ଜଣ ମେଡିକାଲ୍ ଦୌଡ଼ିଲେ । ବିକାଶ ବେଡ୍‌ରେ ପଡ଼ିଛି । ସାଲାଇନ୍ ଲାଗିଛି । ବ୍ୟସ୍ତ ହୋଇ ପଡ଼ିଲେ ସାଙ୍ଗମାନେ । ଏଠି ଗହଳି କରନି, ମୋ ଚାମ୍ବରକୁ ଆସ ବୋଲି ଡାକ୍ତର ସେମାନଙ୍କୁ ଡାକି ନେଇଗଲେ । ଡାକ୍ତର କିଛି କହିବାକୁ ଯାଉଥିବା ବେଳେ କନ୍ୟା (ଦୁଲହନ୍) ବେଶରେ ଥିବା ସଲ୍‌ମା ଦୌଡ଼ି ଆସି ଡାକ୍ତରଙ୍କୁ ନେହୁରା ହେଲା, "ମୋ ଭାଇକୁ ବଞ୍ଚାଇ ଦିଅ । ନ ହେଲେ ମୁଁ ମରିଯିବି ।" ପାଖରେ ଥିଲା ବର ସଲିମ । ଏ ଦୃଶ୍ୟ ଦେଖି ଡାକ୍ତର ତାଜୁବ । ବିକାଶ ସହ ଏମାନଙ୍କର ସଂପର୍କ କ'ଣ? ପୁଣି ଝିଅଟି ଦୁଲହନ ବେଶରେ । ଡାକ୍ତର କିଛି ବୁଝିପାରିଲେ ନାହିଁ । ତେବେ ଡାକ୍ତର ଏତିକି ଆଶ୍ୱାସନା ଦେଲେ ଯେ "ବ୍ୟସ୍ତ ହୁଅନି । ବେଶି କିଛି ନୁହେଁ । ସବୁ ଠିକ୍ ହୋଇଯିବ । ସାଲାଇନ୍ ନେଲା ପରେ ବିକାଶ ଘରକୁ ଯାଇପାରିବେ ।" ଏହା ଶୁଣି ସମସ୍ତେ ଟିକେ ଆଶ୍ୱସ୍ତ ହେଲେ । କିନ୍ତୁ ବିକାଶ ପାଇଁ ସଲମା କାହିଁକି ଏତେ ବ୍ୟାକୁଳ? ଡାକ୍ତର ବୁଝିପାରିଲେ ନାହିଁ ।

ବିକାଶର ସାଙ୍ଗମାନେ ଡାକ୍ତର ବାବୁଙ୍କୁ ସବୁ କଥା କହିଲେ । ଶୁଣିବା ପରେ ଡାକ୍ତର ତାଜୁବ । କହିଲେ, "ଦୁନିଆରେ ଏମିତି ବି ଲୋକ ଅଛନ୍ତି ।"

ବିକାଶର ସାଙ୍ଗମାନେ କିଛି ବୁଝିପାରିଲେ ନାହିଁ । ଡାକ୍ତର ବାବୁ ବିକାଶର ସାଙ୍ଗ ଓ ସଲ୍‌ମାକୁ ଗୋଟିଏ ଖୋଲା ଜାଗାକୁ ଡାକି ନେଇଗଲେ । କହିଲେ, "ମୁଁ ତମମାନଙ୍କୁ ଏମିତି ଗୋଟିଏ କଥା କହିବି, ଯାହାକୁ ଶୁଣି ତୁମେମାନେ ଆଶ୍ଚର୍ଯ୍ୟ ହେବ, ଖୁସି ବି ହେବ ।"

ଡାକ୍ତର ବାବୁ କହିଲେ, "ମୁଁ ଯେଉଁମାନଙ୍କ କଥା କହିବାକୁ ଯାଉଛି ସେମାନେ ଏହା କହିବାକୁ ମନା କରିଥିଲେ । କିନ୍ତୁ ସେ କଥା ମୁଁ ନ କହିଲେ ମତେ ପାପ ଲାଗିଯିବ ।"


ଶୁଣ ପ୍ରଥମ କଥାଟି ହେଉଛି ବିକାଶ ତା'ର ଗୋଟିଏ କିଡ୍‌ନି ବିକି ୫ ଲକ୍ଷ ଟଙ୍କା ନେଇଛି । ସେଥିପାଇଁ ସେ ଟିକେ ଅସୁସ୍ଥ ହୋଇପଡ଼ିଛି । ଏହା ଶୁଣି ସଲ୍‌ମା କାନ୍ଦି ପକାଇଲା । କହିଲା ଭାଇ ମୋତେ ଏତେ ବଡ଼ ମିଛ କହିଲେ । ମୋତେ କହିଲେ, ଜମି ବନ୍ଧକ ରଖିବା ଲାଗି ଗାଁକୁ ଯାଉଛି । କିନ୍ତୁ କିଡ୍‌ନି ପାଇଁ ମେଡିକାଲରେ ଥିଲ । ତମ ଜୀବନଠାରୁ ମୋ ବାହାଘର କ'ଣ ଏତେ ମୂଲ୍ୟବାନ ।

ଡାକ୍ତର ତାଙ୍କୁ ଶାନ୍ତ କରିବାକୁ ଯାଇ କହିଲେ, "ଆଉ ଗୋଟିଏ ସତ ଶୁଣ । ତମେ ଜାଣିଛ ବିକାଶଙ୍କ ବାପା ଘନଶ୍ୟାମର ଅପରେସନ୍ ପଇସା କିଏ ଦେଇଥିଲା । ଅପରେସନ୍ ପାଇଁ ୩ ଲକ୍ଷ ଟଙ୍କା ଦରକାର ଥିଲା । କିନ୍ତୁ ବିକାଶ ପାଇଁ ଏତେ ଟଙ୍କା ଯୋଗାଡ଼ କରିବା ସମ୍ଭବ ନଥିଲା । କିନ୍ତୁ ସେହି ଟଙ୍କା ଆଣି ଦେଇଥିଲେ ହନିଫ୍ । କିନ୍ତୁ କାହା ଆଗରେ ନ କହିବାକୁ ସେ ମୋତେ ଅନୁରୋଧ କରିଥିଲେ ।" ଏହା ଶୁଣି ସଲମା ଜୋର୍‌ରେ କାନ୍ଦିବାକୁ ଲାଗିଲା । କହିଲା, "ହେ ଭଗବାନ! ମୋ ବାପାଙ୍କ ଏତେ ବଡ଼ ତ୍ୟାଗ ବଦଳରେ ମୁଁ ତାଙ୍କୁ ବିଶ୍ୱାସଘାତକ ଭାବିଦେଲି? ମତେ କ୍ଷମା କରିଦିଅ ପ୍ରଭୁ ।" ■

## ପୁସ୍ତକ ପରିଚୟ

### ସରୁ ନଥିବା ରାତି

ଚିତ୍ତରଞ୍ଜନ ଚିରଞ୍ଜିତ





ଆଦିତ୍ୟ ଭାରତ
ସେକ୍ଟର-୬, ସିଡିଏ
କଟକ-୭୫୩୦୧୪
ପ୍ରଥମ ସଂସ୍କରଣ : ୨୦୨୫
ମୂଲ୍ୟ: ୨୫୦ ଟଙ୍କା

କଥାକାର ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ସରୁ ନଥିବା ରାତି' ଏକ ସ୍ମୃତିଲେଖ ପୁସ୍ତକ । ଏହି ସ୍ମୃତିଲେଖଟି କୌଣସି ଗପ ବା ଉପନ୍ୟାସର ରୋମାଞ୍ଚକର କାହାଣୀଠାରୁ କିଛି କମ୍ ନୁହେଁ! ନାଟକ, ସାହିତ୍ୟ, ପ୍ରେମ, ରାଜନୀତି ଲେଖକଙ୍କ ଜୀବନକୁ କିଭଳି ପ୍ରଭାବିତ କରିଛି, ତାହା ଅତି ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି ଏହି ପୁସ୍ତକରେ । ରାତିର ଅନୁଭୂତି ବେଶ୍ ରୋମାଞ୍ଚକର । ରାତିକୁ ନେଇ କଥା ସରେନା । ରାତିକୁ ନେଇ ଗପ ସରେନା । ସୁଖ, ଦୁଃଖ, ଆଶା, ନିରାଶା, ହର୍ଷ, ବିଷାଦକୁ ନେଇ ମଣିଷର ଜୀବନ । ତମାମ ଜୀବନ ସ୍ୱପ୍ନ ସରେନା କି ନିଦ ସରେନା । ଜୀବନର ପ୍ରତିଟି ମୁହୂର୍ତ୍ତ ବେଶ୍ ରୋମାଞ୍ଚକର ଓ ସଂଘର୍ଷମୟ । ନାଟକ ଓ ସାହିତ୍ୟ ଲେଖକଙ୍କ ଜୀବନକୁ କିଭଳି ଐଶ୍ୱର୍ଯ୍ୟମୟ କରିଛି ତାହା ଅତି ମାର୍ମିକ ଭାବେ ବର୍ଣ୍ଣନା କରିଛନ୍ତି । ସେହିପରି ପ୍ରେମ ଓ ରାଜନୀତି ମଧ୍ୟ ତାଙ୍କ ଜୀବନକୁ ବେଶ୍ ପ୍ରଭାବିତ କରିଛି । ଚିନ୍ମୟ, ଚିରାଗ, ଚିନ୍ତନ ଓ ଚିତ୍ରକ ଚାରୋଟି ନିଆରା ଚରିତ୍ରକୁ ପାଠକମାନେ ଭେଟିବେ ଏହି ପୁସ୍ତକରେ । ପ୍ରତିଟି ଚରିତ୍ରର ସ୍ୱତନ୍ତ୍ରତାକୁ ଅନୁଭବ କରିବେ । ଏହି ସବୁ ଚରିତ୍ର ଭିତରେ ଲେଖକ ନିଜ ମନର କଥା, ନିଜ ହୃଦୟର ବ୍ୟଥାକୁ ଲିପିବଦ୍ଧ କରିଛନ୍ତି । 'ସରୁ ନଥିବା ରାତି' ପୁସ୍ତକଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ପଇସା ଲଡୁ ଓ ଅନ୍ୟାନ୍ୟ ଗଳ୍ପ

ସୁଧୀର କୁମାର ଦ୍ୱିବେଦୀ




ଏଥେନା ବୁକ୍‌ସ
ଭୁବନେଶ୍ୱର-୭୫୧୦୦୨
ପ୍ରଥମ ସଂସ୍କରଣ : ୨୦୨୬
ମୂଲ୍ୟ: ୧୮୦ ଟଙ୍କା


ଗାଳ୍ପିକ ସୁଧୀର କୁମାର ଦ୍ୱିବେଦୀଙ୍କ 'ପଇସା ଲଡୁ ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକରେ ସାଧାରଣ ମଣିଷଙ୍କ ଦୈନନ୍ଦିନ ଜୀବନ, ସାମାଜିକ ବାସ୍ତବତାର ପ୍ରତିଫଳିତ ହୋଇଛି । 'ଜୀବନ', 'ଉପହାର', 'ଚାଦର', 'ସଫଳତାର ଚାବିକାଠି', 'ଛତିଶ ଘଣ୍ଟା', 'ଦକ୍ଷତା', 'ମଛରା', 'ଆଶାର କିରଣ', 'ପଖାଳ', 'ସିନ୍ଦୂର', 'କର୍ତ୍ତବ୍ୟ', 'ଅସାଧାରଣ', 'ଚଣ୍ଡୀ', 'ବରୁଣ ଓ ଟଙ୍କାଗଛ', 'ଅନ୍ତିମ ସଂସ୍କାର', 'ବିବାହ ବାର୍ଷିକୀ', 'ହୁକୁମ ମିଶ୍ର', 'ବେପାର', 'ଦୟାଳୁ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଗାଳ୍ପିକ ଏହି ପୁସ୍ତକର ଅନେକ ଗପରେ ମଣିଷ ଜୀବନର ଦୁଃଖ, ଯନ୍ତ୍ରଣା, ଆଶା, ନିରାଶା, ସ୍ୱପ୍ନ, ସ୍ୱପ୍ନଭଙ୍ଗକୁ ଅତି ନିଖୁଣ ଭାବେ ଚିତ୍ରଣ କରିଛନ୍ତି । ସଂଘର୍ଷମୟ ଜୀବନର କରୁଣ ଚିତ୍ର ବେଶ୍ ମାର୍ମିକ ଭାବେ ପ୍ରତିଫଳିତ ହୋଇଛି ଏହି ପୁସ୍ତକର ଗପଗୁଡ଼ିକରେ । ମାନବୀୟ ଭାବାବେଗ , ସମାଜର ନିଛକ ଚିତ୍ର, ଅବହେଳିତ ମଣିଷ ସ୍ୱରକୁ ତୀକ୍ଷ୍ଣଭାବରେ ଗାଳ୍ପିକ ରୂପ ଦେଇଛନ୍ତି । ସାଧାରଣ କଥାକୁ ନିଆରା ଭାବେ ଅନେକ ଗପରେ ଗାଳ୍ପିକ ପ୍ରକାଶ କରିଛନ୍ତି । ସରଳ, ବୋଧଗମ୍ୟ ଭାଷା, ନିଆରା ଉପସ୍ଥାପନ ଶୈଳୀ ଗପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । ମଣିଷ ମନର କଥାକୁ ସାବଲୀଳ ଭାବେ ଗପ ମାଧ୍ୟମରେ ଆଙ୍କିବାର ପ୍ରୟାସ କରିଛନ୍ତି ଗାଳ୍ପିକ । 'ପଇସା ଲଡୁ ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ଫୁଲଗଛ



ଅଜୟ ସ୍ୱାଇଁ

ଆମ ମଝିରେ ଅଛି ଗୋଟେ ଫୁଲଗଛ ।
କେତେବେଳେ ଫୁଟେ
କେତେବେଳେ ମରେ
ଗପ ସରେ ।
ନୂଆ କରି ଗୀତ ଶିଖୁଥିବା
ଦଳେ ପକ୍ଷୀ ବସି ଗୀତ ଗାଆନ୍ତି
ତା' ମଲା ଡାଳରେ ।
ଋତୁ ସରେ ।
ପକ୍ଷୀମାନେ ଉଡ଼ିଯାଆନ୍ତି
ଯେ ଯାହା ଦିଗରେ ।
ଫୁଲଗଛରେ ପୁଣି ପତ୍ର କଅଁଳେ
କଢ଼ ଧରେ । ଫୁଟେ । ପୁଣି ମରେ ।
ଗପ ସରେ ।
ପ୍ରତିଗପରେ ଆମ ମଝିରେ ଥାଏ
ଏହି କୁହୁକ ଫୁଲଗଛ ।
ଥାଏ । ଏ ଗଛର ଫୁଲ ଶୁଂଘି
ମେଣ୍ଢା ପାଲଟିଥିବା ରାଜପୁତ୍ରର
ବନ୍ତ କଥା ।
ପୁଣି ମେଣ୍ଢାରୁ ମଣିଷ ପାଲଟୁଥିବା କଥା
ଜଣା ନଥାଏ ଫୁଲଗଛକୁ ।
ଆମ ଗପରେ ବି ନଥାଏ ଉପାୟ
କିନ୍ତୁ ପ୍ରତି ଗପରେ ଥାଏ ଗୋଟେ ଫୁଲଗଛ
ଆମେ ଥାଉ ନଥାଉ । ■



ମୋ: ୯୧୭୮୫୫୮୫୦୮

## ଯୁଦ୍ଧର ଉପତ୍ୟକା



ପ୍ରହଲ୍ଲାଦ ଶତପଥି

କବିତାଟିଏ ଲେଖିବି ବୋଲି କ'ଣ ଯିବାକୁ ହେବ
ଯୁଦ୍ଧରେ ଧ୍ୱଂସ ବିଧ୍ୱସ୍ତ ଗୋଟାଏ ଉପତ୍ୟକାକୁ,
ତା'ର ପାଦ ଦେଶକୁ,
ସାଉଁଟିବାକୁ ମୃତ ଇଚ୍ଛାମାନଙ୍କୁ
ଛିଣ୍ଡା ପତାକାକୁ, ଖଣ୍ଡ ବିଖଣ୍ଡିତ ଦେହକୁ ।

ଚାଲିବାକୁ ହେବ ମାଇଲ୍ ମାଇଲ୍ ଭୋକ ଉପାସର
ରାସ୍ତାକୁ,
ଲୁଚିବାକୁ ହେବ ବଙ୍କର୍‌ରେ
ଗଣିବାକୁ ହେବ ସାଇରନ୍‌ର ହୃଦୟଥରା ଗର୍ଜନକୁ
ସୈନିକ ସାଜି, ତୋପ ନେଇ, ଟ୍ୟାଙ୍କ୍ ନେଇ
ଗ୍ରେନାଇଟ୍ ମାଡ଼ ଖାଇବାକୁ ହେବ ।

ଯୁଦ୍ଧ ପାଇଁ ଚେସ୍ ବୋର୍ଡ କ'ଣ ଯଥେଷ୍ଟ ନୁହେଁ?
ହାରିବା ଜିତିବା କଥା ତ!
ହେଲେ ଯୁଦ୍ଧରେ କେହି କ'ଣ ଜିତେ?
ସଭିଏଁ ହାରନ୍ତି ।

ଯୁଦ୍ଧ ସମୟରେ ବି କ'ଣ
ସଁବାଳୁଆ ରୂପାନ୍ତରିତ ହେଉଥିବେ ପ୍ରଜାପତିରେ,
କାନ୍ଥ ସବୁରେ କ'ଣ ଝିଟିପିଟିମାନେ ଛକି ବସିଥିବେ
ପ୍ରଜାପତିମାନଙ୍କୁ,
ଫୁଲ ସବୁ କ'ଣ ଫୁଟୁଥିବେ ରାତିରେ ଯୁଦ୍ଧ ସମୟରେ,
ପାହାଡ଼ମାନେ କ'ଣ ଶୋଇପାରୁଥିବେ
ନିରନ୍ତର ବୋମା ମାଡ଼ରେ ?

ଆକାଶ ଲୁଚି ଯାଉଥିବ ବିଷାକ୍ତ ଧୂଆଁରେ
ପକ୍ଷୀସବୁ ଭୁଲି ଯାଉଥିବେ ଗୀତ ଗାଇବା
ବିରାଡ଼ି ଓ ମୂଷାମାନେ ଭୁଲି ଯାଉଥିବେ
ଜୀବନ ମୃତ୍ୟୁର ଖେଳ ।
ସାପ ମାଟି ଭିତରେ ପଶି ଜମା ବାହାରୁ ନ ଥିବ
ଚାରାସବୁ ଭୁଲି ଯାଉଥିବେ ଗଜୁରିବାର ମନ୍ତ୍ର
ଜହ୍ନ ଲୁଚି ଯାଉଥିବ ମେଘ ଭିତରେ
ନକ୍ଷତ୍ରମାନେ ଜମା ତେଜିୟାନ୍ ହେଉନଥିବେ ।

ଯୁଦ୍ଧ କ'ଣ ଫେରିପାଏ ରାସ୍ତା, ଶାନ୍ତିର?
ଯୁଦ୍ଧରେ ଥରୁଟିଏ ବାଟବଣା ହେଲେ
ପ୍ରତିପତ୍ତିର ମଦ ନିଶାରେ ମତ୍ତ ଗୋଡ଼ ଦିଓଟି
ଚାଲୁଥାଏ ଯାହା ଉଠି ପଡ଼ି,
ହେଲେ ଜମା ପହଞ୍ଚି ପାରେନା ଘରକୁ ।

ଜଣେ ଆରଜଣକୁ ଜିଣିବାକୁ ଯାଇ
ଭୁଲିଯାଏ ଯେ ସେ ନିକଟତର ହେଉଛି
ଭିନ୍ନ ଏକ ମୃତ୍ୟୁର ।
ଲୋକଶୂନ୍ୟ ଘର,
ପକ୍ଷୀ ବିହୀନ ଆକାଶ
କଟା ଗଣ୍ଡିର ପତ୍ର ବିହୀନ ଗଛ
ଭୟ ଆଶଙ୍କାର ସାଇରନ୍
ଖଣ୍ଡିଆ ଜହ୍ନ
ମୃତ ଆଲୁଅ,
ଯୁଆଡ଼େ ଅନାଅ, ଜୀଅନ୍ତା ଶବର ସହର ।

ଗୋଟାଏ ଭଙ୍ଗା ଦର୍ପଣ ସାଉଁଟି ଆଣୁଥାଏ
କ୍ଷତାକ୍ତ ମୁହଁମାନଙ୍କୁ
ରକ୍ତ ଝରାଉଥିବା ଓଠ ସବୁକୁ
ଜଳା ପୋଡ଼ାର ଦୃଶ୍ୟରେ ଭର୍ତ୍ତି ଆଖିଗୁଡ଼ିକକୁ ।
ଏକ ବିରାଟ ଘା' ଯୁଦ୍ଧ, ପୃଥିବୀର ମାନଚିତ୍ରରେ । ■

ଟିକ୍ରାପଡ଼ା, ପୋ/ଜି: ବଲାଙ୍ଗୀର
ପିନ୍: ୭୬୭୦୦୧
ମୋ: ୯୪୩୭୧୫୦୯୫୧

# ଜାତୀୟ କବି ବାଞ୍ଛାନିଧିଙ୍କ କବିତାରେ ଦେଶପ୍ରେମ



ଡ. ପ୍ରଫୁଲ୍ଲ କୁମାର ସାହୁ

ଜାତୀୟ ଯୁଗର ଚାରଣ -କବି ବାଞ୍ଛାନିଧି ମହାନ୍ତି । ବିରାମହୀନ ବିପ୍ଳବର ଏକ ବହ୍ନିମାନ ଶିଖା । ମୁକ୍ତି ପ୍ରବଣତାର ଏକ ତେଜୋଦୀପ୍ତ ଝଡ଼ । ତାଙ୍କ କବି ପ୍ରତିଭାର ପ୍ରଚଣ୍ଡ ଘୂର୍ଣ୍ଣି ଆଗରେ ହାର୍ ମାନିଛି କାଳ । ଭଙ୍ଗା ପରାଣ ନେଇ ଓ ଭଙ୍ଗା କୁଡ଼ିଆରେ ବସି ସେ କବିତା ଲେଖୁଥିଲେ ଏବଂ ସେହି କବିତା ମାଧ୍ୟମରେ ସେ ଉଠେଇ ଥିଲେ ପ୍ରଶ୍ନ – "କରି ହାରି ହୁରି ଗୁହାରି ପାଇଛି କି କେହି ମୁକତି?" କବିଙ୍କ ବିଦାୟ ନେବାର ନଅ ଦଶନ୍ଧି ପରେ ବି ଊଣା ପଡ଼ିନି ସେ ପ୍ରଶ୍ନର ପ୍ରାସଙ୍ଗିକତା । ବିଦେଶୀ ଶାସନ କବଳରୁ ମୁକ୍ତି ତଥା ଛିନ୍ନ ବିଚ୍ଛିନ୍ନ ହୋଇପଡ଼ିଥିବା ପ୍ରାକୃତିକ ଓଡ଼ିଶାର ଏକତ୍ରିକରଣ- ଏହି ଦୁଇଟି ଲକ୍ଷ୍ୟ ନେଇ ବ୍ୟକ୍ତିନିଷ୍ଠରୁ ସର୍ବକନିଷ୍ଠ ହୋଇଥିଲା ତାଙ୍କ କବିତାର ସ୍ୱର ଓ ସଙ୍କଳ୍ପ । ତାଙ୍କ କବିତା କେବଳ କବିତା ନୁହେଁ, କବିତା ଓ ସଂଗୀତର ମିଶ୍ରରାଗ । ତେଣୁ ତାହା ସବୁ ବର୍ଗର ଲୋକଙ୍କ ମନକୁ ଛୁଉଁଥିଲା ଏବଂ ଶୁଣିବା ମାତ୍ରକେ ଶିରା ଶୋଣିତରେ ଖେଳି ଯାଉଥିଲା ଏକ ଅଦ୍ଭୁତ ଶିହରଣ ।

ଜନପଦର କବି ବାଞ୍ଛାନିଧି । ମୁକ୍ତି ପ୍ରୟାସୀ ଜୀବନର ମହାମାନ୍ତ୍ରିକ । ତାଙ୍କ କବିତା ଜାତୀୟ ଜୀବନର ମଧୁକ୍ଷରା । ଜଣେ ନାଟ୍ୟକାର ଭାବରେ ସେ ରାଧାମୋହନ ଥିଏଟର, ନ୍ୟୁ ଓଡ଼ିଶା ଥିଏଟର, କୃଷ୍ଣଚନ୍ଦ୍ର ଥିଏଟର ଓ ଉତ୍କଳ ନାଟ୍ୟ ନିକେତନ ଆଦି ବିଭିନ୍ନ ନାଟ୍ୟ ଅନୁଷ୍ଠାନ ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହି ଓଡ଼ିଶାର ବିଭିନ୍ନ ଜିଲ୍ଲା ବୁଲିଛନ୍ତି । ନୃତ୍ୟନାଟିକା, ମୁକ୍ତାକାଶ ମଞ୍ଚନାଟକ ଓ ଗଣସଂଗୀତ ଜରିଆରେ ଜିଣିଛନ୍ତି ଶ୍ରୋତା ଓ ଦର୍ଶକଙ୍କ ମନ । କେବଳ ଯାତ୍ରା ମଞ୍ଚରେ ନୁହେଁ, ବାଟରେ, ଘାଟରେ, ଦାଣ୍ଡରେ ସବୁଠି ସେ ଗାଇଛନ୍ତି, ନାଚିଛନ୍ତି, ନଚେଇଛନ୍ତି ଓ ଗଣଚେତନାରେ ଭରି ଦେଇଛନ୍ତି ମୁକ୍ତିର ସରଣୀରେ ଆଗକୁ ବଢ଼ିବାର ଆଗ୍ନେୟ ପ୍ରେରଣା । "କାହୁଁ ଅଇଲେ ବେପାରୀ, ସବୁ ସାଇଲେ ଆମେ ହେଲୁ ଭିକାରୀ" - ତାଙ୍କର ଏହି ସଂଗୀତକୁ ଗାଇଲା ବେଳେ ବାନରସେନା ଭୁଲିଯାଉଥିଲା ଫିରିଙ୍ଗ ପୋଲିସର ଲାଠିମାଡ଼ର ଯନ୍ତ୍ରଣା । ଇଂରେଜ ସରକାରଙ୍କ ଅନ୍ୟାୟ ଅତ୍ୟାଚାର ତାଙ୍କୁ ଯେତିକି ପୀଡ଼ା ଦେଇଥିଲା ବ୍ୟଥିତ କରିଥିଲା ଗଡ଼ଜାତ ଗଞ୍ଜଣା । ଦେଶୀୟ ରାଜା ବିଶେଷକରି କନିକା ରାଜାଙ୍କ ଅମାନୁଷିକ ଅତ୍ୟାଚାରରେ ଅତିଷ୍ଠ ନିରୀହ ପ୍ରଜାକୁଳଙ୍କ ଦୁଃଖ ଦୁର୍ଦ୍ଦଶା ପ୍ରତି ସମ୍ବେଦନଶୀଳ ହୋଇ ସେ ଲେଖିଛନ୍ତି – "ତେ ଦିନ ଆଉ ଦୁଃଖିନୀ କନିକା ଅନୀତି ଯାତନା ସହିବ, ଦୁଃଖ ସହିବାକୁ ଦୁଃଖିନୀ ଲଲାଟେ ଲିହିଥିଲା କିବା ଦଇବ । କର ଦେଇ ଦେଇ ସାରିଛି ସମ୍ବଳ ମାଡ଼ ଖାଇ ଖାଇ ହରାଇଛି ବଳ, ଆହା କହିବାକୁ ସାହା କେହି ନାହିଁ, କାହା ଆଗେ ଦୁଃଖ କହିବ ।" କବିତା ନୁହେଁ, ଏହା ଥିଲା ବେଦନା ମୁକ୍ତିର ଓଁକାର । ସାରା ଦେଶରେ ସେଦିନ ଚହଳ ପକାଇ ଥିଲା ଏ କବିତା । କନିକା ପ୍ରଜା ଆନ୍ଦୋଳନର ସେନାପତି ଚକ୍ରଧର ବେହେରା ଏହି କବିତା ସମ୍ପର୍କରେ ତାଙ୍କ 'ବନ୍ଦୀର ବିଳାପ'ରେ ଲେଖିଛନ୍ତି - "ବାଞ୍ଛାନିଧି ବାବୁ ଇରମ ସନ୍ତାନ, ଦୁଃଖିନୀ କନିକା ସହୋଦର ପ୍ରାଣ । ଦେଖିଲେ ସାକ୍ଷାତେ ତୋର ଏ ଯାତନା, ଗାଇଲେ ଦୁଃଖିନୀ କନିକା ବେଦନା ।" ଉତ୍କଳମଣି ଗୋପବନ୍ଧୁ ବନ୍ଦୀଶାଳାରେ କବିଙ୍କୁ ସ୍ମରଣ କରି ଲେଖିଥିଲେ-"ଭଦରଖ କର୍ମୀ ଧନ୍ୟ ତୁମ୍ଭ ବଳ, ଏପରି ସାଧକ ଲୋଡ଼ଇ ଉତ୍କଳ ।"

ସମୟର ଆହ୍ୱାନ ଓ ଜାତିର ମର୍ମ ବେଦନାକୁ ଅନୁଭବ କରି ଜାତୀୟ କବି ବାଞ୍ଛାନିଧି ଗାଇଛନ୍ତି "ସ୍ୱାଧୀନ ଭାରତ ସ୍ୱାଧୀନ ଭାରତ ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ", ଭଳି ଅନେକ ଲୋମଟାଙ୍କୁରା କବିତା । ଜଣେ ଦୂରଦ୍ରଷ୍ଟା କବି ଭାବରେ ସ୍ୱରାଜ୍ୟ ପ୍ରତିଷ୍ଠାର ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ଦେଶବାସୀଙ୍କୁ ସତର୍କ କରାଇ ଦେବାକୁ ଯାଇ ସେ ଲେଖିଛନ୍ତି – "କି ହେବ ସ୍ୱରାଜ୍ୟ ଘେନି ଯେବେ ମୋର ନ ପୂରେ ପେଟ, ଖଟି ଖଟି ମଲେଣି ମୂଲିଆ ଚାଷୀ ଦାନା କନା ନିଅଣ୍ଟ ।" କେବଳ ଦେଶମୁକ୍ତିର ତୂର୍ଯ୍ୟନାଦ ନୁହେଁ, ମାନବ ବନ୍ଦନାର ଶଙ୍ଖଧ୍ୱନି ଥିଲା ତ୍ୟାଗଦୀପ୍ତ କବି ଜୀବନର ବାଣୀମନ୍ତ୍ର । ଜଣେ ସଂସ୍କାରପ୍ରବଣ କବି ଭାବରେ ନାରୀ ଜାଗରଣ, ବିଧବା ବିବାହ ଆଦି ସାମାଜିକ ସମସ୍ୟାକୁ ନେଇ ଲେଖନୀ ଚାଳନା କରିଛନ୍ତି । ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟରେ ପ୍ରଭାବିତ ହୋଇ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଲଢ଼ିଛନ୍ତି ରକ୍ତକ୍ଷରା ଲଢ଼େଇ । ଜାତି ଧର୍ମ ନିର୍ବିଶେଷରେ ଜାତୀୟତା ସ୍ରୋତରେ ସାମିଲ ହେବା ପାଇଁ ଗାନ୍ଧିଜୀ ଯେଉଁ ଆହ୍ୱାନ ଦେଇଥିଲେ ସେହି ମହାଭାରତୀୟ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ସମାଜରୁ ଅସ୍ପୃଶ୍ୟତା ଦୂର କରିବା ନିମନ୍ତେ ଆହ୍ୱାନ ଦେଇ ଶୁଣେଇଛନ୍ତି- "ଅଛୁଆଁ ଦୋଷ ମହାପାପକୁ ଉଠାଅ ଭାଇ, ଅଛୁଆଁ ଛୁଆଁ ଜାତି ପ୍ରମାଣ କାହିଁରେ ନାହିଁ ।" କବିତାରେ ମାନବ ବନ୍ଦନାର ଶଙ୍ଖନାଦ ତୋଳି ସେ ଶହଶହ ସତ୍ୟାଗ୍ରହୀ ତିଆରି କରିଥିଲେ । ସାଂଗଠନିକ ଦକ୍ଷତା ଯୋଗୁଁ ଏକ ସତ୍ୟାଗ୍ରହୀ ତିଆରି କାରଖାନାରେ ପରିଣତ ହୋଇଥିଲା ତାଙ୍କ ଜନ୍ମମାଟି ଇରମ । ସାରା ଓଡ଼ିଶାରେ ଖେଳି ଯାଇଥିଲା ରକ୍ତତୀର୍ଥ ଇରମ ମାଟିରୁ ପ୍ରବାହିତ ଦେଶପ୍ରେମର ସ୍ରୋତ ।

ଭାରତଛାଡ଼ ଆନ୍ଦୋଳନ ବେଳେ ସେହି ଜାତୀୟ ନଗର ଇରମ ଲେଖିଲା ବୀରତ୍ୱର ଓ ବଳିଦାନର ଏକ ବିରଳ ଇତିହାସ । ପଞ୍ଜାବର ଜାଲିଆନାଓ୍ୱାଲାବାଗ୍ ପରେ ରକ୍ତତୀର୍ଥ ଇରମ୍ ହେଉଛି ଦ୍ୱିତୀୟ ବଳିଦାନର କ୍ଷେତ୍ର, ଯେଉଁଠି ଗୋଟିଏ ଦିନରେ ପୁଲିସ ଗୁଳିରେ ସହିଦ୍ ହୋଇଥିଲେ ୨୯ ଜଣ ଲୋକ । ସେତେବେଳକୁ ଜାତୀୟ କବି ବାଞ୍ଛାନିଧି ସ୍ୱଦେହରେ ନ ଥିଲେ ସତ, କିନ୍ତୁ ତାଙ୍କ ନେତୃତ୍ୱ ଓ ଅଗ୍ନିବର୍ଷୀ କବିତାର ପ୍ରଭାବରେ ବହୁ ଆଗରୁ ଏକ ସଂଗ୍ରାମୀ ତିଆରି କାରଖାନାରେ ପରିଣତ ହୋଇ ସାରିଥିଲା ରକ୍ତତୀର୍ଥ ଇରମ୍ । ■

ଅବସରପ୍ରାପ୍ତ ଅଧ୍ୟକ୍ଷ, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ବସ୍ତାରେ ବିଜେଡିର ଶକ୍ତି ପ୍ରଦର୍ଶନ

## ରବୀନ୍ଦ୍ର ଓ ସୁବାସିନୀ ଯିବା ପରେ ବି ତୃଣମୂଳ ସଂଗଠନରେ ପଡ଼ିନି ଫରକ

ବାଲେଶ୍ୱର, ୧୮।୪ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନମଣ୍ଡଳୀରେ ବିଜେଡିର ଗଡ଼ ମଜଭୁତ ହେବାରେ ଲାଗିଛି। ଚାରି ଦଶନ୍ଧି ଧରି, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମରେ ଏଠାରେ ପ୍ରାର୍ଥୀଙ୍କୁ ଭୋଟ୍ ମିଳି ଆସିଛି। ତେବେ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ବିଜେଡି ଛାଡ଼ି ବିଜେପି ଶିବିରକୁ ଯିବା ପରେ ବସ୍ତାରେ ବିଜେଡି ଦୁର୍ବଳ ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ତାଙ୍କ ପରେ ପରେ ବିଧାୟିକା ସୁବାସିନୀ ଜେନା ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ଦଳରୁ ନିଲମ୍ବିତ ହେବା ପରେ ଏ ଚର୍ଚ୍ଚାକୁ ଆହୁରି ବଳ ମିଳିଥିଲା। କିନ୍ତୁ, ଶୁକ୍ରବାର ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପୁଣ୍ୟତିଥିରେ ବିଜେଡିର ଶକ୍ତି ପ୍ରଦର୍ଶନ ଏସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣିଦେଇଛି।

ବିଜେଡିର ଆଗଧାଡ଼ିର ନେତାଙ୍କ ଉପସ୍ଥିତିରେ ପାଳିତ ଏହି କାର୍ଯ୍ୟକ୍ରମରେ ତୃଣମୂଳସ୍ତରର ହଜାର ହଜାର କର୍ମୀ ଯୋଗଦେଇ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପ୍ରତିଦ୍ୱନ୍ଦ୍ୱୀ ଶିବିରକୁ ଛାନିଆ କରିଥିବା ଆଲୋଚନା ହେଉଛି। ରବୀନ୍ଦ୍ର ବିଜେଡିରୁ ଯିବା ପରେ ଜିଲ୍ଲାର ସମସ୍ତ ଦଳୀୟ ବିଧାୟକ,



ପୂର୍ବତନ ବିଧାୟକ ଓ ବରିଷ୍ଠ ନେତାମାନେ ଗୋଟିଏ ମଞ୍ଚରେ ଏକଜୁଟ୍ ହେବା ଏବଂ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ଘରବାହୁଡ଼ା (ବିଜେଡିକୁ ପ୍ରତ୍ୟାବର୍ତ୍ତନ) କର୍ମୀଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିଛି।

ଅନ୍ୟପଟେ, ରବୀନ୍ଦ୍ର ବିଜେଡିରେ ସମାନ୍ତରାଳ ସଂଗଠନ କରି ବସ୍ତାରେ ରାଜନୀତି ଚଳାଇଥିବାରୁ ପୁରୁଖା କର୍ମୀ ଅବଦମିତ ଅବସ୍ଥାରେ ଥିଲେ। ଏବେ ରବୀନ୍ଦ୍ର ବିଜେଡିରୁ ଯିବା ପରେ ପୁରୁଖା ନେତା ଓ କର୍ମୀ ଖୁଲମଖୁଲା ରାଜନୀତି କରିବାକୁ ବିଜେଡି ଶିବିରକୁ ଫେରୁଛନ୍ତି। ତେବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନାଁରେ ବସ୍ତାରୁ ଜିତିଥିବା ବିଧାୟିକା ସୁବାସିନୀ ଜେନାଙ୍କ ଆଗାମୀ କାର୍ଯ୍ୟ ପନ୍ଥା କ'ଣ ରହିବ, କେଉଁ ମୁଦ୍ଦା ନେଇ ସେ ଆଗାମୀ ରାଜନୀତି କରିବେ, ସେନେଇ ତୃଣମୂଳ ସ୍ତରରେ କର୍ମୀମାନଙ୍କ ମଧ୍ୟରେ ଅନିଶ୍ଚିତତା ଲାଗି ରହିଛି। ଏମିତି ବି ବସ୍ତାରେ ବିଜେପି ସଂଗଠନ ଦୁର୍ବଳ ଥିବା ବେଳେ କଂଗ୍ରେସ ଅପେକ୍ଷାକୃତ ସୁଦୃଢ଼ ରହିଛି। ଆଗକୁ ପଞ୍ଚାୟତ ନିର୍ବାଚନରେ ରାଜନୈତିକ ଲଢ଼େଇ ଜୋରଦାର୍ ହେବାକୁ ଥିବା ବେଳେ ବିଜେଡି ତାର ପୁରୁଣା ଦୁର୍ଗ ଦଖଲରେ ରଖିବ ବୋଲି ନେତା ଓ କର୍ମୀ ମହଲରେ ଚର୍ଚ୍ଚା ହେଉଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଗତକାଲି ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପୁଣ୍ୟତିଥି ଉପଲକ୍ଷେ ବସ୍ତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାସ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା, ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସ ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା, କର୍ମୀ ଉପସ୍ଥିତ ଥିଲେ।

## ଜଳିଗଲା ପେପର୍ ପ୍ଲେଟ୍ ଫ୍ୟାକ୍ଟ୍ରି

ବାଲେଶ୍ୱର,୧୮।୪(ସମିସ): ରେମୁଣାସ୍ଥିତ ଛଣପୁରଠାରେ ଥିବା ଏକ ପେପର୍ ପ୍ଲେଟ୍ ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଆଜି ଅପରାହ୍ଣରେ ଫ୍ୟାକ୍ଟ୍ରି ମଧ୍ୟରେ ହଠାତ୍ ନିଆଁ ଲାଗିଯାଇଥିଲା। ଫ୍ୟାକ୍ଟ୍ରିରୁ ଧୂଆଁ ବାହାରୁଥିବା ଦେଖି ଲୋକେ ଦମକଳବାହିନୀକୁ ଖବର ଦେଇଥିଲେ। ରେମୁଣା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କ୍ଷୟକ୍ଷତିର ଆକଳନ କରାଯାଉଛି। ବିଦ୍ୟୁତ୍ ସଟ୍ସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

## ଗରମ, ଗୁଳୁଗୁଳିରେ ଆଶ୍ରମ ସ୍କୁଲର ୯ ଛାତ୍ରୀ ଗୁରୁତର

ବାରିପଦା, ୧୮।୪(ସମିସ): ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ମୟୂରଭଞ୍ଜ ଜିଲ୍ଲା, ଚାନ୍ଦୁଆ ଆଶ୍ରମ ସ୍କୁଲର ୯ ଛାତ୍ରୀ ଗୁରୁତର ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅସୁସ୍ଥ ଛାତ୍ରୀମାନେ ହେଲେ, ସଞ୍ଜିତା ସେଠୀ (୧୪), ଲିଜା ସିଂ(୧୩), ରାଇବାରି ସୋରେନ(୧୩), ଶ୍ରଦ୍ଧା ନାଏକ(୧୨), ସଙ୍ଗୀତା ମାରାଣ୍ଡି(୧୨), ଧାନି ହାଁସଦା(୧୩), ସିନଗ ମଣି ମାରାଣ୍ଡି(୧୨)। ଏବେ ମେଡିସିନ୍ ୱାର୍ଡରେ ୨ଜଣଙ୍କ ଚିକିତ୍ସା ଚାଲୁ ରହିଥିବା ବେଳେ ଅନ୍ୟ ସମସ୍ତଙ୍କ ପେଡିଆଟ୍ରିକ୍ ୱାର୍ଡରେ ଚିକିତ୍ସା ଚାଲିଛି। ଖବର ଲେଖା ହେବା ବେଳକୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର ସୂଚନା ଦେଇଛନ୍ତି।

**୪ ଦିନ ପାଇଁ ସ୍କୁଲ, କଲେଜ ଛୁଟି**

ଅପରପକ୍ଷେ, ଖରା ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ (ସୋମବାର)ଠାରୁ ୨୩ ତାରିଖ (ଗୁରୁବାର) ପର୍ଯ୍ୟନ୍ତ ୪ଦିନ ପାଇଁ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସ୍କୁଲ ଓ ଯୁକ୍ତ ଦୁଇ (ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) କଲେଜକୁ ଜିଲ୍ଲାପାଳ ହେମକାନ୍ତ ସଏ ଛୁଟି ଘୋଷଣା କରିଛନ୍ତି।

ସୂଚନାନୁଯାୟୀ, ଆଜି ସକାଳୁ ଆଶ୍ରମ ସ୍କୁଲ ହଷ୍ଟେଲରେ ରହୁଥିବା କିଛି ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସେମାନଙ୍କ ପେଟ କାଟିବା ସହ ମୁଣ୍ଡ ବ୍ୟଥା ହୋଇଥିଲା। ଏହାସାଙ୍ଗକୁ ସେମାନେ ଅତ୍ୟନ୍ତ ଦୁର୍ବଳ ଅନୁଭବ କରିଥିଲେ। ଖବର ପାଇ ହଷ୍ଟେଲ ୱାର୍ଡେନ୍ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଏହାସହ ବିଦ୍ୟାଳୟ ପରିସରରେ ଏକ ଡାକ୍ତରୀ ଟିମ୍ ପହଞ୍ଚି ଅନ୍ୟ ସମସ୍ତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ଡାକ୍ତରଙ୍କ ପ୍ରାଥମିକ ତଦନ୍ତ ଓ ଛାତ୍ରୀଙ୍କ ବୟାନ ଅନୁସାରେ, ସକାଳୁ ଛାତ୍ରୀମାନେ ଆମ୍ବ ଖାଇଥିବାରୁ ଅମ୍ଳଜନିତ ରୋଗରେ ପୀଡ଼ିତ ହୋଇଥିଲେ।

## ବାରିପଦା ଜଳସେଚନ ଅଫିସର ପୂର୍ବତନ କର୍ମଚାରୀଙ୍କୁ ୩ ବର୍ଷ ଜେଲ୍

ବାରିପଦା,୧୮।୪(ସମିସ): ବାରିପଦାସ୍ଥିତ ଜଳସେଚନ ବିଭାଗ ଏସ୍‌ଇ ଅଫିସ୍‌ର ପୂର୍ବତନ ଡିଲିଙ୍ଗ୍ ଆସିଷ୍ଟାଣ୍ଟ-କମ୍-ଡିସ୍ପାଚ୍ କ୍ଲର୍କ (ଅବସରପ୍ରାପ୍ତ) ଗୌରହରି ପାତ୍ର ଏକ ଭିଜିଲାନ୍ସ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭିଜିଲାନ୍ସ କୋର୍ଟ ତାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି।

**ଭିଜିଲାନ୍ସ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ**

ସୂଚନା ମୁତାବକ, ଶ୍ରୀ ପାତ୍ର ଠିକାଦାରଙ୍କ ନୂତନ ଓ ନବୀକରଣ ଲାଇସେନ୍ସ ଫି' ବ୍ୟାଙ୍କରେ ଜମା କରିବା ପାଇଁ ଉଦ୍ଦିଷ୍ଟ ସରକାରୀ ଟଙ୍କାକୁ ଆତ୍ମସାତ୍ କରିଥିଲେ।

■ ବଢୁଛି ଗ୍ରୀଷ୍ମ ପ୍ରବାହ

## ୯ ଜିଲ୍ଲାରେ ବିଦ୍ୟାଳୟ ଛୁଟି

ଭୁବନେଶ୍ୱର,୧୮।୪(ସମିସ): ରାଜ୍ୟରେ କ୍ରମାଗତ ଭାବେ ଗ୍ରୀଷ୍ମ ଲହରି ବଢୁଛି। ଆଗାମୀ ସପ୍ତାହରେ ଆହୁରି ୩ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଓ ଗରମ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲାରେ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ୯ଟି ଜିଲ୍ଲାରେ ଛୁଟି ଘୋଷଣା କରାଯାଇଥିବାବେଳେ ପରିସ୍ଥିତି ଅନୁଯାୟୀ ଜିଲ୍ଲାପାଳମାନେ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ନେବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲାରେ ଆସନ୍ତା ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି।

# ଅବଶିଷ୍ଟାଂଶ...

## ଓଡ଼ିଶାର ନ୍ୟାଯ୍ୟ...

କିପରି ଓଡ଼ିଶାର ଅଧିକାର ସହିତ ସାଲିସ୍ କରିଛି। ଏହି ଅନ୍ୟାୟ ବିରୁଦ୍ଧରେ ଓଡ଼ିଶାର ଜଣେ ବି ବିଜେପି ସାଂସଦ ସ୍ୱର ଉଠାଇ ନ ଥିବାରୁ ରାଜ୍ୟବାସୀ ପ୍ରକୃତରେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଓଡ଼ିଶାର ରାଜନୈତିକ ଶକ୍ତି ହ୍ରାସକୁ ସମର୍ଥନ କରିବା ଦ୍ୱାରା ଓଡ଼ିଶାବାସୀଙ୍କ ନିକଟରେ ବିଜେପିର ମୁଖା ଖୋଲିଯାଇଛି। ଓଡ଼ିଶାର ଅଧିକାର ପାଇଁ ବିଜେଡି ସର୍ବଦା ଲଢ଼େଇ ଜାରି ରଖିବ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ଗତ ଗୁରୁବାର ଆଗତ କରିଥିବା ସୀମା ପୁନଃ ନିର୍ଦ୍ଧାରଣ ବିଲ୍-୨୦୨୬ ଦ୍ୱାରା ଓଡ଼ିଶା ବ୍ୟାପକ ଭାବେ କ୍ଷତି ସହିବ ବୋଲି ଆଶଙ୍କା କରି ନବୀନ ପଟ୍ଟନାୟକ ଗତ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିଲେ। ଚିଠିରେ ନବୀନ ଉଲ୍ଲେଖ କରିଥିଲେ ଯେ ଓଡ଼ିଶାର ୨୧ ଜଣ ସାଂସଦ ଅଛନ୍ତି, ଯାହା ମୋଟ ସଂଖ୍ୟାର ପ୍ରାୟ ୩.୯ ପ୍ରତିଶତ ଅଟେ। ମାତ୍ର ଅଧିବେଶନରେ ବିଲ୍ ପାରିତ ସହ ସଂଶୋଧନ ପ୍ରସ୍ତାବ ଗୃହୀତ ହେଲେ ଏହି ସଂଖ୍ୟା ୨୯କୁ ବୃଦ୍ଧି ପାଇବ; ମାତ୍ର ଏହାର ଅନୁପାତ ୩.୪ ପ୍ରତିଶତକୁ କମିଯିବ। ଜନସଂଖ୍ୟା ନିୟନ୍ତ୍ରଣ ଓ ମାନବ ସମ୍ବଳ ବିକାଶରେ ଅଗ୍ରଣୀ ଥିବା ଓଡ଼ିଶା ଜାତୀୟ ସ୍ତରରେ ପ୍ରାୟ ୧୫ ପ୍ରତିଶତ ପର୍ଯ୍ୟନ୍ତ ରାଜନୈତିକ ପ୍ରତିନିଧିତ୍ୱର ହାନି ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ଏହା ଆମର ରାଜନୈତିକ କଣ୍ଠସ୍ୱର ଓ ପ୍ରଭାବକୁ କ୍ଷୀଣ କରିବ ଏବଂ ଅନ୍ୟ ରାଜ୍ୟମାନଙ୍କ ପକ୍ଷରେ ପୁନର୍ବଣ୍ଟନ କରାଯିବ। ବିଭିନ୍ନ ରିପୋର୍ଟ ଅନୁସାରେ ଏହି ପ୍ରକ୍ରିୟାରେ ଓଡ଼ିଶା ଚତୁର୍ଥ ସବୁଠାରୁ ବଡ଼ କ୍ଷତିଗ୍ରସ୍ତ ରାଜ୍ୟ ହେବ। ତେଣୁ ଏହି ପ୍ରସଙ୍ଗରେ ୪୮ ଘଣ୍ଟା ମଧ୍ୟରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଚିଠିରେ ଦାବି କରିଥିଲେ ନବୀନ। ସ୍ୱତନ୍ତ୍ର ଅଧିବେଶନରେ ଏମିତି ଏକ ପ୍ରସ୍ତାବ ପାରିତ କରାଯାଉ, ଯେଉଁଥିରେ ଓଡ଼ିଶାର ୦.୦୦୧ ପ୍ରତିଶତ ରାଜନୈତିକ ଅଧିକାର କ୍ଷତି ହେବ ନାହିଁ ଏବଂ ଅନ୍ୟ କୌଣସି ରାଜ୍ୟକୁ ହସ୍ତାନ୍ତର ହେବ ନାହିଁ ବୋଲି ନବୀନ ଦାବି କରିଥିଲେ। ସେହିପରି ରାଜ୍ୟର ସମସ୍ତ ସାଂସଦଙ୍କୁ ଚିଠି ଲେଖି କେନ୍ଦ୍ର ସରକାରଙ୍କ ଏପରି ଅନ୍ୟାୟ ବିରୋଧରେ ଏକ ହେବା ପାଇଁ ନବୀନ ଆହ୍ୱାନ ମଧ୍ୟ ଦେଇଥିଲେ। ମାତ୍ର ସମଗ୍ର ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଚିଠିର କୌଣସି ଉତ୍ତର ରଖି ନ ଥିବା ବେଳେ ବିଜେପି ସାଂସଦମାନେ ମଧ୍ୟ ରାଜ୍ୟସ୍ୱାର୍ଥ ପ୍ରସଙ୍ଗରେ ମୁହଁ ନ ଖୋଲିବାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।

## ଜାତୀୟ ରାଜନୀତିରେ...

ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ଯୋଗଦେବା ପରେ ଜାତୀୟ ରାଜନୀତିରେ ବିଜେଡିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ଜାତୀୟ ସ୍ୱାର୍ଥ ଏବଂ ସମ୍ବିଧାନ ସୁରକ୍ଷାକୁ ନେଇ କେନ୍ଦ୍ର ବିରୋଧରେ ଏକାଠି ହୋଇଥିବା ଦଳଗୁଡ଼ିକୁ ନେଇ ଗଠିତ ଇଣ୍ଡି ମେଣ୍ଟ ଗତକାଲି ଓ ଆଜି ନୂଆଦିଲ୍ଲୀରେ ବୈଠକରେ ସାମିଲ ହୋଇଥିଲେ। ଏହି ବୈଠକରେ ଯୋଗଦେବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍ଗେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥଲେ । ନବୀନଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ସଂସଦୀୟ ଦଳର ନେତା ମାନସ ମଙ୍ଗରାଜ ଏହି ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକ ପରେ ଜାତୀୟ ରାଜନୀତିରେ ବିଜେଡିକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହି ବୈଠକରେ ଯୋଗଦେବା ସମ୍ପର୍କରେ ସାଂସଦ ମାନସ ମଙ୍ଗରାଜ କହିଛନ୍ତି, ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌ରେ ଓଡ଼ିଶାର ଏବଂ ଓଡ଼ିଆଙ୍କ ରାଜନୈତିକ ପରିଚୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ଯେଉଁ ପ୍ରସଙ୍ଗ ଯେଉଁ ମେଣ୍ଟ ଉତ୍ଥାପନ କରିବ, ସେମାନଙ୍କ ସହ ଆମେ ଅଛୁ। କେନ୍ଦ୍ର ସରକାର ଯେଉଁ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଆଣିଥିଲେ, ସେଥିରେ ଓଡ଼ିଶାର ସ୍ୱାର୍ଥ ବହୁମାତ୍ରାରେ ହ୍ରାସ ହେବାକୁ ଯାଉଥିଲା। ସେହିପରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ମଧ୍ୟ ଏଥିରୁ ବେଶ୍ କ୍ଷତି ହୋଇଥାନ୍ତା। ସେଥିପାଇଁ ସେମାନେ ଆମ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ବିରୋଧୀ ଦଳ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଯୋଗ ଦେବା ପାଇଁ ଅନୁରୋଧ କରିଥିଲେ। ମୋର ନେତାଙ୍କ ନିର୍ଦ୍ଦେଶକ୍ରମେ ମୁଁ ଶୁକ୍ରବାର ୧୦ଟା ବେଳେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିଲି। ସେଠାରେ ବିରୋଧୀ ଦଳର ସମସ୍ତ ନେତୃବୃନ୍ଦ ଯୋଗ ଦେଇଥିଲେ। ସେଠାରେ ମୁଁ ସ୍ପଷ୍ଟ ଭାବରେ କହିଥିଲି ଯେ ଆମେ ଇଣ୍ଡିଆ ମେଣ୍ଟ ସହ ଆମେ ନାହୁଁ। ତେବେ ଓଡ଼ିଶାର ସ୍ୱାର୍ଥ ସହ ଆମେ ସବୁବେଳେ ରହିଛୁ। ଆଗରୁ ଏନଡିଏକୁ ଆମ ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗରେ ବହୁବାର ସମର୍ଥନ ଦେଇଛୁ। ତେବେ ବର୍ତ୍ତମାନ ଆମ ରାଜ୍ୟର ସ୍ୱାର୍ଥ ବ୍ୟାହତ ହେଉଥିବାରୁ ବାଧ୍ୟ ହୋଇ ଆମେ ଇଣ୍ଡି ମେଣ୍ଟ ବୈଠକରେ ଯୋଗ ଦେଇଥିଲୁ। ଆମ ଦାବିକୁ ସମସ୍ତେ ସହୃଦତାର ସହ ଗ୍ରହଣ କରିଥିବା ଶ୍ରୀ ମଙ୍ଗରାଜ କହିଛନ୍ତି।

ସେହିପରି ଗତକାଲି ବିଲ୍ କାଟ ଖାଇବା ପରେ ଶନିବାର ମଧ୍ୟ ଖଡଗେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଁ ଆମର ସଭାପତିଙ୍କ ନିର୍ଦ୍ଦେଶରେ ଯୋଗ ଦେଇଥିଲି। ବୈଠକରେ ଓଡ଼ିଶା ସହ ନବୀନ ପଟ୍ଟନାୟକ ଏବଂ ବିଜେଡିର ବିଜୟ ହୋଇଥିବା ନେଇ ସମସ୍ତେ ମତବ୍ୟକ୍ତ କରିଥିଲେ। ସମସ୍ତେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ପ୍ରସଙ୍ଗରେ ସମସ୍ତେ ସହୃଦୟତା ଦେଖାଇଥିବାରୁ ମୁଁ ମଧ୍ୟ ଧନ୍ୟବାଦ ଜ୍ଞାପନ କରିଥିଲି। ସେ ଆହୁରି ମଧ୍ୟ କହିଛନ୍ତି ଯେ କଂଗ୍ରେସ ସହ ମେଣ୍ଟ ପ୍ରସଙ୍ଗରେ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ କଂଗ୍ରେସ ସହ କୌଣସି ମେଣ୍ଟ ହୋଇନାହିଁ। ଆଗକୁ କଣ ହେବ, ନହେବ ଆମର ନେତା ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ। ଆମେ ଓଡ଼ିଶା ସ୍ୱାର୍ଥ ସହ ସବୁବେଳେ ରହିଆସିଛୁ। ଓଡ଼ିଶାର ସ୍ୱାର୍ଥ ସହ ଯିଏ ବାହାରିବ, ଆମେ ତାଙ୍କ ସହିତ ରହିବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମହିଳାଙ୍କୁ ଢାଲ କରି ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ଆମ ଉପରୁ ଲଦି ଦିଆଯିବାକୁ ଚେଷ୍ଟା କରାଯାଉଥିଲା। ଏହି ବିଲ୍ ପାରିତ ହୋଇଥିଲେ ଜାତୀୟସ୍ତରରେ ଆମେ ଆମର ପ୍ରାସଙ୍ଗିକତା ହରାଇଥାନ୍ତୁ। ତେଣୁ ଏହାକୁ ଷଡ଼ଯନ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ଜାତୀୟସ୍ତରରେ ଓଡ଼ିଶାର ପ୍ରାଧାନ୍ୟ ଏବଂ ସାଢ଼େ ୪ କୋଟିଙ୍କର ଓଡ଼ିଆଙ୍କ ସ୍ୱାର୍ଥ ରକ୍ଷା ଆମ ପ୍ରଥମ କାର୍ଯ୍ୟ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ନେଇ ଆରମ୍ଭରୁ ବିଜେଡି ସଭାପତିଙ୍କ ଆଭିମୁଖ୍ୟ ସ୍ପଷ୍ଟ ଥିବାରୁ ଇଣ୍ଡି ମେଣ୍ଟ ବୈଠକରେ ବିଜେଡି ରାଜ୍ୟ ସ୍ୱାର୍ଥ ପାଇଁ ସାମିଲ ହୋଇଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶା ପିସିସି ସଭାପତି ଭକ୍ତ ଦାସ ଏ ସଂପର୍କରେ ପ୍ରତିକ୍ରିୟା ରଖି କହିଛନ୍ତି, ଏ ପ୍ରସଙ୍ଗରେ ସବୁ ବିରୋଧୀ ଏକାଠି ହେବା ଆବଶ୍ୟକ ଥିଲା । ଏକାଠି ହେଲେ । ଓଡିଶାରୁ ବିଜେପିର ୨୦ଜଣ ସାଂସଦ ଏ ପ୍ରସଙ୍ଗରେ ନିରବ ରହିଲେ। କେହି ରାଜ୍ୟର ସ୍ୱାର୍ଥ ପାଇଁ ସ୍ୱର ନ ଉଠାଲେ ନାହିଁ। ନବୀନ ପଟନାୟକ ଏ ପ୍ରସଙ୍ଗରେ ବାରମ୍ବାର ସ୍ୱର ଉଠାଇଛନ୍ତି। ଚିଠି ଲେଖିଛନ୍ତି। ତେଣୁ ପ୍ରସଙ୍ଗ ଭିତ୍ତିରେ ବିଜେଡି ସମର୍ଥନ ଦେଉଛି। ରେଳବାଇ କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ବିରୋଧୀ ଦଳମାନେ ଏକାଠି ହୋଇଥିଲେ ବୋଲି ଭକ୍ତ କହିଛନ୍ତି।

## ଇତିହାସ ପାଲଟିବ...

ଇନୋଭେସନ, ଶକ୍ତି ପରିବର୍ତ୍ତନ ଓ ପରିବେଶ ଓ ଜଙ୍ଗଲ ଏବଂ ଖଣି ଓ ପ୍ରାକୃତିକ ସମ୍ପଦ। ସଂକଳ୍ପ ଅନୁଯାୟୀ ସିଟି-ଓଡ଼ିଶାର ଏକ ପରିଚାଳନା ପରିଷଦ ରହିବ। ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିବେ। ଏଥିସହ ଜଣେ ଉପାଧ୍ୟକ୍ଷ, ଚାରିଜଣ ପୂର୍ଣ୍ଣ କାଳୀନ ସଦସ୍ୟ, ନଅଜଣ ଏକ୍ସ-ଅଫିସିଓ ସଦସ୍ୟ ଏବଂ ଦୁଇଜଣ ସ୍ୱେଶାଳ ଇନ୍‌ଭାଇଟି ରହିବେ। ଏହି ପରିଷଦ ବର୍ଷକୁ ଅତିକମରେ ଥରେ ବୈଠକ କରିବେ। ସିଟି ଓଡ଼ିଶାର ଉପାଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ହେବେ ଏବଂ ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ମିଳିବ। ବିଭିନ୍ନ କ୍ଷେତ୍ରର ଚାରିଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରିବେ। ସେମାନେ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପାଇବେ। ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହାର ସଦସ୍ୟ ସଚିବ ଦାୟିତ୍ୱ ତୁଲାଇବେ। ମୁଖ୍ୟମନ୍ତ୍ରୀ ଜଣେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବା ସିଇଓ ନିଯୁକ୍ତ କରିବେ। ସିଇଓ ଆଇଏଏସ କ୍ୟାଡରରେ ଜଣେ ପ୍ରମୁଖ ସଚିବ କିମ୍ବା କମିଶନର-ତଥା-ସଚିବ ପାହ୍ୟାର ହୋଇଥିବେ। ଏଥିସହିତ, ସମ୍ପୃକ୍ତ ବିଷୟବସ୍ତୁ ଉପରେ ଜ୍ଞାନ ଓ ଅଭିଜ୍ଞତା ଥିବା ଜଣେ ପ୍ରୋଗ୍ରାମ ଡାଇରେକ୍ଟର, ଏକ ବହୁମୁଖୀ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେସନ ୟୁନିଟ୍ ଏବଂ ଦୈନନ୍ଦିନ କାର୍ଯ୍ୟ ପାଇଁ ଏକ ପ୍ରଶାସନିକ ୟୁନିଟ୍ ରହିବ। ସିଟି ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ଯୋଜନା ଓ ସଂଯୋଜନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିବ ବୋଲି ସଂକଳ୍ପରେ ଉଲ୍ଲେଖ ରହିଛି।

## ବିଜେଡିର ୧୨ ଘଣ୍ଟିଆ....

ରହିଥିଲା। ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଉନ୍ନୟନ ବିଭାଗ ପରିଚାଳିତ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଆବାସିକ ଶିକ୍ଷାନୁଷ୍ଠାନରେ ଘଟଣାର ପୁନରାବୃତ୍ତି ନ ହେବା, ଘଟଣାର ନ୍ୟାୟିକ ତଦନ୍ତ ସହିତ ଜଡ଼ିତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ମୃତ ଛାତ୍ରୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ବାପା କିମ୍ବା ମାଆଙ୍କୁ ସରକାରୀ ଚାକିରି ଯୋଗାଇଦେବା ନେଇ ଦୁଇ ଦଳର ଦାବି ଓ ଆଭିମୁଖ୍ୟ ସମାନ ଥିବାରୁ ଡବଲ ଇଞ୍ଜିନ ସରକାରଙ୍କ ବିରୋଧରେ ଏହି ଆନ୍ଦୋଳନ ମିଳିତ ସଫଳତା ପାଇଥିବା କୁହାଯାଉଛି। ଡବଲ ଇଞ୍ଜିନ ସରକାର ଆଦିବାସୀଙ୍କ ପ୍ରତି ଅବହେଳାର ବାର୍ତ୍ତା ପଡ଼ୋଶୀ ପଶ୍ଚିମବଙ୍ଗର ନିର୍ବାଚନରେ ପ୍ରଭାବ ପକାଇବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। କାରଣ ଦୁଃଖଦ ଘଟଣା ଭିତରେ ମୟୂରଭଞ୍ଜର ଶାସକ ଦଳ ସାଂସଦ, ବିଧାୟକ/ ବିଧାୟିକା ଓ ଦଳୀୟ ନେତୃବୃନ୍ଦ ସେଠାରେ ପ୍ରଚାରରେ ବ୍ୟସ୍ତ ଥିବା ବେଳେ ଆଜିର ବନ୍ଦକୁ ମିଳିଥିବା ସଫଳତା ସେମାନଙ୍କୁ ଅଡୁଆରେ ପକାଇଛି।

ଆଜି ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ଡା ଦେବାଶିଷ ମାରାଣ୍ଡିଙ୍କ ସମେତ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଶ୍ରୀନାଥ ସୋରେନ, ଗଣେଶ୍ୱର ପାତ୍ର, ପ୍ରବକ୍ତା ପ୍ରିୟବ୍ରତ ମାଝି, ରାଇସେନ ମୁର୍ମୁ, ଚକ୍ରଧର ହେମ୍ବ୍ରମ, ଗୋଲକ ନାଏକ, ପ୍ରୀତିନନ୍ଦା କାନୁନଗୋ, ସୁବ୍ରମଣ୍ୟମ ମହାନ୍ତି ଦେବାଶିଷ ମହାନ୍ତି, ଜୀତେନ୍ଦ୍ର ମହାନ୍ତି, ଉପନଗରପାଳ ସୀମା ଦାସ, ସ୍ୱଧନ୍ୟା ନାଏକ, ସୁବାଷୀନି ନାଏକ, ଦେବାଶିଷ ପାତ୍ର, ପ୍ରଶାନ୍ତ ବେହେରା, ପ୍ରଭାତ ନାୟକ, ସୁଜିତ ମହାନ୍ତି, କାଶୀନାଥ ରଣା, ଦୀପ୍ତିଲତା ମିଶ୍ର, ସମ୍ପା ମଜୁନଦାର, ଅରୁଣ ବରାଡ, ସୁନୀଲ ନାୟକ, ଆଶିର୍ବାଦ ବେହେରା, ରାଜୀବ ଜେନା, ପ୍ରସନ୍ନଜିତ ମହାନ୍ତି, ଆଭାସ ଦେ, ଜିତ ପଟ୍ଟନାୟକ, ପ୍ରଭାତି ପରିଡା, ଭବାନୀ ଶଙ୍କର ଧଡା, କାମନୀକାନ୍ତ ପରିଡ଼ା, ଅମିତ ବୈଠା, ଅମିତ ମହାକୁଡ଼, ଗୋବିନ୍ଦ ବେହେରା, ଗୀତାରାଣୀ ବେହେରା, ଶ୍ରାବଣୀ ଦାସ, ସବିତା ବେହେରା, ରାକେଶ ମହାପାତ୍ର, ଚିତ୍ରେଶ୍ୱର ବେହେରା, ଦୀପକ ମଡୁଆଳ ପ୍ରମୁଖଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ହରତାଳ ଜାରି ରହିଥିଲା। ୪ଟି ଉପଖଣ୍ଡ ସମେତ ୯ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ସମସ୍ତ ନେତୃବୃନ୍ଦ ସାମିଲ ସହିତ ଜନସାଧାରଣଙ୍କ ସ୍ୱତଃପ୍ରବୃତ୍ତ ସମର୍ଥନ ମିଳିଥିଲା। ଓକିଲ ସଂଘ ଓ ଯାତ୍ରୀବାହୀ ବସ ସଂଘ ବିଜେଡିର ଆବେଦନକୁ ସମର୍ଥନ ଜଣାଇଥିଲେ।

ଅତ୍ୟାବଶ୍ୟକ ସେବାକୁ ହରତାଳରୁ ବାଦ ଦିଆଯାଇଥିଲା। ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ଅନୁଷ୍ଠାନ ଓ କାର୍ଯ୍ୟାଳୟ, କଚେରୀ, ବ୍ୟାଙ୍କ, ପୋଷ୍ଟ ଅଫିସ, ପେଟ୍ରୋଲ ପମ୍ପ ଆଦି ବନ୍ଦ ରହିଥିଲା। କଂଗ୍ରେସ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ଭୁବନ ସାହୁଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ନାରାୟଣ ପଟ୍ଟନାୟକ, ଉପାଧ୍ୟକ୍ଷ ମୀନକେତନ ବେହେରା, ପ୍ରବକ୍ତା ଉତ୍ତମ ବେହେରା, ଜ୍ୟୋତିପ୍ରକାଶ ରଥ, ଯୋଗେଶ ଅଗ୍ରୱାଲ, ଶାନ୍ତନୁ ପାଲ, ସସ୍ମିତା ଘୋଷାଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ପ୍ରେମିକାର ବାପାକୁ...

ପାଖ ପିଲା ହରୀଶଙ୍କ ଝିଅକୁ ଦୁଇ ମାସ ହେବ ଏକତରଫା ଭାବେ ଭଲ ପାଉଥିଲେ। ଏହି ଭଲ ପାଇବାକୁ ନେଇ ପୂର୍ବରୁ ଉକ୍ତ ଯୁବକଜଣଙ୍କ ଭଲ ପାଉଥିବା ଯୁବତୀଙ୍କୁ ଉଠାଇ ନେବାକୁ ଆସିଥିଲା। ଏହାକୁ ନେଇ ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। ତିନି ଦିନ ତଳେ ସେଇ ଯୁବକଜଣଙ୍କ ତାଙ୍କର କିଛି ସହଯୋଗୀଙ୍କୁ ନେଇ ଖରାପ ଭାଷାରେ ଗାଳିଗୁଲଜ କରିଥିଲା। ତେବେ ଆଜି ତାଙ୍କ ଭାଇ ଦୋକାନ ପାଖରେ ପରିବା ନେଉଥିବା ବେଳେ ସେମାନେ ଆସି ତାଙ୍କୁ ଡାକି ବନ୍ଧୁକ ଦେଖାଇ ଭୁଜାଲିରେ ଆକ୍ରମଣ କରିଥିଲେ। ଏ ନେଇ ବସ୍ତା ଥାନାରେ ଅଭିଯୋଗ ହୋଇଛି।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 702, dated 17.04.2026, I, NIRAJ KUMAR HIAL, S/o - Late. Alek Hial, permanent resident of - Gadabaguda, Nabarangpur, PO - Nabarangpur, PS - Nabarangpur, Dist- Nabarangpur, Odisha, Pin - 764059, declare that I have changed the name of my Son from H ALEX to ALEX HIAL. Henceforth, he shall be known as **ALEX HIAL** for all purposes.
Sd/- Niraj Kumar Hial

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 704, dated 17.04.2026, I, SAKUNTALA MUDULI, W/o - Tularam Muduli, resident of Village - Muduliguda, PO - Benasur, PS - Bhairabsingipur, Dist - Koraput, Odisha, Pin - 764056, declare that I have changed my name from SABITRI JANI to SAKUNTALA MUDULI. Henceforth, I shall be known as **SAKUNTALA MUDULI** for all purposes.
Sd/- Sakuntala Muduli

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 703, dated 17.04.2026, I, DAMBRU BISOYI, S/o - Banasing Bisoyi, permanent resident of Village - Biriguda, PO - Biriguda, PS - Kodinga, Dist- Nabarangpur, Odisha, Pin - 764071, declare that I have changed the name of my Son from DISEMBAR BISOI to PABITRA BISOYI. Henceforth, he shall be known as **PABITRA BISOYI** for all purposes.
Sd/- Dambru Bisoyi

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 706, dated 17.04.2026, I, TABHA PAIKA, D/o- Sadan Pujari, permanent resident of Village - Patakot, PO - Baghsiuni, PS - Papadahandi, Dist - Nabarangpur, Odisha, Pin - 764059, declare that I have changed my name from LAKHAN PAIKA to TABHA PAIKA. Henceforth, I shall be known as **TABHA PAIKA** for all purposes.
Sd/- Tabha Paika

**AFFIDAVIT**

By virtue of an affidavit no.110 before the Executive Magistrate, Tentulikhunti, Nabarangpur dated 13.04.2026, I, Amin Naik, Vill: Kenduguda, Po: Manchagan, Dist: Nabarangpur, Odisha, PIN-764070, do hereby declare that I have changed the name of my minor child from **Chanchala Takri to Nandini Naik.** Henceforth, she shall be known as **Nandini Naik** for all purposes.
Amin Naik

**AFFIDAVIT**

I, Sudipa Parida, aged about 75 years, W/o- Late Pravanjan Parida, resident of At- Plot No. 299/4763, Jaydev Vihar, PO: RRL, Nayapalli, Bhubaneswar, PIN-751013, Odisha declared by this affidavit No. 15, dtd- 12/10/2023 that now onwards I shall be known as **SUDIPA ROY** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 02.04.2026 I, Jitendra Dakua, S/o. Bhaskar Dakua, resident of At- Chungudikhola, Po.- Chungudikhola, PS.-Kodala, Dist.- Ganjam, Pin-76103, Odisha declare that I have changed my son's name from **Dakua Suraj Jitendra to Jitendra Dakua.** Henceforth he will be known as **SURAJ DAKUA** for all purposes.
Sd/- JITENDRA DAKUA

**Antares Systems Ltd.**
Ph.: 080-45982100/033-46046611
Email: esale@etenderwizard.com

e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website: www.tenderwizard.com/ESALE.

**Auction No's**

1) ASL/MCL/DISPOSAL/26-27/11
Auction Date. 22-04-2026

For further information, contact helpdesk at the above address. Refer Sale notice for further details.

**AFFIDAVIT**

By virtue of an affidavit sworn before Executive Magistrate, Rayagada, No. 947 dated 18.04.2026, I, Monika Sahu, aged about 24 years, W/o- Bharat Sahu, D/o- Babu Sahu presently residing at B.C Road, Video Line, JK Pur, PS- Chandili, Block- Rayagada, Dist- Rayagada- 765017, permanent resident of Vill. Kuttarimandir Sahi, Nabina Post Office, PO- Brahampur, PS/Block/Dist- Brahampur- 760009, Odisha, declare that I have changed my name from Padmini Sahu to Monika Sahu. Henceforth, I shall be known as **Monika Sahu** for all purposes.
Monika Sahu

**AFFIDAVIT**

By virtue of an affidavit no.319 before the Executive Magistrate, Nuapada, dated 25.04.2025, I, Nilamani Meher, Vill: Malpada, PO: Tukla, PS: Khariar, Dist: Nuapada hereby declare that my daughter's correct name is Omanshi Meher, which was wrongly recorded as Ohana Meher in her Birth Certificate (Regd No. 231/2017, D.O.B: 09/01/2017). Henceforth, her correct name shall be **Omanshi Meher** for all purposes.
Nilamani Meher

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
KHORADHA IRRIGATION DIVISION, KHORADHA
Dist: Khurda, Odisha - 752056
Tel/Fax: 06755-796308
Mail id:- eekhurdirrigationdivision@gmail.com
32001/74/2627

**'e'-Procurement Notice No.KHD- 01 OF 2026-27, Dtd. 16.04.2026**

1. **Name of the work** : 11 (Eleven) nos. of Civil Work
2. **Tender Cost** : Varies from Rs 37.93 Lakhs to Rs 42.34 Lakhs
3. **Bid Document Cost** : Rs 6000/-
4. **Bid Security** : Varies from Rs. 38000/- to Rs 42400/-
5. **Class of Contractor** : C & B
6. **Period of Completion** : 06 (six) calendar months
7. **Other details are as follows.**

| Procurement Officer | Bid Identification No. | Availability of Tender On-line for bidding (From) | To | Date of Opening of Bid |
|---|---|---|---|---|
| Superintending Engineer, Khoradha Irrigation Division, Khoradha | KHD 01-01 of 2026-27 to KHD 01-11 of 2026-27 | 21.04.2026 at 11.00 A.M | 30.04.2026 up to 5.00 P.M | 02.05.2026 at 11.00 A.M |

8. **e-mail Id** : eekhurdirrigationdivision@gmail.com
9. If required lottery may be held on **12.05.2026 at 11.00 AM**

Further detail conditions can be seen from the Govt. website **www.tendersodisha.gov.in**

Superintending Engineer
Khoradha Irrigation Division, Khoradha
OIPR-32001/32078/1/26-27/0003

GOVERNMENT OF ODISHA, e-PROCUREMENT NOTICE
OFFICE OF THE SUPERINTENDING ENGINEER,
KHARIAR (R&B) DIVISION, KHARIAR
E-mail: eerooads.khr@rediffmail.com
34001/71/2627

**E-Procurement Notice-01**
No. **1825** Date: **15.04.2026**
**Invitation For Bids**
**Bid Identification No. SER&BKHR - 01 / 2026-27**

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in Single Cover system electrical work & Composite work (Civil + PH + EI) in **ONLINE MODE only**. The Office Memorandum of Govt. of Works Department No. 07764600022025-173/W, Bhubaneswar Dt. 03.01.2026 of Principal Secretary to Govt. Sub-Amendment of Codal & Contractual Provisions to be followed scrupulously. | |
| 2 | Nature of work | Utility shifting of HT/LT line / Extension of Existing Control Room with Wash room, Construction of Waiting Shed, Provision of thermoplastic compound painting (Civil + PH + EI) |
| 3 | No. of work | 02 Nos. works. |
| 4 | Tender Paper cost | As specified in the notice for the respective Work, to be remitted online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10:00 hours of 22.04.2026 to 17:00 hours of 02.05.2026 |
| 7 | Date of opening of Bid | Dt. 04.05.2026 at 11:00 hours |
| 8 | EMD/Bid Security | As specified in the notice to be remitted online only. |
| 9 | The Bidders shall have to participate in **ONLINE bidding only**. Further details can be seen from the website: https://www.tendersodisha.gov.in Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

OIPR-34001/34062/1/26-27/0002
Superintending Engineer
Khariar (R&B) Division, Khariar

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 701, dated 17.04.2026, I, NIRAJ KUMAR HIAL, S/o - Late. Alek Hial, permanent resident of - Gadabaguda, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from H. KHRISTINA to CHRISTINA HIAL. Henceforth, She shall be known as **CHRISTINA HIAL** for all purposes.
Sd/- Niraj Kumar Hial

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 02.04.2026 I Ranjita Dakua, W/O-Jitendra Dakua, resident of At- Chungudikhola, Po.- Chungudikhola, PS.-Kodala, Dist.- Ganjam, Pin-76103, Odisha declare that I have changed my name from **Dakua Ranjita to Ranjita Dakua.** Henceforth I shall be known as **RANJITA DAKUA** for all purposes.
Sd/- RANJITA DAKUA

**AFFIDAVIT**

By virtue of an affidavit before the Executive Magistrate, Rairakhol, dt.07.04.2026, I, Ranju Palia, Vill- Tribanpur, P.O.- Tribanpur, P.S.-Rairakhol, Dist- Sambalpur -768106, do hereby declare that I have changed the name of my minor daughter from Mancini Palia to Nandini Palia. Henceforth, she shall be known as **Nandini Palia** for all purposes.
Sd/- Ranju Palia

# ଜିଲ୍ଲା ଟିପ୍ପର ଓ ଟ୍ରକ୍ ମାଲିକ ସଂଘର ଚକା ବନ୍ଦ ଆନ୍ଦୋଳନ

ଭଦ୍ରକ, ୧୮।୪(ସମିସ)



ଧାମରା ବନ୍ଦର କୋଇଲା ପରିବହନରେ ସ୍ଥାନୀୟ ଗାଡ଼ି ମାଲିକଙ୍କ ନ୍ୟାର୍ଯ୍ୟ ହକ୍ ହାସଲ କରିବା ପାଇଁ ଭଦ୍ରକ ଜିଲ୍ଲା ଟିପ୍ପର ଓ ଟ୍ରକ୍ ମାଲିକ ସଂଘ ୨୦୨୫ ଜୁଲାଇ ମାସଠାରୁ ଲଗାତାର ଆନ୍ଦୋଳନ କରି ଆସୁଛି। ଗତ ଫେବୃଆରୀ ୨୭ ତାରିଖରେ ରେଳ ରୋକ୍ କରିବା ସମୟରେ ଭଦ୍ରକ ଉପଜିଲ୍ଲାପାଳ ଓ ଜିଲ୍ଲା ପୁଲିସର ପଦାଧିକାରୀଗଣ ଦେଇଥିବା ୧୫ ଦିନ ସମୟ ମଧ୍ୟରେ କୌଣସି ସମାଧାନ କରି ପାରି ନ ଥିବାରୁ ଶନିବାର ଚକା ବନ୍ଦ ଆନ୍ଦୋଳନର ଡକରା ଦିଆଯାଇଛି। ଏହା ଅତ୍ୟନ୍ତ ଦୁଃଖର ବିଷୟ ଯେ ଗାଡ଼ି କିସ୍ତି ପରିଶୋଧ କରିପାରୁ ନ ଥିବା ଜିଲ୍ଲାର ମୂଳ ଅଧିବାସୀମାନଙ୍କୁ କୋଇଲା ପରିବହନରେ ସୁଯୋଗ ଦିଆଯାଉ ନ ଥିବା ବେଳେ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ପଶ୍ଚିମବଙ୍ଗ ଓ ତେଲଙ୍ଗାନା ଭଳି ରାଜ୍ୟରୁ ଗାଡ଼ି ଆଣି ପ୍ରଚୁର ଅର୍ଥ ଉପାର୍ଜନ କରୁଛନ୍ତି। ଗାଡ଼ି ମାଲିକମାନଙ୍କ ଜୀବନ ଜୀବିକା ସହିତ ଜଡ଼ିତ ଏହି ସମ୍ବେଦନଶୀଳ ପ୍ରସଙ୍ଗଟିରେ ଜିଲ୍ଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନ ନିଏ ତାହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବାର ଚେତାବନୀ ଜିଲ୍ଲା ଟିପ୍ପର ଓ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଦିଆଯାଇଛି। ସୂଚନାଯୋଗ୍ୟ, ଧାମରା ବନ୍ଦରରୁ ପରିବହନ କରାଯାଉଥିବା ଶହଶହ ଟ୍ରିପ୍ କୋଇଲାର ପ୍ରାୟ ୭୦ ଭାଗ କେବଳ ଧାମରାସ୍ଥିତ ୭ ପଞ୍ଚାୟତର ଗାଡ଼ି ମାଲିକମାନେ ଜୋରଜବରଦସ୍ତ ଭାବେ କାମ କରୁଛନ୍ତି ଏବଂ ତନ୍ମଧ୍ୟରୁ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ସର୍ବାଧିକ ଅଛନ୍ତି। ଅନିର୍ଦ୍ଦିଷ୍ଟ କାଳ ପାଇଁ ଚିଙ୍ଗୁଡ଼ିପୁରଠାରେ ଆହୂତ ହୋଇଥିବା ଏହି ଚକା ବନ୍ଦ ଆନ୍ଦୋଳନରେ ଜିଲ୍ଲା ଟିପ୍ପର ଓ ଟ୍ରକ୍ ମାଲିକ ସଂଘ ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର, ଉପସଭାପତି ପ୍ରଫୁଲ୍ଲ ପୃଷ୍ଟି, ସାଧାରଣ ସମ୍ପାଦକ ଜ୍ୟୋତିପ୍ରକାଶ ମହାନ୍ତି, ସହସମ୍ପାଦକ ଚନ୍ଦନ ବାରିକ, କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପରିଡ଼ା, ରଜତ ପତି, ରଥିଆ ବାରିକ, ତାନ୍ଦ୍ରୀକ ବେହୁରା, ଅଶୋକ ବାରିକ, ବଳରାମ ପରିଡ଼ା, ଶେଖ୍ ରେଜାଉଲ୍, ମୁସ୍ତାଫା, ପ୍ରଶାନ୍ତ ବାରିକ, ସୁବାସ ନାଥ, କଳ୍ପତରୁ ବାରିକ, ପ୍ରଦୀପ ମାଲିକ, ରିୟାଜ୍ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

## ରାତି ପାହିଲେ ଅକ୍ଷୟତୃତୀୟା ଅନୁକୂଳ
# ଏବେବି ମଣ୍ଡିରେ ପଡ଼ି ରହିଛି ଧାନ ବସ୍ତା



ବାରିକପୁର, ୧୮।୪(ସମିସ): ରାତି ପାହିଲେ କୃଷକମାନେ ଅକ୍ଷୟ ତୃତୀୟା ପାଳନ କରିବେ। ଅକ୍ଷୟତୃତୀ ଅନୁକୂଳ କରି ଖରିଫ ଧାନ ଚାଷ ପାଇଁ ଚାଷ ଜମି ବେଉଷଣ ଆରମ୍ଭ ହେବା ପରିପ୍ରେକ୍ଷୀରେ ରବି ଋତୁ ଯାଇ ପୁଣି ଖରିଫ ଆରମ୍ଭ ହେବାକୁ ବସିଥିବାବେଳେ ଚାଷୀମାନେ କିନ୍ତୁ ପୂର୍ବ ବର୍ଷ ଶସ୍ୟ ଏଯାଏଁ ବିକ୍ରି କରିପାରି ନାହାନ୍ତି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ମଣ୍ଡିରେ ଆଜିସୁଦ୍ଧା ଶହଶହ ଧାନ ବସ୍ତା ଗଚ୍ଛିତ ହୋଇରହିଛି। ପୂର୍ବ ନିର୍ଦ୍ଧାରିତ ମାର୍ଚ୍ଚ ୩୧ ପରେ ଶସ୍ୟ କ୍ରୟ ଅବଧି ବୃଦ୍ଧି ପାଇଥିବାବେଳେ ଚାଷୀମାନେ କିନ୍ତୁ ସଠିକ୍ ସମୟରେ ଧାନ ବିକ୍ରି କରି ନ ଥିବା ଜଣାପଡ଼ିଛି। ଦିନ ଦିନ ଧରି ମଣ୍ଡିରେ ଧାନ ରଖି ଖରା ବର୍ଷାରେ କୃଷକମାନେ ଦହଗଞ୍ଜ ହେଉଛନ୍ତି। ସରକାରୀ ଭାବେ ଧାନ କ୍ରୟ ହେବା ଦିନଠାରୁ ଏଭଳି ଅବସ୍ଥା କେବେ ହୋଇ ନ ଥିବା ଚାଷୀମାନେ ଜଣାଇଛନ୍ତି। ପ୍ରତ୍ୟେକ ମଣ୍ଡିରେ ୫୦ରୁ ୧୦୦ ଜଣ ଚାଷୀଙ୍କ ଧାନ ମହଜୁଦ ରହିଥିବା ସୂଚନା ମିଳିଛି। କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ଯୋଗୁଁ ଧାନ ମଧ୍ୟ ନଷ୍ଟ ହୋଇଛି। ଧାନ କ୍ରୟ ବ୍ୟବସ୍ଥାରେ ସରକାର ଓ ପ୍ରଶାସନର ଏଭଳି ଖାମଖିଆଲି ନୀତି ଯୋଗୁଁ ଚାଷୀ ହଇରାଣ ହେଉଥିବା କୁହାଯାଉଛି। ଏନେଇ ଶହଶହ ଚାଷୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

## ସ୍କୁଟି ଉପରେ ଚଢ଼ିଗଲା ଟ୍ରକ୍; ଶିକ୍ଷୟିତ୍ରୀ ଗୁରୁତର

ଭଦ୍ରକ, ୧୮।୪(ସମିସ): ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଚରମ୍ପା ମହାବିଦ୍ୟାଳୟ ଛକରେ ଶନିବାର ଏକ ସ୍କୁଟି ଉପରେ ଟ୍ରକ୍ ଚଢ଼ିଯିବାରୁ ଜଣେ ଶିକ୍ଷୟିତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଭଦ୍ରକ ବ୍ଲକ ଜଗଦଳପୁର ପଞ୍ଚାୟତର ନୂଆହାଟର ମୋହନ ଜେନାଙ୍କ ଝିଅ ଉର୍ମିଳା ଜେନା ନିଜ ସ୍କୁଟିରେ ଜନଗଣନା କାର୍ଯ୍ୟ ପାଇ ଘରୁ ଚଣ୍ଡୀଗାଁ ପଞ୍ଚାୟତ ନଣ୍ଡେଇଡିହ ଗ୍ରାମକୁ ଯାଉଥିବାବେଳେ ଚରମ୍ପା ମହାବିଦ୍ୟାଳୟ ଛକରେ ଏକ ଟ୍ରକ୍ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଶିକ୍ଷୟିତ୍ରୀ ଉର୍ମିଳା ଜେନାଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହ ରାସ୍ତାରୋକ କରିଥିଲେ। ଖବର ପାଇ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ରାସ୍ତାରୋକ ହଟାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ତିଶଳପୁରଠାରେ ୨ଟି ଗଳା ପୋଲ କାମ ଚାଲୁଥିବାରୁ ତିଶଳପୁରଠାରୁ ଧାମରା ବ୍ରିଜ୍ ପର୍ଯ୍ୟନ୍ତ ଲୋକାଲ ରୋଡ୍ ଏତେ ଖରାପ ହୋଇଛି ଯେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହାଛଡ଼ା ଏତେ ଧୂଳି ଉଡୁଛି ଯେ ସ୍ଥାନୀୟ ଲୋକ ଚଳିବା କଷ୍ଟକର ହୋଇ ପଡୁଛି। ହେଲେ ଏଥିପ୍ରତି ନା ପ୍ରଶାସନର ନା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଏ ଦିଗରେ ନିଘା ଅଛି। ଆଗକୁ ଏହା ଏକ ବଡ଼ ଆନ୍ଦୋଳନ ସୃଷ୍ଟି କରିବ ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି।

## ରାସ୍ତାକଡ଼ ଡ୍ରେନ୍‌ରୁ ଗଳିତ ଶବ ଉଦ୍ଧାର

ଭଦ୍ରକ, ୧୮।୪(ସମିସ): ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଦମକଳ କେନ୍ଦ୍ରର ବିପରୀତ ପଟ ଡ୍ରେନ୍‌ରୁ ଏକ ଗଳିତ ଶବ ଉଦ୍ଧର ହୋଇଛି। ସୂଚନା ଅନୁସାରେ, ଶନିବାର ରାସ୍ତା ପାଖ ଡ୍ରେନ୍‌ରୁ ପଚା ଗନ୍ଧ ଆସୁଥିବାରୁ ସ୍ଥାନୀୟ କିଛି ଲୋକ ଡ୍ରେନ୍ ଢାଙ୍କୁଣି ଖୋଲିବାରୁ ଏକ ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଗ୍ରାମାଞ୍ଚଳ ପୁଲିସ ଆସି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଯୋଗ୍ୟ, ବର୍ଷେ ପୂର୍ବରୁ ସେହି ସ୍ଥାନର ଅନତି ଦୂର ଧାମରା ବ୍ରିଜ୍ ପାଖ ଏକ ନାଳରୁ ଏକ ଗଳିତ ଶବ ଉଦ୍ଧାର କରାଯାଇଥିଲା। ସେହିଭଳି ଗତ ୨ମାସ ତଳେ ଅସୁରାର ଏକ ପୋଖରୀ ହୁଡ଼ାରୁ ଏକ ଶବ ମିଳିଥିଲେ ହେଁ ଆଜି ପର୍ଯ୍ୟନ୍ତ ତା'ର ପରିଚୟ ମିଳିପାରିନାହିଁ। ଏକ ରାକେଟ୍ ଏଭଳି କାମ କରି ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ସାଧାରଣରେ ଅଭିଯୋଗ ହୋଇଛି।

## ହୋଟେଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତିହିଡ଼ି, ୧୮।୪(ସମିସ): ତିହିଡ଼ି ଥାନା ଅଧୀନ ବାଲିଚତୁରୀ ଗ୍ରାମର ସୁନାଚାନ୍ଦ ନାୟକଙ୍କ ଏକମାତ୍ର ପୁଅ ସୁବ୍ରତ ନାୟକ (୨୨)ଙ୍କର ଭୁବନେଶ୍ୱରସ୍ଥ ଏକ ହୋଟେଲରୁ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ତେବେ ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ବାପା ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପଟିଆସ୍ଥିତ ମା' ହାଣ୍ଡିଶାଳ ନାମକ ଏକ ହୋଟେଲରେ



### ହତ୍ୟା ଅଭିଯୋଗ ଆଣିଲେ ବାପା

ପୂର୍ବରୁ ସେ କାର୍ଯ୍ୟ କରୁଥିଲେ। ୫ ଦିନ ହେଲା ସେଠାରେ ପୁନଃ କାର୍ଯ୍ୟରେ ଯୋଗଦେଇଥିଲେ। ହୋଟେଲରେ ସେ ରଶି ଲଗାଇ ଝୁଲିପଡ଼ିଥିବା ଦେଖି ତାଙ୍କୁ ହୋଟେଲ କର୍ମଚାରୀ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ସୁବ୍ରତଙ୍କୁ ହତ୍ୟା କରାଯାଇଛି ବୋଲି ସନ୍ଦେହ କରି ତାଙ୍କ ବାପା କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ସେଠାରେ ଶବ ବ୍ୟବଚ୍ଛେଦ ହେବା ପରେ ସୁବ୍ରତଙ୍କ ମରଶରୀରକୁ ଗ୍ରାମକୁ ଅଣାଯାଇଥିଲା। ଅଧିକ ତଦନ୍ତ କରିବା ପାଇଁ ପୁଲିସ ସୁବ୍ରତଙ୍କ ଫୋନ୍‌କୁ ଜବତ କରିଛି। ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। କେଉଁ କାରଣ ପାଇଁ ସୁବ୍ରତ ଆତ୍ମହତ୍ୟା କଲେ ବା ତାଙ୍କୁ ହତ୍ୟା କରାଗଲା ତାହାର ତଦନ୍ତ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ପଞ୍ଚମୁଖୀ ହନୁମାନଙ୍କ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ବାରିକପୁର, ୧୮।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ କଲ୍ୟାଣପୁରଠାରେ ପଞ୍ଚମୁଖୀ ହନୁମାନ ବିଗ୍ରହ ସହିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଛି। ୫ ଦିନ ଧରି ଚାଲିଥିବା ବୈଦିକ ଉତ୍ସବରେ ଗ୍ରାମର ଶ୍ରଦ୍ଧାଳୁମାନେ ନିକଟସ୍ଥ ବୈତରଣୀ ନଦୀରୁ ଏକ କଳସ ଶୋଭାଯାତ୍ରାରେ ଜଳ ଆଣି ପୀଠରେ ଅଭିଷେକ କରିଥିଲେ। ପୂଜକମାନଙ୍କ ଦ୍ୱାରା ସୂର୍ଯ୍ୟ ପୂଜା, ଭୂମି ପୂଜା, ଗୋ ପୂଜା ସମେତ ପଞ୍ଚମୁଖୀ ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା। ଏଥିରେ ପୂଜକ ଭାବେ ନିରଞ୍ଜନ ପାଣିଗ୍ରାହୀ, ହରିଶଙ୍କର ଦୀକ୍ଷିତ, ଜ୍ଞାନରଞ୍ଜନ ମିଶ୍ର, ବଳରାମ ତ୍ରିପାଠୀ, ରାମ କିଙ୍କର ଦାଶ, ସୂର୍ଯ୍ୟମଣି ପାଣିଗ୍ରାହୀ, ଦେବାଶିଷ ପଣ୍ଡା, ଦୟାଶଙ୍କର ଶତପଥୀ ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟ ସଙ୍କଳ୍ପ କର୍ତ୍ତା ଭାବେ ସୋନାଲି ରାଉତ, ଅଜୟ ରାଉତ, ପୂର୍ଣ୍ଣିମା ଦାସ, ବିକାଶ ଦାସ, ଦେବସ୍ମିତା ସୂତାର, ନିଶିକାନ୍ତ ସୂତାର, ଚିନ୍ମୟ ସାମଲ, ଜ୍ୟୋତି ରଞ୍ଜନ ସାମଲ, ମଧୁସ୍ମିତା ସାହାଣୀ ଓ ନିରଞ୍ଜନ ସାହାଣୀ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଚତୁର୍ଭୁଜପୁର ଓ କଲ୍ୟାଣପୁରର ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ।

## ରାଧାବଲ୍ଲଭପୁର ଝାଟିଆସାହିରେ ଭାଗବତ ସପ୍ତାହ ପାଳନ

ଧାମନଗର, ୧୮।୪(ସମିସ): ପରମ ଶାସ୍ତ୍ର ଭାଗବତର ପ୍ରଚାରପ୍ରସାର ତଥା ସାଧାରଣ ଜନତାଙ୍କ ମଧ୍ୟରେ ଭଗବତ ବିଶ୍ୱାସ ଉଦ୍ରେକ କରିବା ଉଦ୍ଦେଶ୍ୟରେ ଗ୍ରାମେ ଗ୍ରାମେ ଶହଶହ ବର୍ଷ ପୂର୍ବରୁ ଭାଗବତ ସପ୍ତାହ ପାଳନ ହୋଇଆସୁଛି। ସେହି କ୍ରମରେ ଧାମନଗର ବ୍ଲକ ଅଧୀନ ରାଧାବଲ୍ଲଭପୁର ପଞ୍ଚାୟତ ଅନ୍ତର୍ଗତ ଝାଟିଆସାହି ଗ୍ରାମର ବିଜେ ଜଗନ୍ନାଥ ମନ୍ଦିରରେ ଦାରୁ ବିଗ୍ରହଙ୍କ ନିକଟରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ କୃତ ଭାଗବତ ସପ୍ତାହ ପାରାୟଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଆଜି ଭାଗବତ ସପ୍ତାହର ୪ର୍ଥ ଦିବସରେ ବଳିଦାନ ଉପାଖ୍ୟାନ ପଠନ ହେଉଥିବାରୁ ବିଧିବିଧାନ ଅନୁଯାୟୀ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ବଳିଭୋଜ୍ୟ ଅର୍ପଣ ପୂର୍ବକ ସ୍ୱତନ୍ତ୍ର ପୂଜାପାଠ କରାଯାଇଛି। ଏହି ପାରାୟଣ କାର୍ଯ୍ୟକ୍ରମରେ ଶ୍ରୋତା ବା କର୍ତ୍ତା ଭାବେ ପଞ୍ଚାନନ ବେହେରା, ପୂର୍ଣ୍ଣଚନ୍ଦ୍ର ସାମଲ ଓ ସୁରେନ୍ଦ୍ର ସାହୁ ନିଯୁକ୍ତ ଥିବାବେଳେ ମୁଖ୍ୟ ଦାୟିତ୍ୱରେ ରମେଶ ଜେନା, ସୂର୍ଯ୍ୟକାନ୍ତ ନାୟକ, ଆନନ୍ଦ ସେଠୀ, ରଞ୍ଜିତ୍ ଜେନା, ଶ୍ରୀରାମ ବେହେରା, ମନୋଜ ଭୂୟାଁ, ନରେନ୍ଦ୍ର ସାମଲ ପ୍ରମୁଖ କାର୍ଯ୍ୟ ତୁଲାଉଛନ୍ତି। ପ୍ରକାଶ ଥାଉକି, ପ୍ରତ୍ୟହ ଭଜନ କୀର୍ତ୍ତନ ସହିତ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

### ମହିଳା ଓ ଶିଶୁଙ୍କ ଗହଣରେ ସମୟ ବିତାଇଲେ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା

## ଶିଶୁଙ୍କ ମାନସିକ ସ୍ଥିତି ଅନୁଧାନରେ ସୁଦୃଢ଼ତା ଆଣିବାକୁ ପରାମର୍ଶ



ଭଦ୍ରକ, ୧୮।୪(ସମିସ): ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ମନସ୍ମିତା ଖୁଣ୍ଟିଆ ଭଦ୍ରକ ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ଶିଶୁ ଅନୁଷ୍ଠାନ, ସେବାଶ୍ରମ ଓ ଶକ୍ତି ସଦନ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଅଚାନକ ଡଗରପଡ଼ାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ସେବାଶ୍ରମକୁ ଯାଇ ପିଲାମାନଙ୍କ ରହଣି ବ୍ୟବସ୍ଥା ସମ୍ପର୍କରେ ଅନୁଧାନ କରିଥିଲେ। ପରେ ସେ ଫେଲୋସିପ୍, ନୁହାସ ଜାଗୃତି ଗୃହ (ଶକ୍ତି ସଦନ) ସହିତ ଅନ୍ୟାନ୍ୟ ଶିଶୁ ସୁରକ୍ଷା ସଂସ୍ଥାଗୁଡ଼ିକୁ ପରିଦର୍ଶନ କରି ସେଠାକାର ପରିଚାଳନା, ରହଣୀୟ ବ୍ୟବସ୍ଥା, ପୋଷଣ, ଶିକ୍ଷା ଓ ସୁରକ୍ଷା ବ୍ୟବସ୍ଥାକୁ ନିକଟରୁ ଅନୁଧାନ କରିଥିଲେ। ପରିଦର୍ଶନ ସମୟରେ ଶ୍ରୀମତୀ ଖୁଣ୍ଟିଆ ଶିଶୁମାନଙ୍କ ସହ ସାକ୍ଷାତ୍ କରି ସେମାନଙ୍କ ଅନୁଭୂତି, ଆବଶ୍ୟକତା ଓ ସମସ୍ୟା ସମ୍ପର୍କରେ ଭାବ ବିନିମୟ କରିଥିଲେ। ବିଶେଷ କରି ଶିଶୁମାନଙ୍କ ମାନସିକ ସ୍ଥିତିର ଅନୁଧାନ ଓ ସେହି ଦିଗରେ ସୁଦୃଢ଼ତା ଆଣିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମା' କୋଚିଲା ନାରାୟଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ଅସୁରାଳି, ୧୮।୪(ସମିସ): ଧାମନଗର ବ୍ଲକ ନଦୀଗାଁ ତିନିଘରିଆ ଗ୍ରାମ ନିକଟସ୍ଥ ପ୍ରସିଦ୍ଧ ଶକ୍ତିପୀଠ ମା' କୋଚିଲା ନାରାୟଣୀଙ୍କଠାରେ ୩ ଦିନିଆ ବିଷୁବ ସଂକ୍ରାନ୍ତି ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ପୀଠରୁ କଳସ ଯାତ୍ରା ବାହାରି ତିନିଘରିଆ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ କଳସ ସ୍ଥାପନ, ସୂର୍ଯ୍ୟ ଓ ଗୋମାତା ପୂଜା, ଚଣ୍ଡୀ, ହୋମଯଜ୍ଞ ହୋଇ ପୂର୍ଣ୍ଣାହୁତି ହୋଇଥିଲା। ପଣ୍ଡିତ ଦିଲ୍ଲୀପ ପତିଙ୍କ ପୌରୋହିତ୍ୟରେ ପଣ୍ଡିତ ରାଜକିଶୋର ମିଶ୍ର, ବିଶ୍ୱଜିତ୍ ଦାଶ, ହରେକୃଷ୍ଣ ପତି, ରାଜୀବ ପାଣିଙ୍କ ସମେତ ପୂଜକ ଦେବେନ୍ଦ୍ର ପଣ୍ଡା ଓ ଅଶୋକ ପଣ୍ଡା, ବଳରାମ ବାରିକ ପ୍ରମୁଖ ପୂଜା ଓ ଚଣ୍ଡୀପାଠ କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ସୁରେଶ ବେହେରା ଓ ତାଙ୍କ ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ବେହେରାଙ୍କ ସମେତ ଅନ୍ୟ ବହୁ ଦମ୍ପତି ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ଦିବସରେ ଅତିଥି ଭାବେ ପ୍ରାକ୍ତନ ଏବିଇଓ ନିରଞ୍ଜନ ପତି, ଧୂଷୁରୀ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ, ନଦୀଗାଁ ସରପଞ୍ଚ ଝରଣା ଦାସ, ମନୋଜ ରାୟମହାପାତ୍ର, ସମିତିସଭ୍ୟା ସୁନାରାଣୀ ଦାସ, ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି, ସମିତିସଭ୍ୟ ବିଦ୍ୟାଧର ରାଉତ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ଅଖୁଜା ବେହେରା, ସମାଜସେବୀ ଉମେଶ ମହାନ୍ତି ଓ ନିଶିକାନ୍ତ ନାୟକ, ଧୂଷୁରୀ ପ୍ରେସ୍ କ୍ଲବ୍ ସଭାପତି ସନ୍ତୋଷ ଦାସ, ସମ୍ପାଦକ ରତିକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମା'ଙ୍କ ପୀଠରେ ଭଜନ ସନ୍ଧ୍ୟା, ପ୍ରବଚକ ତୁଷାର ରଞ୍ଜନ ଧଳଙ୍କ ଦ୍ୱାରା ପ୍ରବଚନ ଏବଂ ଯୁବ ସମାଜସେବୀ ବନମାଳୀ ଦାସ (ବନିଆ), ଯୁବ ସ୍ୱେଚ୍ଛାସେବୀ କ୍ଷୀରୋଦ ସାହୁ, ମନୋଜ ବସନ୍ତିଆ ଓ ସୁକାନ୍ତ ବସନ୍ତିଆଙ୍କ ଦ୍ୱାରା ତିନିଦିନ ଅନ୍ନର ବ୍ୟବସ୍ଥା କରାଯାଇଥିଲା।

## ଚାଲିଛି ଅମଲା ରାଜୁତି; ନିୟମିତ ବିଇଓ ନିଯୁକ୍ତି ଦାବି

ବାରିକପୁର, ୧୮।୪(ସମିସ): ଭଣ୍ଡାରିପୋଖରୀ ଶିକ୍ଷା ବିଭାଗ ଗତ କିଛି ମାସ ହେବ ସ୍ଥାଣୁ ପାଲଟି ଯାଇଛି। ଏଠାରେ ଥିବା ଶିକ୍ଷାଧିକାରୀ ଅଧୀର ତରାଇଙ୍କ ବଦଳି ପରେ ଏଯାଏଁ କୌଣସି ନିୟମିତ ବିଇଓ ନିଯୁକ୍ତି ହୋଇପାରି ନାହାନ୍ତି। କିଛିଦିନ ପାଇଁ ଧାମନଗର ବିଇଓ ପ୍ରଫୁଲ୍ଲ କୁମାର ସାହୁ ଭାରପ୍ରାପ୍ତ ବିଇଓ ଭାବେ ଦାୟିତ୍ୱ ତୁଲାଇଥିବାବେଳେ ତାଙ୍କ ପରେ ଏବେ ପୁଣି ଭଦ୍ରକ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରିଣୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସ୍ଥାୟୀ ଶିକ୍ଷାଧିକାରୀ ନ ଥିବାରୁ ଶିକ୍ଷକମାନଙ୍କର ଘୋର୍ ଅସୁବିଧା ହେଉଛି। ଠିକ୍ ସମୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କର କାଗଜପତ୍ର କାମ ହୋଇପାରୁ ନାହିଁ। ବିଦ୍ୟାଳୟ ସମ୍ବନ୍ଧୀୟ ସମସ୍ୟା ସମାଧାନରେ ମଧ୍ୟ ବିଳମ୍ବ ଘଟୁଛି। ଯେଉଁମାନଙ୍କୁ ଅସ୍ଥାୟୀ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଉଛି ସେମାନେ ଅଧିକାଂଶ ସମୟରେ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ଅମଲାମାନଙ୍କ ଦ୍ୱାରା ମନମୁଖୀ କାର୍ଯ୍ୟ ହେଉଥିବା ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶିକ୍ଷକ ମହାସଂଘ ଅଭିଯୋଗ କରିଛି। ଏନେଇ ଗତ ୧୧ ତାରିଖ ଦିନ ସଂଘ ସାଂସଦଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ସହିତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଛି। ତୁରନ୍ତ ସ୍ଥାୟୀ ବିଇଓ ନିଯୁକ୍ତି ପାଇଁ ସଂଘ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

## ଆବାସ ଓ ମଧୁବାବୁ ଭତ୍ତା ବଣ୍ଟନ

ବାସୁଦେବପୁର, ୧୮।୪(ସମିସ): ବାସୁଦେବପୁର ପୌରପାଳିକାର ନୀଳମଣି ଟାଉନ୍ ହଲ୍ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ମଧୁବାବୁ ପେନସନ ଯୋଜନାର ଭତ୍ତା ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୌରାଧକ୍ଷା ନିବେଦିତା ବେହେରା, ଉପାଧକ୍ଷ ଉତମ କୁମାର ବାରିକ, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବାସୁଦେବପୁର ପୌରପାଳିକାର ୨୩ଟି ୱାଡ଼ର ୧୧୨ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ୧୧୭ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ନୂତନ ଭତ୍ତା ଅର୍ଥ ବିଧାୟକ ଅଶୋକ କୁମାର ଦାସ ବଣ୍ଟନ କରିଥିଲେ। ଦୀର୍ଘ ଦିନ ଧରି ଭତ୍ତା ଅପେକ୍ଷାରେ ଥିବା ହିତାଧିକାରୀଙ୍କ ମଧ୍ୟରେ




ଖୁସି ଖେଳିଯାଇଥିଲା। ଯେଉଁମାନେ ଭତ୍ତା ଆବେଦନ କରି ଲାଇନ୍‌ରେ ଅଛନ୍ତି ଖୁବ୍‌ଶୀଘ୍ର ସେମାନଙ୍କୁ ମିଳିବ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ। ଏହି ବଣ୍ଟନ ସମାରୋହରେ ପୌରପାଳିକାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଅଟଳ ବିହାରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ବାସୁଦେବପୁର, ୧୮।୪(ସମିସ): ବସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଯୁବ ରେଡ୍‌କ୍ରସ ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ରୋଭର୍ସ ରେଞ୍ଜର ଶିକ୍ଷାର୍ଥୀଙ୍କ ତରଫରୁ ଆୟୋଜିତ ରକ୍ତଦାନ ଶିବିରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିନ୍ମୟୀ ସେନାପତି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ୍ ୫୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଧାପିକା ସୁଜାତା ମହାପାତ୍ର, ଡ. ସୌଦାମିନୀ ତ୍ରିପାଠୀ, ସ୍ୱର୍ଣ୍ଣଲତା ନାୟକ, ଚନ୍ଦନା ସାହୁ, ରଞ୍ଜିତା ମହାଳିକ, ଅଧାପକ ପବିତ୍ର ଘଡ଼ାଇ, ରାଜେନ୍ଦ୍ର ବେହେରା, ଡ. ରବି ନାରାୟଣ ନାୟକ, ପ୍ରଶାନ୍ତ ନାୟକ, ପ୍ରତାପ ବେହେରା, ଦୀପକ କୁଲୁ, ବଂଶୀଧର ଘଡ଼ାଇ ପ୍ରମୁଖ ଯୋଗଦେଇଥିଲେ।

## ବିରଳ ସାପ ଉଦ୍ଧାର

ବନ୍ତ/ଆଗରପଡ଼ା, ୧୮।୪(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଛୟାଳସିଂହ ହରିଜନ ସାହିରୁ ଏକ ବିରଳ ରଙ୍ଗର ସାପକୁ ଉଦ୍ଧାର କରାଯାଇଛି। ହଳଦିଆ ଓ ଧଳା ରଙ୍ଗର ଏହି ସାପଟିକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ଏହି ବିଚିତ୍ର ସାପଟି ଏକ 'ଆଲବିନୋ' (ରଙ୍ଗହୀନ) ପ୍ରଜାତିର ସାପ ବୋଲି କୁହାଯାଉଛି। ଗ୍ରାମବାସୀମାନେ ସାପଟିକୁ ଦେଖିବା ପରେ ଏହାକୁ ଧରି ଏକ ପ୍ଲାଷ୍ଟିକ୍ ଡବାରେ ସୁରକ୍ଷିତ ରଖିଥିଲେ। ଏହାପରେ ସେମାନେ ସ୍ନେକ୍ ହେଲ୍ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କୁ ଯୋଗାଯୋଗ କରିଥିଲେ। ଶ୍ରୀ ମଲ୍ଲିକ ତୁରନ୍ତ ଏ ବିଷୟରେ ଭଦ୍ରକ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସୁମିତ୍ ମହାନ୍ତିଙ୍କୁ



ଅବଗତ କରାଇଥିଲେ। ସହକାରୀ ବନ ସଂରକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ କର୍ମଚାରୀ ସାପଟିକୁ ଉଦ୍ଧାର କରି ଭଦ୍ରକ ରେଞ୍ଜ ଅଫିସକୁ ଆଣିଥିଲେ। ଉଦ୍ଧାର ସମୟରେ ସାପଟିର ମୁହଁରେ ସାମାନ୍ୟ ଆଘାତ ଲାଗିଥିବା ଦେଖାଯାଇଥିଲା। ସାପଟିର ଉନ୍ନତ ଚିକିତ୍ସା ପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପଠାଇବା ପାଇଁ ପରାମର୍ଶ ଦିଆଯାଇଛି।

## ନିର୍ମାଣ ହେଲା ପତିସାହିକୁ ସ୍ଥାୟୀ କଂକ୍ରିଟ ରାସ୍ତା


ବନ୍ତ/ଆଗରପଡ଼ା, ୧୮।୪(ସମିସ)



ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସ୍ଥାୟୀ ରାସ୍ତାକୁ ଅପେକ୍ଷା କରି ବସିଥିଲେ ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ମଙ୍ଗୁଲି ଗାଁ ଅନ୍ତର୍ଗତ ପତିସାହି ବାସିନ୍ଦା। ରାସ୍ତା ସମସ୍ୟାକୁ ନେଇ ଦୈନିକ 'ସକାଳ'ରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଶେଷରେ ସ୍ଥାୟୀ ରାସ୍ତା ନିର୍ମାଣ ହୋଇଥିବା ଜଣାପଡ଼ିଛି। ବ୍ଲକ ଉନ୍ନୟନ ଅଧିକାରୀଙ୍କଠାରେ ଅଭିଯୋଗ ହେବା ପରେ ୨୦୨୧ ଜୁଲାଇ ମାସରେ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ଉକ୍ତ ସ୍ଥାନକୁ ଆସି ସ୍ଥିତି ଆକଳନ କରି ଫେରିବା ପରେ ମଧ୍ୟ ଗ୍ରାମବାସୀମାନେ କୌଣସି ସୁଫଳ ନ ପାଇବାରୁ ଉକ୍ତ ସମସ୍ୟାକୁ ନେଇ ସେହି ବର୍ଷ ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲାପାଳ, ବିଧାୟକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ବହୁ ବର୍ଷ ବିତିଯିବା ପରେ ବି ଏଥିପ୍ରତି କେହି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବିଭିନ୍ନ ସମୟରେ ଉକ୍ତ ସ୍ଥାନକୁ ଆସି କେବଳ ରାସ୍ତାକୁ ମାପଚୁପ କରି ନିର୍ମାଣର ପ୍ରତିଶ୍ରୁତି ଦେଉଥିବା ଅଭିଯୋଗ ହେଉଥିଲା।

ସ୍ୱାଧୀନତାର ବହୁ ବର୍ଷ ପରେ ମଧ୍ୟ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ନଜର ଆଢୁଆଳରେ ରହିଯାଇଥିଲା ଏହି ସାହି। ଭଲ ରାସ୍ତାଟିଏ ନ ଥିବାରୁ ଲୋକମାନେ ନାନାଦି ଦୁର୍ଦ୍ଦଶା ମଧ୍ୟରେ ଗତି କରୁଥିଲେ। ଏଠାରେ ଶହେରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ରାସ୍ତା ଅବସ୍ଥା ଯୋଗୁଁ ଛୋଟ ଛୋଟ କୋମଳମତି ପିଲାମାନେ ଅଧ୍ୟୟନ କରିବାକୁ ସ୍କୁଲ, କଲେଜ କିମ୍ବା ଅଙ୍ଗନବାଡ଼ି କେନ୍ଦ୍ରକୁ ଆସିବା ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିଲେ। ଖାଲଖମାରେ ଭର୍ତ୍ତି ଏହି ରାସ୍ତାଟି ଅତି ସଂକୀର୍ଣ୍ଣ ଥିବାରୁ ସାଇକଲଟିଏ ମଧ୍ୟ ସୁବିଧାରେ ଯାତାୟାତ କରିପାରୁ ନ ଥିଲା। ବର୍ଷାଋତୁରେ ଏହି ରାସ୍ତା ଦେଇ ଯିବା ଆଦୌ ସମ୍ଭବପର ମଧ୍ୟ ନ ଥିଲା। ରାତିରେ ଏହି ରାସ୍ତାରେ ଯିବା ଅର୍ଥ ମରଣକୁ ଆମନ୍ତ୍ରଣ ସଦୃଶ ଥିଲା। ଏହିପରି ଅବସ୍ଥାରେ ଗାଁ ଲୋକମାନେ ଯାତାୟାତ କରୁଥିଲେ। ସବୁ ସାହିକୁ କଂକ୍ରିଟ ରାସ୍ତା ହେଉଥିବାବେଳେ ମଙ୍ଗୁଲି ଗାଁ ଅନ୍ତର୍ଗତ ପତିସାହି ରାସ୍ତାରେ ମୋରମ୍ ମୁଠାଏ ପଡ଼ିପାରୁ ନ ଥିଲା। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଥିବା ନେଇ ଖବର ବାରମ୍ବାର ଦୈନିକ 'ସକାଳ'ରେ ପ୍ରକାଶିତ ହେଉଥିଲା। ଶେଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୫ମ ଏସ୍‌ଏଫ୍‌ସି ଯୋଜନାରେ ୧ଲକ୍ଷ ୪୦ହଜାର ଟଙ୍କା ଅଟକଳ ମୂଲ୍ୟରେ ଉକ୍ତ ସାହିକୁ ଏକ ସ୍ଥାୟୀ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିବା ଜଣାପଡ଼ିଛି।

## ଖବର ପ୍ରକାଶ ପରେ ସ୍ଥାନାନ୍ତର ହେଲା ରାସ୍ତାରେ ପଡ଼ିଥିବା ଫଳକ




ବନ୍ତ/ଆଗରପଡ଼ା, ୧୮।୪(ସମିସ): ଚଳିତ ମାସ ୧ ତାରିଖ 'ରାସ୍ତାରେ ଗଡ଼ିପଡ଼ି ବିପଦଙ୍କୁ ଆମନ୍ତ୍ରଣ; ମୂଲ୍ୟହୀନ ପାଲଟିଛି ସୂଚନାଫଳକ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ରାସ୍ତାରେ ପଡ଼ି ବିପଦକୁ ଆମନ୍ତ୍ରଣ କରୁଥିବା ସୂଚନାଫଳକକୁ ବିଭାଗ ତରଫରୁ ଉଠାଯାଇ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

ସରକାରୀ ଅନୁଦାନରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟସ୍ଥଳି ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ ସୁଦ୍ଧା ଭଦ୍ରକ ଜିଲ୍ଲା ବନ୍ତ ପଞ୍ଚାୟତ ସମିତି ପକ୍ଷରୁ ହେଉଥିବା ଉନ୍ନୟନ କାର୍ଯ୍ୟରେ ଏହାର ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟରେ ଏହିପରି ଅବ୍ୟବସ୍ଥା ଦେଖାଯାଇଥିବା ବେଳେ ବର୍ତ୍ତମାନ ପୂର୍ତ୍ତ ବିଭାଗ ପକ୍ଷରୁ ବନ୍ତ-ଆଗରପଡ଼ା ଓ ଆଗରପଡ଼ା-କୁପାରୀ ରାସ୍ତାରେ ଜନ ପରାମର୍ଶ ଭିତ୍ତିକ ସୂଚନାଫଳକ କ୍ଷେତ୍ରରେ ପୁଣି ଏହିପରି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। କିଛି ଦିନ ପୂର୍ବରୁ ବନ୍ତ-ମହାନ୍ତିପଡ଼ା ରାସ୍ତା ନିମନ୍ତେ ଲଗାଯାଇଥିବା ଫଳକ ରାସ୍ତା ଉପରେ ପଡ଼ି ସମସ୍ତଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲା। ଅନ୍ୟମନସ୍କ ହୋଇ କିମ୍ବା ରାତିରେ ଉକ୍ତ ରାସ୍ତା ଦେଇ ଯିବା ମାନେ ବିପଦକୁ ଆମନ୍ତ୍ରଣ କରୁଥିଲା। କୌଣସି ବଡ଼ଧରଣର ବିପଦ ସୃଷ୍ଟି ହେବା ଆଗରୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଥିବା ନେଇ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ ଏହି ସୂଚନାଫଳକକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ଦେଖିବାକୁ ମିଳିଛି।

### ବ୍ୟବସାୟ ଆଗ; ପରମ୍ପରା ପଛ

# ୪ ଦିନରେ ଜଳକୁ ଗଲେ ନାରାୟଣ ଗୋସେଇଁ



ଯାଜପୁର/କୁଆଖିଆ, ୧୮।୪ (ସମିସ)

ରସୁଲପୁର ବ୍ଲକ ସିଙ୍ଗାପୁରର ପ୍ରଭୁ ନାରାୟଣ ଗୋସେଇଁଙ୍କ ଯାତ୍ରା କାହିଁ ଯୁଗ ଯୁଗର। ଶହ ଶହ ବର୍ଷ ଧରି ଏଠାରେ ପ୍ରଭୁ ନାରାୟଣ ଗୋସେଇଁଙ୍କ ପୂଜା ହୋଇଆସୁଛି। ବର୍ଷର ମାତ୍ର ୩ ଦିନ ମଧୁ ପୁଷ୍କରିଣୀରୁ ବାହାରି ନାରାୟଣ ଗୋସେଇଁ ମନ୍ଦିରକୁ ଯାଇଥାନ୍ତି। କିନ୍ତୁ ଚଳିତ ବର୍ଷ ଏହି ପରମ୍ପରାକୁ ଭଙ୍ଗ କରାଯାଇ ୪ ଦିନ କରାଯିବାକୁ ନେଇ ବିବାଦ ଦେଖାଦେଇଛି। ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ସ୍ଥଳଦେଶ ମନ୍ଦିରରେ ଦର୍ଶନ ଦେଲା ପରେ ଶନିବାର ସକାଳ ୭.୩୫ରେ ନିକଟସ୍ଥ ମଧୁତୀର୍ଥ ପୁଷ୍କରିଣୀ ଜଳକୁ ଗମନ କରିଥିଲେ। ମହାପ୍ରଭୁଙ୍କ ସ୍ଥଳ ଦେଶ ପୂଜା ଅର୍ଚ୍ଚନା ସମୟରେ ୧୩ ବେଶରେ ଭୂଷିତ ହୋଇଥିଲେ। ଜଳ ଗମନ ସକାଳେ ଦିନ ପ୍ରତ୍ୟୁଷରୁ ବିଧି ମୁତାବକ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ମଧୁପୁର ଗଡଜାତ ରାଜ ପରିବାରର ଦାୟାଦ ଅପଣ୍ଡା ଧୀର ସିଂ ଭରଦ୍ୱାନ ପୁଷ୍ପାଞ୍ଜଳି ଦେଲାପରେ ପ୍ରଭୁଙ୍କୁ ସିଂହାସନରୁ ଅବତରଣ କରାଯାଇଥିଲା। ପୂଜାପଣ୍ଡା ଦିପ୍ତୀନାରାୟଣ ଶତପଥୀ, ଅଣାକାର ଦାସ, ନାରାୟଣ ସତପଥୀ, ରାଜପରୋହିତ ନୀଳାମ୍ବର ପତି, ଶ୍ରୀନିବାସ ପଣ୍ଡା, ଯୋଗେନ୍ଦ୍ର ପାଢ଼ୀ, ବିକାଶ ପଣ୍ଡା, ହୃଦରଞ୍ଜନ ଶତପଥୀ, ଗୋଖାନ ପଣ୍ଡା, ପାଗଳ ପଣ୍ଡା, ସତ୍ୟାନନ୍ଦ ପଣ୍ଡା, ହେମନ୍ତ ମିଶ୍ର ପ୍ରମୁଖ ନାରାୟଣ

**ଭାଙ୍ଗିଲା ଶହ ଶହ ବର୍ଷର ପରମ୍ପରା**

ଗୋସାଇଁଙ୍କୁ ପହଣ୍ଡି ଯାତ୍ରା ଜରିଆରେ ମଧୁତୀର୍ଥ ପୁଷ୍କରିଣୀର ପୂର୍ବ ପାବଚ୍ଛରେ ପହଞ୍ଚାଇଥିଲେ। ପାବଚ୍ଛରେ ଶେଷ ପୂଜାର୍ଚ୍ଚନା କରିବା ପରେ ପ୍ରଭୁଙ୍କୁ ମେଲାଣି ଦେଇଥିଲେ। ଏହି ସମୟରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଏକ ସୁସଜ୍ଜିତ ବିମାନରେ ଆସି ପୁଷ୍କରିଣୀ ନିକଟରେ ବିଦ୍ୟମାନ ହୋଇଥିଲେ। ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଜଳଗମନ ଦୃଶ୍ୟ ଦର୍ଶନ କରିଥିଲେ। ତେବେ ଏହି ବର୍ଷ ଠାରୁ ମହାପ୍ରଭୁ ମନ୍ଦିରରେ ୩ଦିନ ବଦଳରେ କାହିଁକି ୪ ଦିନ ରହିଲେ ବୋଲି ଅନେକ ଶ୍ରଦ୍ଧାଳୁ ପ୍ରଶ୍ନ କରିଥିଲେ। ଏହି ପୂଜା ଆଳରେ ଏଠାରେ ଚାଲୁଥି?ବା ମେଳା ଓ ଯାତ୍ରାର ଭଲ ବ୍ୟବସାୟ କରିବା ପାଇଁ ଏଭଳି ପରମ୍ପରାକୁ ଚଳିତ ବର୍ଷ ଭଙ୍ଗା ଯାଇଥିବା ଚର୍ଚ୍ଚା ହେଉଛି। ଯାହା ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ମାନଙ୍କ ଭାବାବେଗକୁ ଆଘାତ ଦେଇଛି। ଏହି ପୂଜା ଆୟୋଜକ ମାନଙ୍କ ମଧ୍ୟରେ ଅନେକ ପୁଞ୍ଜିପତି ଓ ବ୍ୟବସାୟୀ ହୋଇଥିବାରୁ ନିଜର ବ୍ୟକ୍ତିଗତ ଫାଇଦା ପାଇଁ ଶହ ଶହ ବର୍ଷର ପରମ୍ପରାକୁ ଭାଙ୍ଗି ଦିଆଯାଇଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସିଂହାପୁର ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ଭୀଷ୍ମପ୍ରସାଦ ରଥଙ୍କୁ ପଚାରିବାରେ ପ୍ରତି ଶହେ ବର୍ଷରେ ପରାମ୍ପରା ବଦଳା ଯାଇପାରିବ ବୋଲି ମନ୍ଦିରର ସତ୍ତ୍ୱଲିପିରେ କୁଆଡ଼େ ନିୟମ ରହିଥିବା କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

# ନବବର୍ଷ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଡୁବୁରି,୧୮।୪(ସମିସ): ଓଡ଼ିଆ ନବବର୍ଷ ଅବସରରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଡୁବୁରୀ ପଞ୍ଚାୟତ ସିଆରିଆଠାରେ ଆରମ୍ଭ ହୋଇଥିବା ନାଚଗୀତ ପ୍ରତିଯୋଗିତା ଗତକାଲି ସନ୍ଧ୍ୟାରେ ଉଦ୍‌ଯାପିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ରମଣୀ ରଞ୍ଜନ ବଳସାମନ୍ତ ମୁଖ୍ୟଅତିଥି ଏବଂ ଇଂ. ଉତ୍କଳ କେଶରୀ ଜେନା, ସାମ୍ବାଦିକ କପିଳେନ୍ଦ୍ର ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମା' ତାରିଣୀ ଉନ୍ନୟନ ପରିଷଦର ଉପଦେଷ୍ଟା ସୁରେନ୍ଦ୍ର ମଲିକ, ସଂଗଠକ ମାନଗୋବିନ୍ଦ ନାୟକ, ଅଲେଖ ମଲିକ, ରାଜ କିଶୋର ବେହେରାଙ୍କ ଉପସ୍ଥିତିରେ ଚଳିତ ମାଟ୍ରିକ ପରିକ୍ଷାରେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୧୪ଜଣ ଛାତ୍ରଛାତ୍ରୀଙ୍କ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଗୋପିନାଥ ମାଝୀ, ସଞ୍ଜୀବ ମହାତ ଏବଂ ସ୍ୱୟଂପ୍ରକାଶ ମହାତ। ନାଚ ଗୀତ ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମା' ତାରିଣୀ ଉନ୍ନୟନ ପରିଷଦର ପପୁ ବେହେରା, ଦିଲିପ ସିଂ, ସୁଦାମ ମଲିକ, ଆନନ୍ଦ ମଲିକ ଓ ଅଜୟ ମଲିକ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ହତ୍ୟା ଘଟଣାରେ ଅନ୍ୟ ୨ ଅଭିଯୁକ୍ତ ଗିରଫ

ଧର୍ମଶାଳା,୧୮।୪(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା ଗ୍ରାମରେ ଜଣେ ଯୁବକକୁ ହତ୍ୟା ଅଭିଯୋଗରେ ପୁଲିସ ଗତ ୧୩ ତାରିଖରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଆଜି ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦେଓଦା ଗ୍ରାମର ଗୋଲକ ମଲିକଙ୍କ ପୁଅ ନିର୍ମଳ ମଲିକ(୨୦) ଓ ଏହି ଥାନା ହଳଦୀପଡା ଗ୍ରାମର ଝୁଲଣ ମଲିକଙ୍କ ପୁଅ ପବିତ୍ର ମଲିକ (୨୪) ବୋଲି ଜଣାପଡିଛି। ପୂର୍ବରୁ ପୁଲିସ ଏହି ଘଟଣାରେ ଦେଓଦା ଗ୍ରାମର ଗୋଲକ ମଲିକ (୪୮)କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୂଚନା ମୁତାବକ ଦେଓଦା ଗ୍ରାମର ଦଳିତ ସାହିରେ ଏକ ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଗତ ମାର୍ଚ୍ଚ ୧୩ତାରିଖରେ ସାହିରେ ଗଣ୍ଡଗୋଳ ଘଟିଥିଲା। ଏହି ଗଣ୍ଡଗୋଳରେ ପ୍ରଶାନ୍ତ ମଲିକ (୨୩) ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡମେଡିକାଲ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ପୀଡ଼ିତ ଯୁବକର ପରିବାର ପକ୍ଷରୁ ମାର୍ଚ୍ଚ ୨୦ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ୧୧୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହେଲେ ଗତ ଏପ୍ରିଲ ୧୧ କଟକରେ ଚିକିତ୍ସିତ ହେଉଥିବା ପ୍ରଶାନ୍ତର ମୃତ୍ୟୁ ହୋଇଥିଲା। ଖବର ଜଣାପଡିବା ପରେ ପୁଲିସ ଅଭିଯୁକ୍ତ ଗୋଲକ ମଲିକ (୪୮)କୁ ଗିରଫ କରି କୋର୍ଟଚାଲାଣ କରି ତଦନ୍ତ ଚଳାଇଥିଲା। ଆଜି ଏହି ହତ୍ୟା ଘଟଣାରେ ପୁଲିସ ତଦନ୍ତ କରି ନିର୍ମଳ ଓ ପବିତ୍ରକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ଧର୍ମଶାଳା ଷ୍ଟାଡିୟମରେ ହେବ ଅଭିଯୋଗ ଶୁଣାଣି

ଧର୍ମଶାଳା,୧୮।୪(ସମିସ): ଆସନ୍ତା ଏପ୍ରିଲ ୨୦ ତାରିଖ ସୋମବାର ଧର୍ମଶାଳା ଷ୍ଟାଡିୟମ ପରିସରରେ ଜିଲ୍ଲାପାଳ ଏବଂ ପୁଲିସ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ତେବେ ପୂର୍ବରୁ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଧର୍ମଶାଳା ବ୍ଲକ୍ ଅଫିସରେ ହେବାର ଥିଲା। କିନ୍ତୁ ବ୍ଲକ ଅଫିସରେ ମରାମତି କାମ ଚାଲୁ ରହିଥିବା ଯୋଗୁଁ ବର୍ତ୍ତମାନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ଧର୍ମଶାଳା ଷ୍ଟାଡିୟମକୁ ସ୍ଥାନାନ୍ତରଣ କରାଯାଇଛି। ବ୍ଲକ୍ ଅଫିସ ପରିବର୍ତ୍ତେ ଧର୍ମଶାଳା ଷ୍ଟାଡିୟମର ତଳ ମହଲାରେ ଥିବା ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ହେବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଏସପି, ସମସ୍ତ ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇ ଲୋକଙ୍କ ସମସ୍ୟା ଶୁଣିବେ। ଅଭିଯୋଗ ଶୁଣାଣି କାଯ୍ୟର୍କ୍ରମର ସ୍ଥାନ ପରିବର୍ତ୍ତନ ସମ୍ପର୍କିତ ନୋଟିସକୁ ସୂଚନା ଫଳକରେ ଲଗାଇବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀ ଏବଂ ଅଫିସ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବିଶ୍ୱଶାନ୍ତି ଚଣ୍ଡି ମହାଯଜ୍ଞ ଓ କଳସ ଯାତ୍ରା

ସିଂହପୁର,୧୮।୪(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନାଉବାଙ୍କ ଗ୍ରାମରେ ହରଚଣ୍ଡି ମନ୍ଦିରର ପ୍ରବେଶ ଉତ୍ସବ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶୁକ୍ରବାର ଅଙ୍କୁରାରୋପଣ, ଶନିବାର କଳସ ଯାତ୍ରା, ବିଶ୍ୱଶାନ୍ତି ଚଣ୍ଡି ମହାଯଜ୍ଞ ଆରମ୍ଭ, ରବିବାର ଗୀତା ଯଜ୍ଞ, ସୋମବାର ମା'ଙ୍କ ମନ୍ଦିର ଆଗମନ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେହ ଗୋପୂଜା, ସୂର୍ଯ୍ୟପୂଜା, ନାମ ସଂକୀର୍ତ୍ତନ ଓ ଶନିବାର ସନ୍ଧ୍ୟାରୁ ପ୍ରବଚନ ଓ ଭକ୍ତି ସଙ୍ଗୀତ ପରିବେଷ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ହରିବୋଲ ଓ ହୁଳହୁଳୀରେ ଗ୍ରାମ ପ୍ରକମ୍ପିତ ହେଉଛି। ପଣ୍ଡିତ ପତିତପାବନ ମିଶ୍ର, ପଣ୍ଡିତ ରବିନାରାୟଣ ପଣ୍ଡା, ବ୍ରହ୍ମପୁର ପଣ୍ଡିତ ଚନ୍ଦ୍ରଶେଖର ପଣ୍ଡା, ବାଲେଶ୍ୱର ପଣ୍ଡିତ ଦେବରଞ୍ଜନ ମିଶ୍ର, ପଣ୍ଡିତ ଦେବେନ୍ଦ୍ର ପତି, ରବିନାରାୟଣ ପତି, ବାସୁଦେବ ପଣ୍ଡା, ରଞ୍ଜିତ ପଣ୍ଡା, ବଳରାମ ପଣ୍ଡା, ପଣ୍ଡିତ ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ସମସ୍ତ ପୂଜା କାର୍ଯ୍ୟକ୍ରମକୁ ସଂଚାଳନ କରୁଛନ୍ତି। ଆଜି ପୁରୀର ପ୍ରବଚକ କୃପାସିନ୍ଧୁ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ।

# ଏସ୍‌ଜି କଲେଜ ସ୍ମାର୍ଟ କ୍ଲାସ୍‌ରୁମ ନିର୍ମାଣ କାର୍ଯ୍ୟରେ ଅନିୟମିତତା



ମଙ୍ଗଳପୁର,୧୮।୪(ସମିସ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ଥ ସାଧୁଗୌରେଶ୍ୱର (ଏସ୍‌ଜି କଲେଜ) ମହାବିଦ୍ୟାଳୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୮୩ ଲକ୍ଷ ୯୭ ହଜାରେ ୭୧୯ ଟଙ୍କା ବ୍ୟୟ ଅଟକଳରେ ଏକ ଆଡିଶନାଲ ସ୍ମାର୍ଟ କ୍ଲାସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଘର ନିର୍ମାଣ ପାଇଁ ବିଭାଗ ପକ୍ଷରୁ ଆର୍ ନାରାୟଣ କନଷ୍ଟ୍ରକସନ ନାମକ ଠିକା ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇ ଥିବା ବେଳେ ଏହି କାର୍ଯ୍ୟ ୫-୩-୨୬ରୁ ଆରମ୍ଭ ହୋଇ ୪-୧୨-୨୬ ରିଖ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଛି। ମାତ୍ର ବର୍ତ୍ତମାନ ଉକ୍ତ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଘର ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦେଖିବା ପାଇଁ ମିଳିଛି। ଯେଉଁ ବାଲି ଘରର ଫିଲିଂ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ ସେପରି ବାଲିରେ ଘରର ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ଏହି ବାଲିରେ ମୁଣ୍ଡା ମୁଣ୍ଡା ମାଟି ମିଶା ରହିଥିବା ଦେଖିବା ପାଇଁ ମିଳିଛି।

ସେହିପରି ଘର ପାଇଁ ପାଇଲିଂ ପିଲାର ଖୋଳା ଯାଇ ଢଳେଇ ପକାଯାଇ ଥିବା ବେଳେ ଢଳେଇ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଇ ଥିବା ବେଳେ ଏଷ୍ଟିମେଟ ଅନୁଯାଇ ସିମେଣ୍ଟ ଦିଆଯାଇ ନଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। କାର୍ଯ୍ୟ ତଦାରଖ କରିବା ପାଇଁ ବିଭାଗୀୟ ଜେଇ ଆସୁଥିବା ସମୟରେ ତାଙ୍କ ସମ୍ମୁଖରେ ନିୟମ ଅନୁଯାଇ ଠିକାଦାର ଜଣକ ଅତି ଚତୁରତାର ସହ କାର୍ଯ୍ୟ କରୁଥିବା ବେଳେ କାର୍ଯ୍ୟ ସ୍ଥଳରୁ ଜେଇ ପଳାଇ ଯିବା ପରେ ଠିକାଦାର ସବୁ ଆଇନକୁ ଉଲଂଘନ କରି ଅତି ନିମ୍ନମାନର ଭାବେ କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଶିକ୍ଷାବିତ ଓ ବୁଦ୍ଧିଜୀବୀମାନଙ୍କ ଅଭିଯୋଗ ଅନୁଯାଇ ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଏକ ତଦାରଖ କମିଟି ଗଠନ କରି ଉକ୍ତ କାର୍ଯ୍ୟର ତଦାରଖ କରନ୍ତୁ ବୋଲି ଶିକ୍ଷାବିତ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟରେ କିପରି ସ୍ୱଚ୍ଛତା ରକ୍ଷା ହୋଇପାରିବ ସେଥିନେଇ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଏହା ଉପରେ ଦୃଷ୍ଟି ଦିଆଯିବ ବୋଲି ପ୍ରାକ୍ତନ ଛାତ୍ର ସଂସଦ ସଭାପତି ରାକେଶ କୁମାର ସାହୁ କହିଛନ୍ତି। ତେବେ ଏହି ଗୃହ ନିର୍ମାଣ କାର୍ଯ୍ୟରେ ହେଉଥିବା ଅନିୟମିତତାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଦାବି ହୋଇଛି।

## ବେତଣ୍ଡା ହତ୍ୟାକାଣ୍ଡ ଘଟଣାରେ ୮ କୋର୍ଟ ଚାଲାଣ

ଧର୍ମଶାଳା,୧୮।୪(ସମିସ): ଧର୍ମଶାଳା ଥାନା ଅଧୀନସ୍ଥ ବେତଣ୍ଡା ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଘଟିଥିବା ନିର୍ମମ ହତ୍ୟାକାଣ୍ଡରେ ପୁଲିସ ମୋଟ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୧୬ ତାରିଖ ରାତି ପ୍ରାୟ ୯.୩୦ ସମୟରେ ସୁକାନ୍ତ ମଲ୍ଲିକ ନାମକ ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିଲା। ଜମିବାଡି ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁସନ୍ଧାନରୁ ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୋବନ ମଲ୍ଲିକ (୭୦), ସରସ୍ୱତୀ ମଲ୍ଲିକ (୬୦), ମାଳତୀ ମଲ୍ଲିକ (୫୫), କୁନ୍ତଳା ମଲ୍ଲିକ (୪୦), ଜ୍ୟୋସ୍ନା ମଲ୍ଲିକ (୩୨), ଜ୍ୟୋତି ମଲ୍ଲିକ (୨୭), ରଶ୍ମିତା ମଲ୍ଲିକ (୨୬), ରୁବି ମଲ୍ଲିକ (୨୫)। ପୁଲିସ ଏହି ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଯଥା ଫାର୍ସା, କାତି ଏବଂ ବାଉଁଶ ଲାଠି ଜବତ କରିଛି। ମୃତକଙ୍କ ପତ୍ନୀ କାବେରୀ ମଲ୍ଲିକ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ମୃତକଙ୍କ ଭାଇ ମଦନ ମୋହନ ମଲ୍ଲିକ ଏବେ ମଧ୍ୟ ନିଖୋଜ ଅଛନ୍ତି। ଅଭିଯୁକ୍ତମାନେ ତାଙ୍କୁ ଅପହରଣ କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

## ଶିଶୁମଙ୍ଗଳ କମିଟି ପୁନଃଗଠିତ

ଯାଜପୁର,୧୮।୪(ସମିସ): ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶନାମା ବଳରେ ନୂତନ ଶିଶୁମଙ୍ଗଳ କମିଟି, ଯାଜପୁର ପୁନଃଗଠିତ ହୋଇ କାର୍ଯ୍ୟାରମ୍ଭ କରିଛି। ନୂତନ ଶିଶୁ ମଙ୍ଗଳ କମିଟିରେ ଅଧ୍ୟକ୍ଷ ଭାବେ ଦିବ୍ୟଭୂଷଣ ମହାନ୍ତି ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ବେଳେ ଆଇନଜୀବୀ ସୂର୍ଯ୍ୟନାରାୟଣ ମିଶ୍ର, ରୀତା ବେହେରା, ଲକ୍ଷ୍ମୀନାରାୟଣ ସାହୁ ଓ ଗୀତାଞ୍ଜଳି ଧଳ ସଦସ୍ୟ ରୂପେ ଯୋଗଦେଇଛନ୍ତି। ପୁରୁଣା ଶିଶୁ ମଙ୍ଗଳ କମିଟି ନିକଟରୁ ଦାୟିତ୍ୱ ଗ୍ରହଣ ପରେ, ଅଧ୍ୟକ୍ଷ ଓ ସଦସ୍ୟମାନେ ଜିଲ୍ଲାପାଳ ଅମ୍ବର କୁମାର କର ଓ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଆଗାମୀ ତିନି ବର୍ଷ ମଧ୍ୟରେ ଯାଜପୁର ଜିଲ୍ଲାରେ ଅସୁବିଧାଜନକ ସ୍ଥିତି ଥିବା ପିଲାମାନଙ୍କ ପାଇଁ ଏକ ସୁରକ୍ଷାର ବଳୟ ସୃଷ୍ଟି ପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରହିବ ବୋଲି ଆଶା ପୋଷଣ କରିଛନ୍ତି। ଏକ୍ଷେତ୍ରରେ ଶିଶୁ ମଙ୍ଗଳ କମିଟି ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ୍, ସ୍ୱେଚ୍ଛାସେବୀ ସଂଗଠନର ସହଯୋଗ ଲୋଡ଼ିବ। ଜିଲ୍ଲାରେ କିଶୋର ନ୍ୟାୟ ଅଧିନୀନିୟମର କାର୍ଯ୍ୟକାରିତା ଉପରେ ନୂତନ କମିଟି ଗୁରୁତ୍ୱ ଦେବ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଅଧିକାରୀ ତପନ ପାତ୍ର, ଅର୍ଚ୍ଚନା ସାମନ୍ତ ଓ କାଳିପ୍ରସାଦ ସାହୁ ଉପସ୍ଥିତ ରହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ନୂତନ କମିଟିର କାର୍ଯ୍ୟଭାର ଗ୍ରହଣ ପାଇଁ ଆବଶ୍ୟକ ପ୍ରଶାସନିକ ଧାରାକୁ ବ୍ୟବସ୍ଥିତ କରିଥିଲେ।

## ବ୍ୟବସାୟୀ ବିଜୟ ପାତ୍ରଙ୍କ ପରଲୋକ



ସିଂହପୁର,୧୮।୪(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରର ବରିଷ୍ଠ ବ୍ୟବସାୟୀ ବିଜୟ କୁମାର ପାତ୍ରଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ ଶଯ୍ୟା ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ସିଂହପୁର ବଜାରର ବ୍ୟବସାୟୀ ସମେତ ଆଖପାଖ ଅଞ୍ଚଳରେ ଶୋକର୍ ଛାୟା ଖେଳିଯାଇଛି। ବିୟୋଗ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଛନ୍ତି। ସ୍ୱର୍ଗତ ପାତ୍ରଙ୍କ ପରଲୋକରେ ବ୍ୟବସାୟୀ ସଂଘର ସଭାପତି ରାମଚନ୍ଦ୍ର ମିଶ୍ର, ସଂପାଦକ ନିରଞ୍ଜନ ବେଉରିଆ, ବରିଷ୍ଠ ବ୍ୟବସାୟୀ ସୁରେନ୍ଦ୍ର କୁମାର ଧଳ, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ଜିଲ୍ଲାପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ସରପଞ୍ଚ ଶଶାଙ୍କ ଶେଖର ଖିଲାର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ପାତ୍ର, ପ୍ରାକ୍ତନ ସମିତିସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ବ୍ୟବସାୟୀ ପ୍ରତାପ ରାଉତ, ଗୋବିନ୍ଦ ପାଣ୍ଡବ, ପୂର୍ଣ୍ଣଚନ୍ଦ୍ର ରାଉତ, ଗିରିଧାରୀ ସାହୁ, ନିଳକ କୁମାର ସାହୁ, ସିଂହପୁର ସମବାୟ ସମିତି ସଂପାଦକ ଉତ୍କଳ ସାମଲ, ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ସୁଶାନ୍ତ କୁମାର ନାୟକ, ଯୁବ ବ୍ୟବସାୟୀ ସୁଧାଂଶୁ ଶେଖର ଧଳ, ମଳୟ ଆଟୋଇଙ୍କ ସମେତ ସିଂହପୁର ବଜାରର ସମସ୍ତ ବ୍ୟବସାୟୀମାନେ ଶୋକ ବ୍ୟକ୍ତ କରିଛନ୍ତି।

## ସରକାରୀ ଓକିଲ ରାଜୀବ ମହାନ୍ତି ସମ୍ମାନିତ



ଯାଜପୁର,୧୮।୪(ସମିସ): ଭାରତୀୟନ୍ୟାୟସଂହିତା ୨୦୨୩ ଲାଗୁ ପରେ ଯାଜପୁର ପକ୍ସୋ କୋର୍ଟରେ ହୋଇଥିବା ୪ ଗୋଟି ଗୁରୁତର ମାମଲାରେ ସରକାରଙ୍କ ପକ୍ଷରୁ ମାମଲା ଲଢ଼ି ସଫଳତା ହାସଲ କରିଥିବା ତତ୍କାଳୀନ ସରକାରୀ ଓକିଲ ରାଜୀବ ମହାନ୍ତିଙ୍କୁ ଶୁକ୍ରବାର ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇଭି ଖୁରାନିଆ ସମ୍ବର୍ଦ୍ଧିତ କରିଛନ୍ତି। ସଂପୃକ୍ତ ଥାନା ଗୁଡିକର ତଦନ୍ତକାରୀମାନଙ୍କୁ ମଧ୍ୟ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ସୂଚନା ଯୋଗ୍ୟ ଯେ ବରୀ ଅନ୍ତର୍ଗତ କଳାମାଟିଆ ଗ୍ରାମର ଜନୈକା ୯ ବର୍ଷୀୟା ନାବାଳିକାଙ୍କୁ ଡାକି ନେଇ କାଳିଆ ପରିଡ଼ା ନାମକ ବ୍ୟକ୍ତି ଦୁଷ୍କର୍ମ କରିଥିଲେ। ଏହି ଘଟଣାରେ କାଳିଆଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ସେହିପରି କୁଆଖିଆ ଥାନା ଅଞ୍ଚଳରେ ଜନୈକା ନାବାଳିକାକୁ ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ ଦଣ୍ଡ ଦିଆଯାଇଛି। ପୁନଶ୍ଚ ମଙ୍ଗଳପୁର ଥାନାରେ ଅନୁରୂପ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡ ମିଳିଥିବା ବେଳେ ବିଞ୍ଝାରପୁର ଥାନାର ବୁଦ୍ଧପୁର ଗ୍ରାମରେ ନିଜ ନାବାଳିକା କନ୍ୟାକୁ ଦୁଷ୍କର୍ମ କରିଥିବା ବ୍ୟକ୍ତିଙ୍କୁ ୨୦ ବର୍ଷ ଜେଲ ଦଣ୍ଡ ଘଟଣାରେ ମଧ୍ୟ ଶ୍ରୀ ମହାନ୍ତି ସରକାରଙ୍କ ପକ୍ଷରୁ ପକ୍ସୋ କୋର୍ଟରେ ମାମଲା ଲଢୁଥିଲେ। ଏହି ସଫଳତା ପାଇଁ ଯାଜପୁରର ଏସ୍‌ପି ଯସପ୍ରତାପ ଶ୍ରୀମଲଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରୀ ଥାନାର ତତ୍କାଳୀନ ଅଧିକାରୀ ଶ୍ରୀମତୀ ମହାନ୍ତି, ମଙ୍ଗଳପୁର ତତ୍କାଳୀନ ଅଧିକାରୀ ଚିନ୍ମୟ ସାହୁ, କୁଆଖିଆର ତତ୍କାଳୀନ ଥାନାଧିକାରୀ ହେମଲତା ଦାସ ଏବଂ ବିଞ୍ଝାରପୁର ତତ୍କାଳୀନ ଥାନାଧିକାରୀ କଳ୍ପନା ପ୍ରଧାନଙ୍କୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ରଙ୍କ ସମେତ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ତତ୍କାଳୀନ ସରକାରୀ ଓକିଲ ତଥା ବର୍ତ୍ତମାନର ରାଜ୍ୟ ବାର୍ କାଉନସିଲ ଉପାଧ୍ୟକ୍ଷ ଶ୍ରୀ ମହାନ୍ତି ଏବଂ ଉପରୋକ୍ତ ପୁଲିସ ଅଧିକାରୀ ମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ବିଭିନ୍ନ ଥାନାରେ ଖୋଲିଲା ଜଳଛତ୍ର









ବରୀ,୧୮।୪(ସମିସ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ଦେଇ ଯାଜପୁର ଜିଲ୍ଲା ପୁଲିସ ପକ୍ଷରୁ ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନରେ ଜଳଛତ୍ର ଖୋଲିଛି। ଏହି ପରିପ୍ରେକ୍ଷୀରେ ବରୀ ରାମଚନ୍ଦ୍ରପୁର ଥାନା ପକ୍ଷରୁ ବରୀ ମୁଖ୍ୟ ବଜାର ବରୀ ମାଉଣ୍ଟ ଠାରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ବରୀ ଥାନା ଅଧିକାରିଣୀ ହେମଲତା ଦାସ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଜନ ସାଧାରଣ ବାଟୋଇ ମାନଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଇଛି ବୋଲି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ବରୀ ଥାନା ଅଧୀନରେ ଛକ, ଜନଗହଳି ପୂର୍ଣ୍ଣ ସ୍ଥାନରେ ଜଳ ଛତ୍ର ବଣ୍ଟନ କାର୍ଯ୍ୟକ୍ରମ ହେବ ବୋଲି କହିଛନ୍ତି। ଏହୀ କାର୍ଯ୍ୟକ୍ରମରେ ବରୀ ଥାନାର ଏଏସଆଇ ଲକ୍ଷ୍ମୀଧର ସ୍ୱାଇଁ, ଲମ୍ବୋଦର ଜେନାଙ୍କ ସହ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ବରୀ ଥାନା ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଜନ ସାଧାରଣରେ ପ୍ରଶଂଶା କରାଯାଇଛି।

**ବିଞ୍ଝାରପୁର** : ବିଞ୍ଝାରପୁର ଥାନା ପକ୍ଷରୁ ଏସଡିପିଓ ପ୍ରଶାନ୍ତ କୁମାର ମାଝୀ ଅନୁଷ୍ଠାନିକ ଭାବେ ଜଳଛତ୍ର ଷ୍ଟଲକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଥାନା ଅଧିକାରୀ ବିଳମଙ୍ଗଳ ସେଠୀ, ପାର୍ବତୀ ମଲ୍ଲିକ ଓ ଏଏସଆଇ ରାଜକିଶୋର ଲାହା ଉପସ୍ଥିତ ଥିଲେ। ଆଜିଠାରୁ ଆରମ୍ଭ ହୋଇଥିବା ଏହି ଜଳଛତ୍ର ଗ୍ରୀଷ୍ମ ପ୍ରବାହ କମିବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଏହା ମାଧ୍ୟମରେ ରାସ୍ତାଚାରୀ ଓ ସାଧାରଣ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ।

**ମଙ୍ଗଳପୁର/କୟାଁଗୋଲା**: ମଙ୍ଗଳପୁର ପୁଲିସ ପକ୍ଷରୁ ଖୋଲିଥିବା ଜଳଛତ୍ରକୁ ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ନେତୃତ୍ୱରେ ଏସଆଇ ଅନିତା ପ୍ରଧାନ,ଏସଆଇ ସଂକେତ କୁମାର ପଲ୍ଲାଇ,ଏଏସଆଇ ଜଟାଧାରୀ ଦାସ,ଏଏସଆଇ ସଂଯୁକ୍ତା ପଣ୍ଡା, ଏଏସଆଇ ଘନଶ୍ୟାମ ନାୟକ, ଦିପ୍ତୀରଞ୍ଜନ ସାହୁ, ପ୍ଲାବନ ମହାପାତ୍ର, ବସନ୍ତ ମଲ୍ଲିକ, ଚିତ୍ତରଞ୍ଜନ ଜେନା, ଅକ୍ଷୟ ରାଉତ ପ୍ରମୁଖ ଥାନା କର୍ମଚାରୀଙ୍କ ସହଯୋଗରେ ଜଳଛତ୍ର କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଯାଇଛି। ଥାନା ପକ୍ଷରୁ ଖୋଲା ଯାଇଥିବା ଜଳଛତ୍ର କେନ୍ଦ୍ରଟି ଗ୍ରୀଷ୍ମ ପ୍ରବାହ ଶେଷ ହେବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମଙ୍ଗଳପୁର ଥାନା ଅଧିକାରୀ କହିଥିଲେ।

**ଧର୍ମଶାଳା**: ଧର୍ମଶାଳା ପୁଲିସ ପକ୍ଷରୁ ଜାରକା ବିଟ୍ ହାଉସ ନିକଟରେ ଆଜି ଏକ ଜଳଛତ୍ର କାର୍ଯ୍ୟକ୍ରମକୁ ଯାଜପୁର ରୋଡ୍ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖାଯାଇ ବାଟୋଇମାନଙ୍କ ତୃଷ୍ଣା ମେଣ୍ଟାଇବା ଉଦ୍ଦେଶ୍ୟ ନେଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏଭଳି ଜଳଛତ୍ରର ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମ ପ୍ରବାହ ଚାଲିବା ପର୍ଯ୍ୟନ୍ତ ଏଭଳି ଜଳଛତ୍ର ବ୍ୟବସ୍ଥା ଚାଲୁରହିବ ବୋଲି ଏସ୍‌ଡିପିଓ ଶ୍ରୀ ପାତ୍ର ସୂଚନା ଦେଇ କହିଛନ୍ତି। ଆଜି ଧର୍ମଶାଳା ପୁଲିସ ପକ୍ଷରୁ ଥାନା ଅଧିକାରୀ ଚିନ୍ମୟୀ ସାହୁ, ଜାରକା ବିଟ୍ ହାଉସ ଅଧିକାରୀ ବିଜୟ ବେହେରା ସମେତ ଅନ୍ୟ ପୁଲିସ ଅଧିକାରୀ ଓ କନଷ୍ଟେବଳମାନେ ଉପସ୍ଥିତ ରହିଥିଲେ।

# ରଜରେ ଛକି ଶୂନ




ଅନୁସନ୍ଧାନ ମୂଳକ ଥ୍ରିଲର ଓଡ଼ିଆ ସିନେମା 'ଛକି ଶୂନ'ର ସୁଟିଂ ଶେଷ ହୋଇଛି । ଏବେ ପୋଷ୍ଟ ପ୍ରଡକ୍ସନ କାମ ଶେଷ ସୋପାନରେ ଅଛି । ଓଡ଼ିଶାର ଗଣପର୍ବ ରଜ ଅବସରରେ ଏହା ରିଲିଜ ହେବ ବୋଲି ପ୍ରଡକ୍ସନ ତରଫରୁ ଘୋଷଣା କରାଯାଇଛି । 'କର୍ମ' ଓ 'ଚାରିଧାମ'ର ଐତିହାସିକ ସଫଳତା ପରେ ଏହି ବର୍ଷ ରଜରେ ପୁଣି ପରଦାରେ ଧମାକା କରିବାକୁ ପ୍ରସ୍ତୁତ ଅନୁଭବ ମହାନ୍ତି । ଜଣାଶୁଣା କାହାଣୀ ଓ ସଂଳାପକାର ମାନସ ପଢ଼ିଆରୀଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ସିନେମା 'ଛକି ଶୂନ'ରେ ସୁପରଷ୍ଟାର୍ ଅନୁଭବ ମହାନ୍ତି ମୁଖ୍ୟ ଚରିତ୍ରରେ ଅଛନ୍ତି । ଏହି ଫିଲ୍ମରେ ସେ କ୍ରାଇମ ବ୍ରାଞ୍ଚ ଏସିପି ଚରିତ୍ରରେ ଅଭିନୟ କରିଛନ୍ତି । ଯିଏ ନିଜର ବୁଦ୍ଧିରେ ଜଟିଳରୁ ଜଟିଳ କେସ୍ ସମାଧାନ କରିବାର ସାମର୍ଥ୍ୟ ରଖନ୍ତି । ଅନ୍ୟ ପ୍ରମୁଖ ଚରିତ୍ରରେ ସମ୍ଭାବନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା, ଉଦିତ ଗୁରୁ, ସୁକୁମାର ଟୁଡୁ, ଚୌଧୁରୀ ଜୟପ୍ରକାଶ ଦାସ, ସନ୍ତୁ, କ୍ରିଷ୍ଣା, ଉମାକାନ୍ତ, ରାକା, ନିତୁ ସିଂ, ବିଜୟିନୀ ମହାନ୍ତି, ଜିତୁ ମଙ୍ଗରାଜ, ତାପସ ସରଘରିଆ, ଗୀତିମୟ ନନ୍ଦ, ଭକ୍ତି ଓ ଶିଶୁ କଳାକାର ଶ୍ରେୟାଂଶୀ ଅଭିନୟ କରୁଛନ୍ତି । ନବୀନ ଭଣ୍ଡାରୀ, ଜାଗ୍ରତି ଏ. ମହାନ୍ତି, ଶୁଭମ୍ ମହାନ୍ତି ଏହାର ପ୍ରଯୋଜନାରେ ଅଛନ୍ତି । ଆମର ମ୍ୟୁଜିକ୍, ଟୁ ନାଇନ୍ ଫିଲ୍ମସ୍ ଓ ଏସ୍. ଏମ୍. ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ସିନେମାର ସିନେମାଟୋଗ୍ରାଫର୍ ହେଲେ ଦୀପକ କୁମାର । ଦେବ ଜ୍ୟୋତି ଏଥିରେ ସହ-ନିର୍ଦ୍ଦେଶକ ଭାବେ କାମ କରୁଛନ୍ତି । କୋଲକାତାର କିଶଳୟ ରାୟ ବ୍ୟାକ୍ ଗ୍ରାଉଣ୍ଡ ମ୍ୟୁଜିକ୍ କରିଛନ୍ତି । ରଶ୍ମିରଂଜନ ଦାସ ଏହାର ଏଡିଟିଂ ଦାୟିତ୍ୱରେ ଥିବା ବେଳେ ଶକ୍ତିସ୍ୱରୂପ ଦ୍ୱିବେଦୀ ସାଉଣ୍ଡ ଡିଜାଇନ କରୁଛନ୍ତି । ଲଗ୍ ଲିନ୍ ଷ୍ଟୁଡିଓ ଭି. ଏଫ୍. ଏକ୍ସ କରୁଛନ୍ତି । ■

# ଚର୍ଚ୍ଚାରେ 'ମୁରବି'ର ଗୀତିକାର

'ମୁରବି' ଚଳଚ୍ଚିତ୍ରର ଗୀତ ଲେଖି ଚର୍ଚ୍ଚାରେ ପି. ସନ୍ତୋଷ କୁମାର । କେବଳ ଗୀତ ନୁହେଁ, ଏହି ଫିଲ୍ମର ସେ ଚିତ୍ରନାଟ୍ୟ, ସଂଳାପ ମଧ ରଚନା କରିଛନ୍ତି । ତେବେ ଏହାର ଗୀତ ଲେଖିବା ତାଙ୍କ ପକ୍ଷେ ଆଦୌ ସହଜ ନ ଥିଲା । କାରଣ ତାଙ୍କୁ ଅଧିକ ଭାବିବାକୁ ପଡ଼ିଥିଲା କି ସେ ନ୍ୟାସନାଲ୍ ପୁରସ୍କାରପ୍ରାପ୍ତ 'ଦମନ୍' ଫିଲ୍ମର ନିର୍ଦ୍ଦେଶକଙ୍କ ଫିଲ୍ମ ପାଇଁ ଗୀତ ଲେଖୁଛନ୍ତି । ଅବଶ୍ୟ ଏବେ ତାଙ୍କର ଗୋଟିଏ ସ୍ୱପ୍ନ ସାକାର ହୋଇଥିବା ସେ କହିଛନ୍ତି । ଏହା ପୂର୍ବରୁ ସେ ଆଉ ଦୁଇଟି ଫିଲ୍ମରେ ଗୀତ ଲେଖିବା ସହିତ ଚିତ୍ରନାଟ୍ୟ ,ସଂଳାପ ଦେଇଛନ୍ତି । ସେ ବିଗ୍ ବଜେଟ୍ ଫିଲ୍ମ 'ଲ୍ୟାଣ୍ଡଫଲ୍'ରେ ଗୀତ ଲେଖିବା ସହିତ ସହ-ଲେଖକ ଭାବେ କାମ କରିଛନ୍ତି । ତାଙ୍କ ଶିକ୍ଷକ ହେଉଛନ୍ତି ଦେବୀ ପ୍ରସାଦ ଲେଙ୍କା । ପି. ସନ୍ତୋଷ କୁମାରଙ୍କ ଜନ୍ମ ଭଦ୍ରକରେ । ପିଲାଟି ଦିନରୁ ତାଙ୍କର ଗୀତ, ନାଟକ ପ୍ରତି ବହୁତ ଦୁର୍ବଳତା ଥିଲା । ସେଥିପାଇଁ କଳା ଜଗତ ସନ୍ତୋଷଙ୍କ ପାଇଁ ନିଶା ଓ ପେଶା ପାଲଟିଛି । ଏବେ ସନ୍ତୋଷଙ୍କ ରଚିତ 'ମୁରବି' ଫିଲ୍ମର ଗୀତଗୁଡ଼ିକ ଶ୍ରୋତାମାନଙ୍କ ହୃଦୟକୁ ଛୁଇଁ ପାରିଛି । ■



# ମଇ ୧ରେ 'ମନ୍ତ୍ରମୁଗ୍ଧ'




ଓଡ଼ିଆ ସିନେ ଦର୍ଶକଙ୍କ ପାଇଁ ଏକ ନୂଆ ସମ୍ଭାବନା ନେଇ ଆସୁଛି ନୂଆ ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ' । ମଲ୍ଟି ୟଙ୍ଗ ଷ୍ଟାର୍ସଙ୍କୁ ନେଇ ନିର୍ମାଣ ହୋଇଥିବା 'ମନ୍ତ୍ରମୁଗ୍ଧ' ସାରା ଓଡ଼ିଶାରେ ଆସନ୍ତା ମଇ ୧ ତାରିଖରେ ମୁକ୍ତିଲାଭ କରିବ । ଯୁବ ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କର ଭିନ୍ନ ଏକ ପରିକଳ୍ପନା ହେଉଛି 'ମନ୍ତ୍ରମୁଗ୍ଧ' । ଅତ୍ୟାଧୁନିକ ଭିଏଫ୍ଏକ୍ସ, ଗ୍ରାଫିକ୍ସ, ହରର୍, କମେଡି ସାଙ୍ଗକୁ ମ୍ୟୁଜିକ୍ ସବୁକିଛି ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ନୂଆ ଅନୁଭୂତି ଯୋଗାଇବ । ନିକଟରେ ମୁକ୍ତିଲାଭ କରିଥିବା ଗୀତଗୁଡ଼ିକ କୋଟି ଓଡ଼ିଆଙ୍କ ହୃଦୟ ଜିତି ସାରିଛି। ଗଞ୍ଜାମ ଜିଲ୍ଲାର ଧରାକୋଟର ସେଇ ପ୍ରାଚୀନ ରାଜପ୍ରସାଦରେ ଦୀର୍ଘ ୫୦ ଦିନ ଧରି ସୁଟିଂ ହୋଇଥିଲା । ସେହି ରାଜବାଟୀରେ ଘଟୁଥିବା ଏକ ହରର୍ କାହାଣୀକୁ ଦେଖେଇବା ସହିତ ସେଇ ଐତିହାସିକ ସ୍ଥାନକୁ ଚଳଚ୍ଚିତ୍ର ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରିଛନ୍ତି ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ । ନାୟକ ସନୋଜ, ମନ୍ମୟ, ସାର୍ଥକ, ନାୟିକା ଭୂମିକା ଦାଶ, ସୂର୍ଯ୍ୟମୟୀ, ବର୍ଷା ପଟ୍ଟନାୟକ, ଦୀପନ୍ୱିତ, ନିଶାନ୍ତ,ହର ରଥ, ବରିଷ୍ଠ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସଙ୍କ ସମେତ ଆହୁରି ଅନେକ କଳାକାର ନଜର ଆସିବେ । ଆଗାମୀ ଦିନରେ ଏହି ଚଳଚ୍ଚିତ୍ର ଚହଳ ସୃଷ୍ଟି କରିବ ବୋଲି କାର୍ଯ୍ୟନିର୍ବାହୀ ପ୍ରଯୋଜକ ଗୋପାଳ ଚନ୍ଦ୍ର ଘଡ଼ାଇ ପ୍ରକାଶ କରିଛନ୍ତି । ■

ପରଦା ପଛର କାହାଣୀ

# ମରଣ ମୁହଁରୁ ବର୍ତ୍ତି ଥିଲେ ଲାରା ଦତ୍ତା

ସାଧାରଣତଃ ଫିଲ୍ମ ସୁଟିଂ ସମୟରେ ଅନେକ ଘଟଣା ଦୁର୍ଘଟଣାମାନ ଘଟିଥାଏ । ସେଥିମଧ୍ୟରୁ କିଛି ସ୍ମରଣୀୟ ହୋଇ ରହିଯାଏ ଜୀବନ ତମାମ । ସେମିତି ଏକ ଘଟଣା ଘଟିଥିଲା ଅଭିନେତ୍ରୀଙ୍କ ଲାରା ଦତ୍ତାଙ୍କ ଜୀବନରେ । ଏକଦା ଫିଲ୍ମ ସୁଟିଂ ସମୟରେ ସେ ଏକ ଦୁର୍ଘଟଣାରେ ମରଣ ମୁହଁରୁ ବଞ୍ଚିଥିବା ନିକଟରେ ପ୍ରକାଶ କରିଛନ୍ତି । ଲାରାଙ୍କ ପ୍ରଥମ ଫିଲ୍ମ 'ଅନ୍ଦାଜ' ସୁଟିଂ ସମୟରେ ଏଭଳି ଅଘଟଣ ଘଟିଥିଲା । ଫିଲ୍ମରେ ଏକ ନୃତ୍ୟ ଦୃଶ୍ୟ ସମୁଦ୍ରରେ ସୁଟିଂ କରୁଥିଲେ । ଏହି ସମୟରେ ସେ ବଡ଼ ଲହରୀରେ ଫସି ଯାଇଥିଲେ । ଫଳରେ ନିଜକୁ ସୁରକ୍ଷିତ ତଥା ସ୍ଥିର କରିବା ପାଇଁ ତାଙ୍କୁ ଖୁବ୍ ସଂଘର୍ଷ କରିବାକୁ ପଡ଼ିଥିଲା । ଶେଷରେ କୌଣସି ମତେ କଷ୍ଟେ ମଷ୍ଟେ ଏଥିରୁ ବର୍ତ୍ତି ଥିଲେ । ତେବେ ପାହାଡ଼, ସମୁଦ୍ର ଭଳି ପ୍ରାକୃତିକ ସ୍ଥାନରେ ସୁଟିଂ କରିବା କେତେ ବିପଦପୂର୍ଣ୍ଣ ତାହା ସେ ଅନୁଭବ କରିଥିଲେ । ନିକଟରେ ଏକ ସାକ୍ଷତକାରରେ ଲାରା କହିଥିଲେ ଯେ, ଅନ୍ଦାଜ ଫିଲ୍ମର ଏକ ଗୀତ ସୁଟିଂ ପାଇଁ ମୁଁ ଏକ ଲେଦର ପୋଷାକ ପିନ୍ଧି ସମୁଦ୍ର ପାଣି ଭିତରକୁ ଯାଇଥିଲି । ସେତେବେଳେ ମୋତେ ପହଁରା ଆସୁ ନଥିବାରୁ ମୁଁ ପଥର ଭଳି ବୁଡ଼ି ଯାଉଥିଲି । ଏହି ସମୟରେ ସୌଭାଗ୍ୟବଶତଃ ଅଭିନେତା ଅକ୍ଷୟ କୁମାର ଆସି ମୋତେ ଉଦ୍ଧାର କରିଥିଲେ । ତେବେ ଏହି ଭୟଙ୍କର ଦୁର୍ଘଟଣା ପରେ ତାଙ୍କୁ ହାଇପୋଥର୍ମିକ୍ ସକ୍ ଲାଗିଥିଲା । ଫଳରେ ଏହାପରେ ସୁଟିଂ ବନ୍ଦ କରି ତାଙ୍କୁ ଡାକ୍ତରଖାନା ନେବାକୁ ପଡ଼ିଥିଲା । ଏହି ଅନୁଭୂତି ତାଙ୍କୁ ଗଭୀର ଆଘାତ ଦେଇଥିଲା । 'ଅନ୍ଦାଜ' ଫିଲ୍ମ ସୁଟିଂ ସମୟର ଦୁର୍ଘଟଣା ଲାରାଙ୍କ ଜୀବନରେ ଅବିସ୍ମରଣୀୟ ହୋଇରହିଛି । ■



ସାକ୍ଷାତକାର

ଜଣେ ଅଭିନେତା ହେବାକୁ ସେ ପିଲାଟି ଦିନରୁ ସ୍ୱପ୍ନ ଦେଖିଥିଲେ । ଏହି ସ୍ୱପ୍ନକୁ ପୂରା କରିବାକୁ ସେ ଅଭିନୟ ପାଇଁ ପ୍ରାୟ ଦୁଇବର୍ଷ ତାଲିମ ନେଇଛନ୍ତି । ଅବଶ୍ୟ ଏଥିପାଇଁ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡ଼ିଛି । ସଂଘର୍ଷକୁ ସଫଳତାରେ ପରିଣତ କରିଥିବା ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ପୁରୀ ଜିଲ୍ଲା ଅନ୍ତର୍ଗତ କଣାସ ଗାଁ'ର ଆର୍ଯ୍ୟ ପ୍ରଧାନ । ଏକାଧିକ ମ୍ୟୁଜିକ୍ ଭିଡିଓରେ ସେ କାମ କରିଛନ୍ତି । ଦୁଇଟି ରିଆଲିଟି ଶୋ'ରେ ଅଂଶ ଗ୍ରହଣ କରି ସାରିବା ପରେ ତାଙ୍କୁ ଏକ ମେଗା ଧାରବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା । ଏବେ ସେ 'କିଛି ସତ କିଛି ମିଛ' ଧାରାବାହିକରେ ମୁଖ୍ୟ ଚରିତ୍ରରେ ଅଭିନୟ କରୁଛନ୍ତି । ତେବେ ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଆର୍ଯ୍ୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ ।

# "ମୋ ଅଭିନୟର ଯାତ୍ରା ବେଶ୍ ସଂଘର୍ଷପୂର୍ଣ୍ଣ"



**ଆର୍ଯ୍ୟ ପ୍ରଧାନ, ଅଭିନେତା**

**ଅଭିନେତା ହେବାକୁ କାହିଁକି ମନ ବଳାଇଲେ ?**

● ପିଲାଦିନୁ ଅଭିନୟ ପ୍ରତି ଦୁର୍ବଳତା ରହିଥିଲା । ଭଲ ଅଭିନେତା ହେବା ଲକ୍ଷ୍ୟରେ ଦୁଇ ବର୍ଷ ଅଭିନୟ ପାଇଁ ତାଲିମ ନେଇଥିଲି । ମୁଁ ନିଜେ ନିଜେ ନୃତ୍ୟ ଅଭ୍ୟାସ କରେ । ତେବେ ସିଦ୍ଧାର୍ଥ ଟିଭିର 'ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂ' ସିଜନ ୩ର ଟପ୍ ଫୋର୍ ଫାଇନାଲିଷ୍ଟ ହୋଇଥିଲି । ଏହାପରେ 'ସିନେ ଷ୍ଟାର୍ କି ଖୋଜ୍'ର ଫାଇନାଲିଷ୍ଟ ଥିଲି । ସୌଭାଗ୍ୟବଶତଃ ଧାରାବାହିକରେ କାମ କରିବାକୁ ମୋତେ ଅଡିସନ୍ ଦେବାକୁ ସହଜ ହୋଇଥିଲା । ବହୁ ଦିନର ପ୍ରତୀକ୍ଷା ପରେ ଏବେ 'କିଛି ସତ କିଛି ମିଛ' ଧାରାବାହିକରେ ଆଲୋକ ଚରିତ୍ରରେ ଅଭିନୟ କରିବାକୁ ସୁଯୋଗ ମିଳିଛି ।

**ଆଲୋକ ଚରିତ୍ର ବିଷୟରେ କିଛି କୁହନ୍ତୁ ?**

● 'କିଛି ସତ କିଛି ମିଛ' ଧାରାବାହିକରେ ଦୁଇଜଣ ଝିଅ ଗାଆଁରୁ ଆସି ସହରରେ ସଂଘର୍ଷ କରୁଛନ୍ତି । ଅନ୍ୟପଟେ ଆଲୋକ ସବୁବେଳେ ବ୍ୟସ୍ତ । ସେ ବହୁତ ଶାନ୍ତ ଓ ଅନ୍ୟମନସ୍କ । ଏହି ଅଭ୍ୟାସ ଯୋଗୁଁ ତା' ଜୀବନରେ ବହୁତ କିଛି ପରିବର୍ତ୍ତନ ହୋଇଯାଉଛି । ତା' ଜୀବନକୁ ଜଣେ ସାଥି ଆସିବା ପରେ ସେ ଟିକେ ପରିବର୍ତ୍ତନ ହେଉଛି ।

**କ୍ୟାମେରା ସାମ୍ନାରେ ପ୍ରଥମେ ଭୟ କରିଥିଲେ ?**

● ପୂର୍ବରୁ ଛୋଟମୋଟ କାମ, ରିଆଲିଟି ଶୋ'ରେ କାମ କରିଥିଲି । ହେଲେ ଧାରାବାହିକରେ ମୁଖ୍ୟ ଚରିତ୍ରରେ ପ୍ରଥମେ କାମ କରିବାକୁ ଟିକେ ଡର ଲାଗିଥିଲା । ଏହି ଡର ଛାଡ଼ିବାକୁ ମୋତେ ମାସେ ଦୁଇମାସ ସମୟ ଲାଗିଥିଲା । ତେବେ କ୍ୟାମେରା ସାମ୍ନାରେ ସଂଳାପର ସାରମର୍ମକୁ ବୁଝି ଅଭିନୟ କରିବାକୁ ହୁଏ ।

**ପ୍ରଥମ ପାରିଶ୍ରମିକ କେତେ ମିଳିଥିଲା ?**

● ୨୦୨୩ ମସିହାରେ ଏକ ମ୍ୟୁଜିକ୍ ଭିଡିଓରୁ ମୋତେ ୫୦୦ ଟଙ୍କା ପାରିଶ୍ରମିକ ମିଳିଥିଲା ।

**ଅଭିନେତା ହେବାକୁ କେତେ ସଂଘର୍ଷ କରିଛନ୍ତି ?**

● ମୁଁ ଜଣେ ମଧ୍ୟବିତ୍ତ ପରିବାରର ପିଲା । ମୋର ଅଭିନୟର ଯାତ୍ରା ବେଶ୍ ସଂଘର୍ଷପୂର୍ଣ୍ଣ ରହିଛି । ଯେହେତୁ ଭୁବନେଶ୍ୱରରେ କେହି ନଥିଲେ ଅଭିନୟ କ୍ଲାସ୍‌କୁ ମୁଁ ସବୁଦିନ ଟ୍ରେନ୍‌ରେ ଆସି ଘରକୁ ଫେରେ । ସୀମିତ ଟଙ୍କାରେ ଦିନ ବିତାଏ । ଛୋଟ ହେଉ କି ବଡ଼ ଭଲ ଅଭିନୟ କରିବାକୁ ଅନେକ କାମ ବିନା ପାରିଶ୍ରମିକରେ କରିବାକୁ ପଡ଼ିଛି । ଏମିତି ବି କେବେ କେବେ ହୁଏ ମୋତେ ନେଇ କାମ କରିସାରିବା ପରେ ପାରିଶ୍ରମିକ ଦିଅନ୍ତିନି । ତଥାପି ଭଲ କଳାକାର ହେବା ଆଶାରେ ଏସବୁକୁ ହସି ହସି ସହିଯାଏ । ଏହାପରେ ଅଡିସନ୍ ଦେବାକୁ ମୋର ଚାଲିଲା ସଂଘର୍ଷ । ବହୁ ସଂଘର୍ଷ କରିବା ପରେ ମୋତେ 'କିଛି ସତ କିଛି ମିଛ' ମେଗା ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା ।

**ଖରାଦିନେ ସୁଟିଂ କରିବାକୁ କେତେ କଷ୍ଟ ହେଉଛି ?**

● ଏବେ ଆଉଟଡୋର୍ ସୁଟିଂ ଚାଲୁଛି । ଚଟାଣ ପୂରା ତାତି ଯାଉଛି । ତେଣୁ ପାଇପ୍‌ରେ ତଳେ ପାଣି ଢାଳି ଆମେ ସୁଟିଂ କରୁଛୁ । ପ୍ରବଳ ଖରା ସାଙ୍ଗକୁ ଝାଳ ବୋହିବା କାରଣରୁ ବାରମ୍ବାର ମେକ୍‌ଅପ୍ ନେବାକୁ ପଡୁଛି ।

**ଫିଟ୍‌ର ରାଜ୍ ?**

● ଏ ଲାଇନ୍‌କୁ ଆସିବା ପୂର୍ବରୁ ଜିମ୍ ଯାଉଥିଲି । ଏବେ ସୁଟିଂରେ ବ୍ୟସ୍ତତା ଯୋଗୁଁ ଘରେ ୱାର୍କଆଉଟ୍ କରୁଛି ।

**ସୁଟିଂ ନଥିଲେ କ'ଣ କରନ୍ତି ?**

● ସୁଟିଂ ନଥିଲେ ବୁଲାବୁଲି କରିବାକୁ ଯାଏ । ଘର ଲୋକଙ୍କ ସହ କଥା ହୁଏ ।

**ଭଲ ଅଭିନେତା ହେବା ପାଇଁ ଆର୍ଯ୍ୟ କ'ଣ କରନ୍ତି ?**

● କାମକୁ ନେଇ ମୁଁ ବହୁତ ସିରିୟସ୍ । ତେଣୁ ସୁଟିଂ ସେଟ୍ ଯିବା ପୂର୍ବରୁ ମୁଁ ଫୋନ୍‌ରେ ଅଭିନୟ ସହ ଜଡ଼ିତ ଭିଡିଓ, ଫିଲ୍ମ ଦେଖେ । ଏହା ସହ ମୁଁ ବରିଷ୍ଠ କଳାକାରଙ୍କ ଅଭିନୟ ଦେଖି କିଛି ନା କିଛି ଶିଖିବାକୁ ଚେଷ୍ଟା କରେ ।

**ଆଗାମୀ ଯୋଜନା ?**

● ଇଚ୍ଛା ଅଛି ବଡ଼ ପରଦାରେ କାମ କରିବାକୁ ।

**ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ ?**

● ଯଦି ଏ ଲାଇନ୍‌ରେ କାମ କରିବାର ଅଛି ତାହେଲେ ଆସନ୍ତୁ । ଟାଇମ୍‌ପାସ୍ କରିବା ଉଦ୍ଦେଶ୍ୟରେ ଆସନ୍ତୁନି । ଅଭିନୟ, ନୃତ୍ୟ ସବୁଥିରେ ପାରଙ୍ଗମ ହେବା ଆବଶ୍ୟକ । ସବୁ ପରିସ୍ଥିତିରେ ଖାପ ଖୁଆଇ ଚଳିବା ନିହାତି ଆବଶ୍ୟକ । ■

# ତେଲୁଗୁରେ ରିମେକ୍ ହେବ 'ଆପା'

ଏପ୍ରିଲ୍ ୩ ତାରିଖରେ ମୁକ୍ତିଲାଭ କରିଥିବା 'ଆପା' (ଲାଇଫ୍ ଆଫ୍ଟର୍ ଲାଇଫ୍) ଚଳଚ୍ଚିତ୍ର ଏବେ ତେଲୁଗୁ ଭାଷାରେ ରିମେକ୍ ହେବାକୁ ଯାଉଛି । ଏନେଇ ହାଇଦ୍ରାବାଦରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରସାଦ କଳିଙ୍ଗ ଲ୍ୟାବ୍‌ର ନିର୍ଦ୍ଦେଶକ ସାଇ ପ୍ରସାଦ, ତେଲେଙ୍ଗାନା ଫିଲ୍ମ ଡେଭେଲପମେଣ୍ଟ କର୍ପୋରେସନର ଅଧ୍ୟକ୍ଷ ତଥା ବିଶିଷ୍ଟ ଟଲିଉଡ ପ୍ରଯୋଜକ ଦିଲ୍ ରାଜୁ ଏବଂ ପୂର୍ବତନ ସାଂସଦ ପ୍ରଭାତ ସିଂହଙ୍କ ଉପସ୍ଥିତିରେ 'ଆପା'ର ନିର୍ଦ୍ଦେଶକ ପ୍ରୀତିରାଜ ଶତପଥୀ ଏହି ରିମେକ୍ ନେଇ ବିସ୍ତୃତ ଆଲୋଚନା କରିଛନ୍ତି । ଓଡ଼ିଆ ସିନେମା ଜଗତ ପାଇଁ ଏହା ଏକ ବିରାଟ ସଫଳତା ବୋଲି ସିନେ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି । ଏହି ଫିଲ୍ମଟି ଏକ ସାଧାରଣ ପରିବାରର ଅସାଧାରଣ କାହାଣୀ ଉପରେ ପର୍ଯ୍ୟବସିତ । ସେହିପରି ଏହି ଚଳଚ୍ଚିତ୍ର ଜରିଆରେ ସୁନାମଧନ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ କନ୍ୟା ଅନମୋଲ ପତି ନିଜର ଅଭିନୟ ଯାତ୍ରା ଆରମ୍ଭ କରିଛନ୍ତି । ଏଥିରେ କୁନା ତ୍ରିପାଠୀ, ପ୍ରୀତିରାଜ ଶତପଥୀ, ନୈନା ଦାଶ, ହର ରଥ, ଧରିତ୍ରୀ ଖଣ୍ଡୁଆଳ, ସିଦ୍ଧାର୍ଥ ତିୱାରୀ ଏବଂ ଶିଶୁ କଳାକାର ମିଭାନ୍ ପ୍ରମୁଖ ନିଖୁଣ ଅଭିନୟ କରିଛନ୍ତି । ପ୍ରୀତିରାଜ ଶତପାଥୀ ଓ ନୈନା ଦାଶଙ୍କ ପ୍ରଯୋଜିତ ଏହି ଫିଲ୍ମରେ କୁନା ତ୍ରିପାଠୀ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ ଆନନ୍ଦ । ■



## ସିଏସ୍‌କେ ବନାମ ସନ୍‌ରାଇଜର୍ସ

# ଅଭିଷେକ, ହେନ୍‌ରିକ୍‌ଙ୍କ ଅର୍ଦ୍ଧଶତକ

ହାଇଦରାବାଦ୍,୧୮।୪(ଏଜେନ୍ସି): ଅଭିଷେକ ଶର୍ମା ଓ ହେନ୍‌ରିକ୍ କ୍ଲାସେନ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଖେଳାଯାଇଥିବା ସିଏସ୍‌କେ (ଚେନ୍ନାଇ ସୁପର କିଙ୍ଗସ) ବିପକ୍ଷ ଆଇପିଏଲ୍‌ର ୨୭ତମ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ହାଇଦରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୯୪ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ଉଭୟ ଅଭିଷେକ ଓ କ୍ଲାସେନ ୫୯ ରନ୍ ଲେଖାଏଁ ସ୍କୋର କରିଥିଲେ। ଅଭିଷେକ ୧୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ମୋଟ ୨୨ବଲ୍ ଖେଳି ୬ ଚୌକା ଓ ୪ ଛକା ଏବଂ କ୍ଲାସେନ୍ ୩୯ବଲ୍‌ରୁ ୬ଚୌକା ଓ ୨ ଛକା ସହ ୫୯ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାରକା ଖେଳାଳି ଟ୍ରାଭିସ୍ ହେଡ୍ ୨୩, ଅଧିନାୟକ ଇଶାନ କିଶାନ ପ୍ରଥମ ବଲ୍‌ରେ ଶୂନ୍, ଅନିକେତ ବର୍ମା ୨, ନୀତୀଶ କୁମାର ରେଡ୍ଡୀ ୧୨, ଶିବାଙ୍ଗ କୁମାର ୧୨ ଓ ସଲିଲ ଅରୋରା ୧୩ ରନ୍ କରିଥିଲେ। ସିଏସ୍‌କେ ପକ୍ଷରୁ ସୁନ୍ଦର ବୋଲିଂ ପ୍ରଦର୍ଶନ କରିଆସୁଥିବା ଜାମି ଓଭରଟନ ଏହି ମ୍ୟାଚ୍‌ରେ ମଧ୍ୟ ଭଲ ଖେଳି ୩୭ ରନ୍‌ରେ ଓ ଅଂଶୁଲ କାମ୍ବୋଜ ୨୨ରନ୍‌ରେ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଯୁବ ଖେଳାଳି ମୁକେଶ ଚୌଧୁରୀଙ୍କୁ ୨ଟି, ଗୁରଜାପନୀତ୍ ସିଂହଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଏହି ମୁକାବିଲା ପୂର୍ବରୁ ସନ୍‌ରାଇଜର୍ସ ୫ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ୩ଟି ପରାଜୟ ସହ ପଏଣ୍ଟ ଟେବଲର ଷଷ୍ଠ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ୫ମ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ସହ ପଏଣ୍ଟ ଟେବଲର ୯ମ ସ୍ଥାନରେ ରହିଛି। ଆଜିର ମୁକାବିଲାରେ ଅଭିଷେକ ଓ ହେଡ୍ ପ୍ରଥମ ୱିକେଟ୍‌ରୁ ୩୫ ବଲ୍‌ରେ ୭୫ରନ୍ ଉଠାଇଥିଲେ। କ୍ଲାସେନ ୫ମ ୱିକେଟରେ ନୀଶୀଥ ରେଡ୍ଡୀଙ୍କ ସହ ୨୨ବଲ୍‌ରୁ ୩୫ ଓ ଷଷ୍ଠ ୱିକେଟରେ ସଲିଲ ଅରୋରାଙ୍କ ସହ ୨୧ବ୍‌ଲରୁ ୩୦ ରନ୍ ଉଠାଇ ଦଳର ସମ୍ମାନ ରକ୍ଷା କରିଥିଲେ।



### ଆଜିର ଆଇପିଏଲ୍ ମ୍ୟାଚ୍

| କୋଲକାତା ବନାମ ରାଜସ୍ଥାନ | ପଞ୍ଜାବ ବନାମ ଲକ୍ଷ୍ନୌ |
|---|---|
| ଭେନ୍ୟୁ- କୋଲକାତା | ଭେନ୍ୟୁ- ମୁଲାନପୁର |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଷ୍ଟବ୍ସ-ରାହୁଲଙ୍କ ଅର୍ଦ୍ଧଶତକ, ଅକ୍ଷର-କୁଲଦୀପଙ୍କ ଚତୁର ବୋଲିଂ

# ବେଙ୍ଗାଲୁରୁ ବିପକ୍ଷରେ ଦିଲ୍ଲୀର ଦମ୍‌ଦାର୍ ବିଜୟ

ବେଙ୍ଗାଲୁରୁ,୧୮।୪(ଏଜେନ୍ସି):

ଟ୍ରିଷ୍ଟାନ ଷ୍ଟବ୍ସ, ଲୋକେଶ ରାହୁଲ ଓ ଶେଷ ଓଭରରେ ଡେଭିଡ ମିଲରଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଶନିବାର ଖେଳାଯାଇଥିବା ଆଇପିଏଲ୍‌ର ୨୬ତମ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟରେ ଘରୋଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଫିଲ୍ ସଲ୍ଟଙ୍କ ୩୮ ବଲ୍‌ରୁ ୬୩ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୭୫ ରନ୍ କରିଥିଲା। ଜବାବରେ ରାହୁଲ ୩୪ବଲ୍‌ରେ ୫୭, ଷ୍ଟବ୍ସ ୪୭ବଲ୍‌ରେ ଅପରାଜିତ ୬୦ ଓ ଶେଷ ଓଭରରେ ୨ଟିଛକା ଓ ଗୋଟିଏ ଚୌକା ସହ ଡେଭିଡ୍ ମିଲର ଅପରାଜିତ ୨୨ ରନ୍ କରିବା ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ଗୋଟିଏ ବଲ ଓ ୬ୱିକେଟ ବାକିଥାଇ (୧୭୯/୪, ୧୯.୫ ଓଭର) ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଏହା ଫଳରେ ୫ମ ମୁକାବିଲାରୁ ତୃତୀୟ ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବଲର ଟପ୍-୪ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ପଏଣ୍ଟ ଟେବଲର ଦ୍ୱିତୀୟସ୍ଥାନରେ ଥିବା ଆର୍‌ସିବି ୬ଷ୍ଠ ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ବରଣ କରିଛି। ସେହିପରି ଏହି ଦଳ ଗ୍ରୀନ୍ ଜର୍ସିରେ ୧୬ତମ ମ୍ୟାଚ୍ ଖେଳି ୧୦ମ ପରାଜୟବରଣ କରିଛି। ଅପରାଜିତ ୬୦ରନ୍ କରିଥିବା ଟ୍ରିଷ୍ଟାନ ଷ୍ଟବ୍ସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଚଳିତ ସିଜନରେ ଆର୍‌ସିବିର ଦ୍ୱିତୀୟଥର ବ୍ୟାଟିଂ ଫେଲ୍ ମାରିବା ଫଳରେ ଘରୋଇ ଦଳ ପ୍ରତିଦ୍ୱନ୍ଦ୍ୱୀ ଦିଲ୍ଲୀ ଆଗରେ ୧୭୬ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରିବା ପରେ ଭୁବନେଶ୍ୱର କୁମାରଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୩ ଓଭରରେ ୩ୱିକେଟ ହରାଇ ୧୮ ରନ୍ କରିଥିଲା। ଟ୍ରିଷ୍ଟାନ ଷ୍ଟବ୍ସଙ୍କ ମିଶି ରାହୁଲ ଇନିଂସ ସଜାଡିବାରେ ମନୋନିବେଶ କରିଥିଲେ ମଧ୍ୟ ବେଶି ସମୟ ତିଷ୍ଠି ନ ଥିଲା। ୧୧ତମ ଓଭରର ପ୍ରଥମ ବଲ୍‌ରେ କ୍ରୁନାଲ ପାଣ୍ଡ୍ୟା ୩୪ବଲ୍‌ରେ ୫୭ରନ୍ କରିଥିବା ରାହୁଲଙ୍କୁ ବିରାଟ କୋହଲିଙ୍କ ଦ୍ୱାରା କ୍ୟାଚ୍ ଆଉଟ କରାଇ ଏହି ଯୋଡି ଭାଙ୍ଗି ଦେଇଥିଲେ। ଏହା ପରେ ଷ୍ଟବ୍ସ ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳି ଅକ୍ଷର ପଟେଲଙ୍କ ସହ ୩୪ ବଲ୍‌ରୁ ୪୭ ରନ୍ ଉଠାଇଥିଲେ। କିନ୍ତୁ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବାରୁ ଦିଲ୍ଲୀ ଅଧିନାୟକ ଅକ୍ଷର ୧୯ ବଲ୍‌ରେ ୨୬ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ସେ ପଡ଼ିଆ ଛାଡିଲାବେଳକୁ ଦିଲ୍ଲୀକୁ ମ୍ୟାଚ୍ ଜିତିବା ଲାଗି ୪.୧ ଓଭରରେ ୪୨ ରନ୍ ଆବଶ୍ୟକ ହେଉଥିଲା। ମିଡଲ ଓଭରରେ ବା ୧୪ରୁ ୧୭ ଓଭର ମଧ୍ୟରେ ଆର୍‌ସିବିର ବୋଲରମାନେ ଚମତ୍କାର ବୋଲିଂ କରିବା ଫଳରେ ଦିଲ୍ଲୀ ଏହି ୪ ଓଭରରରେ ମାତ୍ର ୨୨ ରନ୍ ଉଠାଇଥିଲା। ଏହି ସମୟରେ ଦଳ କ୍ରମାଗତ ୨୪ଟି ବଲ୍‌ରେ ଗୋଟିଏ ହେଲେ ବାଉଣ୍ଡାରୀ ମାରି ପାରି ନ ଥିଲା। ଦଳକୁ ଶେଷ ୩ ଓଭରରେ ମ୍ୟାଚ୍ ଜିତିବା ଲାଗି ୩୭ରନ୍ ଆବଶ୍ୟକ ହେଉଥିଲା। ୧୮ତମ ଓଭରରେ ଭୁବନେଶ୍ୱର କୁମାର ୧୨ ଓ ୧୯ତମ ଓଭରରେ ରସିକ ସଲାମ ଦର ୧୦ ରନ୍ ଦେଇଥିଲେ। ଏହା ପରେ ଶେଷ ଓଭରରେ ମ୍ୟାଚ୍ ଜିତିବାକୁ ୧୫ ରନ୍ ଆବଶ୍ୟକ ହେଉଥିଲା। ରୋମାରିଓ ସେଫର୍ଡ ବୋଲିଂ କରିଥିବା ଶେଷ ଓଭରର ପ୍ରଥମ ଦୁଇଟି ବଲ୍‌ରେ ୨ରନ୍ ଦେଇଥିଲେ। ଏହି ସମୟରେ ବ୍ୟାଟିଂ କରୁଥିବା ଡେଭିଡ ମିଲର ତୃତୀୟ ଓ ଚତୁର୍ଥ ବଲ୍‌ରେ ଛକା ଏବଂ ୫ମ ବଲ୍‌ରେ ଚୌକା ମାରି ଦଳକୁ ୬ ୱିକେଟରେ ଦମ୍‌ଦାର ବିଜୟ ଭେଟିଦେଇଥିଲେ।



### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୫ | ୪ | ୦ | ୧ | ୯ | +୧.୦୬୭ |
| ବେଙ୍ଗାଲୁରୁ | ୬ | ୪ | ୨ | ୦ | ୮ | +୧.୧୭୧ |
| ରାଜସ୍ଥାନ | ୫ | ୪ | ୧ | ୦ | ୮ | +୦.୮୮୯ |
| ଦିଲ୍ଲୀ | ୫ | ୩ | ୨ | ୦ | ୬ | +୦.୩୧୦ |
| ଗୁଜରାଟ | ୫ | ୩ | ୨ | ୦ | ୬ | +୦.୦୧୮ |
| ହାଇଦରାବାଦ* | ୫ | ୨ | ୩ | ୦ | ୪ | +୦.୫୭୬ |
| ଲକ୍ଷ୍ନୌ | ୫ | ୨ | ୩ | ୦ | ୪ | -୦.୮୦୪ |
| ଚେନ୍ନଇ* | ୫ | ୨ | ୩ | ୦ | ୪ | -୦.୮୪୬ |
| ମୁମ୍ବଇ | ୫ | ୧ | ୪ | ୦ | ୨ | -୧.୦୭୬ |
| କୋଲକାତା | ୬ | ୦ | ୫ | ୧ | ୧ | -୧.୧୪୯ |

### ସଂକ୍ଷିପ୍ତ ସ୍କୋର

ବେଙ୍ଗାଲୁରୁ: ୧୭୫/୮, ୨୦ ଓଭର (ସଲ୍ଟ-୬୩, ଡେଭିଡ-୨୬, କୋହଲି-୧୯, ପାଡିକଲ-୧୮, ଅକ୍ଷର-୨/୧୮, କୁଲଦୀପ-୨/୩୨, ଏନଗିଡି-୨/୩୯)।

ଦିଲ୍ଲୀ: ୧୭୯/୪, ୧୯.୫ ଓଭର (ଷ୍ଟବ୍ସ-୬୦*, ରାହୁଲ-୫୭, ଅକ୍ଷର-୨୬-ରିଟାୟର୍ଡ ହର୍ଟ, ଡେଭିଡ ମିଲର-୨୨*, ଭୁବନେଶ୍ୱର-୩/୨୬)।

## ଗ୍ରୀନ୍ ଜର୍ସିରେ ଆର୍‌ସିବିର ଖରାପ ରେକର୍ଡ

ବେଙ୍ଗାଲୁରୁ,୧୮।୪(ଏଜେନ୍ସି): ଗ୍ରୀନ୍ ଜର୍ସିରେ ଆର୍‌ସିବି ୨୦୧୧ରୁ ମ୍ୟାଚ୍ ଖେଳିଆସୁଛି। କୋଚି ଟସ୍କର୍ସ ସହ ପ୍ରଥମ ମ୍ୟାଚ୍ ଖେଳି ଜିତିବା ପରେ ଆର୍‌ସିବିକୁ ଗ୍ରୀନ୍ ଜର୍ସିରେ ବିଶେଷ ସଫଳତା ମିଳିନାହିଁ। ଆଜି ଦିଲ୍ଲୀ କ୍ୟାପିଟାଲ୍ସ ସହ ଆର୍‌ସିବି ଗ୍ରୀନ୍ ଜର୍ସିରେ ୧୬ତମ ମ୍ୟାଚ୍ ଖେଳି ୬ ୱିକେଟରେ ପରାଜିତ ହୋଇଥିଲା। ଫଳରେ ଏହି ମ୍ୟାଚ୍‌କୁ ମିଶାଇ ଆର୍‌ସିବି ମାତ୍ର ୫ଟି ଜିତିଥିଲାବେଳେ ୧୦ଟିରେ ପରାଜିତ ହୋଇଥିଲା। ଅନ୍ୟ ଗୋଟିଏ ମୁକାବିଲା ବାତିଲ ହୋଇଥିଲା। ଏଣୁ ଗ୍ରୀନ୍ ଜର୍ସିରେ ଆର୍‌ସିବିର ପ୍ରଦର୍ଶନ ଉତ୍ସାହଜନକ ହୋଇପାରି ନାହିଁ।

## ପେନ୍‌ଙ୍କ ସ୍ଥାନରେ କୋଏଜି

ହାଇଦରାବାଦ୍,୧୮।୪(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ପେସ୍ ବୋଲିଂ ଅଲରାଉଣ୍ଡର ଗେରାଲ୍ଡ କୋଏଜି ସନ୍‌ରାଇଜର୍ସ ହାଇଦରାବାଦ୍ ପକ୍ଷରୁ ଚଳିତ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚ୍‌ରେ ଖେଳିବେ। ସେ ଆହତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିବା ଫାଷ୍ଟ ବୋଲର ଡେଭିଡ ପେନ୍‌ଙ୍କ ସ୍ଥାନରେ ସାମିଲ ହୋଇଛନ୍ତି। ଏହି ୨୫ ବର୍ଷୀୟ ଅଲରାଉଣ୍ଡର ପୂର୍ବରୁ ମୁମ୍ବଇ ଇଣ୍ଡିଆନ୍ସ ଓ ଗୁଜରାଟ ଟାଇଟାନ୍ସ ପକ୍ଷରୁ ୧୪ଟି ମ୍ୟାଚ୍ ଖେଳି ୧୫ଟି ୱିକେଟ ଅକ୍ତିଆର କରିଥିଲେ। ଏହା ମଧ୍ୟରେ ଦଳର ନିୟମିତ ଅଧିନାୟକ ପ୍ୟାଟ କମିନ୍ସ ଏପ୍ରିଲ ୧୭ରେ ଦଳ ସହ ଯୋଗଦେଇଛନ୍ତି ଓ ସେ ଜୟପୁରରେ ଏପ୍ରିଲ ୨୫ରେ ରାଜସ୍ଥାନ ରୟାଲ୍ସ ସହ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଖେଳିବେ ବୋଲି ଆଶା କରାଯାଉଛି।

## ପିତୃତ୍ୱ ଲାଭ କଲେ ରଶିଦ

ଅହମ୍ମଦାବାଦ, ୧୮ ।୪ (ଏଜେନ୍ସି): ନିଜ ସ୍ପିନ ଯାଦୁରେ ପଡ଼ିଆରେ ବିଶ୍ୱର ଶ୍ରେଷ୍ଠ ବ୍ୟାଟରଙ୍କୁ ଚକ୍‌ମା ଦେଖାଉଥିବା ଆଫଗାନିସ୍ତାନ ସ୍ପିନର ରଶିଦ ଖାନ ବ୍ୟକ୍ତିଗତ ଜୀବନରେ ଏକ ବଡ଼ ସଫଳତା ପାଇଛନ୍ତି। ୨୭ ବର୍ଷୀୟ ରଶିଦ ପିତୃତ୍ୱ ଲାଭ କରିଛନ୍ତି। ତାଙ୍କ ପତ୍ନୀ ଏକ ପୁତ୍ର ସନ୍ତାନ ପ୍ରସବ କରିଛନ୍ତି। ରଶିଦ ନବଜାତ ଶିଶୁର ନାମ ଆସଲାନ ଖାନ ରଖିଛନ୍ତି। ଏହି ଖୁସି ଖବରକୁ ରଶିଦ ସାମାଜିକ ଗଣମାଧ୍ୟମରେ ତାଙ୍କ ପ୍ରଶଂସକଙ୍କୁ ସେୟାର କରିଛନ୍ତି। ଉଲ୍ଲେଖଯୋଗ୍ୟ ରଶିଦ ବର୍ତ୍ତମାନ ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍ସ ସହ ଜଡ଼ିତ ରହିଛନ୍ତି। ଗତକାଲି ରାତିରେ ଗୁଜରାଟ ୫ ୱିକେଟରେ କେକେଆର’କୁ ପରାସ୍ତ କରିବା ପରେ ରଶିଦ ଏହି ଖୁସି ଖବର ସେୟାର କରିଥିଲେ।

## ସର୍ଫରାଜ ପାକିସ୍ତାନର ହେଡ୍‌କୋଚ୍

କରାଚି,୧୮।୪(ଏଜେନ୍ସି): ପୂର୍ବତନ ଅଧିନାୟକ ସର୍ଫରାଜ ଅହମ୍ମଦ୍‌ଙ୍କୁ ପାକିସ୍ତାନ ଟେଷ୍ଟ ଦଳର ହେଡ୍ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ପୂର୍ବତନ ଖେଳାଳି ଆସଦ ସଫିକ୍ ବ୍ୟାଟିଂ ଓ ଉମର ଗୁଲ୍‌ଙ୍କୁ ବୋଲିଂ କୋଚ୍ ଭାବେ ନିଯୁକ୍ତି ମିଳିଛି। ବାଂଲାଦେଶ ବିପକ୍ଷରେ ଆସନ୍ତାମାସ ପାକିସ୍ତାନ ୨ଟି ଟେଷ୍ଟ ଖେଳିବାକୁ ଯିବ। ସାନ୍ ମାସୁଦ୍ ପାକିସ୍ତାନ ଟେଷ୍ଟ ଦଳର ନେତୃତ୍ୱ ନେବେ। ଏହି ଗସ୍ତ ଲାଗି ଘୋଷିତ ପକିସ୍ତାନ ଦଳରେ ୪ଜଣ ନୂଆ ଖେଳାଳିଙ୍କୁ ସାମିଲ କରାଯାଇଛି। ଢାକାରେ ପ୍ରଥମ ଟେଷ୍ଟ ମେ’ ୮ରୁ୧୨ ଓ ଦ୍ୱିତୀୟଟେଷ୍ଟ ମେ’ ୧୬ରୁ ୨୦ ତାରିଖଯାଏ ଖେଳାଯିବ। କରାଚିରେ ଏପ୍ରିଲ ୨୭ରୁ ମନୋନୀତ ଖେଳାଳିଙ୍କୁ ନେଇ ଶିବିରର ଆୟୋଜନ କରାଯିବ ଓ ମେ’ ୨ରେ ଦଳ ବାଂଲାଦେଶ ଅଭିମୁଖେ ଯାତ୍ରା କରିବ।

## ଦ୍ରୋଣାଚାର୍ଯ୍ୟ ବିଜେତା ନାଭାଲଙ୍କୁ ବହିଷ୍କାର

ନୂଆଦିଲ୍ଲୀ, ୧୮ ।୪ (ଏଜେନ୍ସି): ଭାରତୀୟ ପାରାଅଲିମ୍ପିକ୍ କମିଟି (ପିସିଆଇ) ଶନିବାର ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ଜାଭେଲିନ କୋଚ୍ ନାଭାଲ ସିଂହଙ୍କୁ ବହିଷ୍କାର କରିଛି। ଖେଳାଳିଙ୍କୁ ଦୁର୍ବ୍ୟବହାର କରିବା ନେଇ ଅଭିଯୋଗ ଆସିବାର ଦିନକ ପରେ ପିସିଆଇ ଏହି କଠୋର ପଦକ୍ଷେପ ନେଇଛି। ଶନିବାର ପିସିଆଇ ସଭାପତି ଦେବେନ୍ଦ୍ର ଝାଝରିଆଙ୍କ ନେତୃତ୍ୱରେ ଏକ ଜରୁରୀକାଳୀନ ବୈଠକ ବସିଥିଲା। ଯେଉଁଥିରେ ନାଭାଲ ସିଂଙ୍କୁ ବହିଷ୍କାର କରିବା ନେଇ ନିଷ୍ପତ୍ତି ହୋଇଥିଲା। ପ୍ରକାଶଯୋଗ୍ୟ ଯେ ଦୁଇ ଥରର ପାରାଅଲିମ୍ପିକ୍ ପଦକ ବିଜେତା ଜାଭେଲିନ ଥ୍ରୋୟର ସୁମିତ ଆଣ୍ଟିଲ ଗତକାଲି ନାଭାଲଙ୍କ ବିରୋଧରେ ନିର୍ଯାତନା ଓ ଅପମାନଜନକ ଭାଷା ବ୍ୟବହାର ଭଳି ଗମ୍ଭୀର ଅଭିଯୋଗ ଆଣିଥିଲେ। ସୁମିତ କହିଛନ୍ତି ଯେ "ନାଭାଲ ମଦ୍ୟପାନ କରନ୍ତି ଏବଂ ଆମକୁ ଗାଳି ଦେବାସହ ଆମ ପରିବାରକୁ ଏଥିରେ ଟାଣନ୍ତି। ସାଇ ନିକଟକୁ ସେ ଏହାର ଏକ ଅଡିଓ ରେକର୍ଡିଂ ପଠାଛନ୍ତି। ଯେଉଁଥିରେ ନୀରଜ, ସୁମିତ, ନବଦୀପ ଏବଂ ପାକିସ୍ତାନୀ ଜାଭେଲିନ୍ ଫିଙ୍ଗାଳି ଅର୍ଶଦ ନଦୀମଙ୍କୁ ନାଭାଲ ମୌଖିକ ଭାବରେ ଗାଳି ଦେଉଥିବା ଶୁଣାଯାଉଛି। ଆଣ୍ଟିଲ କହିଛନ୍ତି ଯେ ନାଭାଲଙ୍କ ଦ୍ୱାରା ବ୍ୟବହୃତ ଭାଷା ଅତ୍ୟନ୍ତ ଅପମାନଜନକ। କେବଳ ଖେଳାଳିମାନଙ୍କ ପ୍ରତି ନୁହେଁ ବରଂ ଆମ ପରିବାର ପ୍ରତି ମଧ୍ୟ ସେ ଖରାପ ଭାଷା ପ୍ରୟୋଗ କରିଛନ୍ତି।



## ଟି-୨୦ରେ ମନ୍ଧାନା ଟପ୍ ସ୍କୋରର



ଡର୍ବାନ,୧୮।୪(ଏଜେନ୍ସି): ଏଠାରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ମହିଳା ଟି-୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୬ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଘରୋଇ ଦଳ ୧-୦ରେ ଆଗୁଆ ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟରେ ୧୫୭ ରନ୍ କରିଥିଲା। ଦଳ ପକ୍ଷରୁ ହରମନପ୍ରୀତ୍ କୌର ସର୍ବାଧିକ ୪୭, ଜେମିମା ରୋଡ୍ରିଗ୍ୱେଜ୍ ୩୬ ଓ ଶେଫାଳି ବର୍ମା ୩୪ ରନ୍ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୧୯.୧ ଓଭରରେ ମାତ୍ର ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ୧୩ ରନ୍ କରିଥିବା ସ୍ମୃତି ମନ୍ଧାନା ଭାରତ ପକ୍ଷରୁ ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ୪,୨୪୪ ରନ୍ ସଂଗ୍ରହ କରିଛନ୍ତି। ୧୬୧ଟି ମ୍ୟାଚ୍ ଖେଳି ୩୦.୩୧ ହାରରେ ଗୋଟିଏ ଶତକ ଓ ୩୩ଟି ଅର୍ଦ୍ଧଶତକ ସହ ଏହି ସ୍କୋର କରିଛନ୍ତି। ତାଙ୍କ ପଛକୁ ପୁରୁଷ ଖେଳାଳି ରୋହିତ ଶର୍ମା ୪୨୩୧ ଓ ବିରାଟ କୋହଲି ୪୧୮୮ ରନ୍ ସଂଗ୍ରହ କରିଛନ୍ତି।

## ମେଜର ସନ୍ଦୀପ ମେମୋରିଆଲ ସୁପର୍ ସିରିଜ | ଆଶି ଚାମ୍ପିଅନ; ସଂରଚନା ରନର୍ସଅପ୍



ଭୁବନେଶ୍ୱର, ୧୮ ।୪ (ସମିସ): ମେଣ୍ଢାଶାଳସ୍ଥିତ ଗୁରୁକୂଳ ଟେନିସ ଏକାଡେମୀରେ ଚାଲିଥିବା ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ୧୬ ବର୍ଷରୁ କମ୍ ସୁପର୍ ସିରିଜ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ବାଳିକା ସିଙ୍ଗଲ୍ସ ଫାଇନାଲରେ ଜୋର୍‌ଦାର ଲଢ଼େଇ ଦେଖିବାକୁ ମିଳିଥିଲା। ପାଞ୍ଚ ଘଣ୍ଟାର ଲଢ଼େଇରେ ଶେଷରେ ଉତ୍ତର ପ୍ରଦେଶର ଆଶି ସମଶେରୀ ୬-୭ (୫/୭), ୭-୬ (୮/୬), ୬-୪ ସେଟରେ ଓଡ଼ିଶାର ସଂରଚନା ଦାସଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ଅପରପକ୍ଷରେ ବାଳକ ବିଭାଗ ଫାଇନାଲରେ ଦୁଇ ପଶ୍ଚିମବଙ୍ଗ ଖେଳାଳି ଋଷଭ ପ୍ରସାଦ ଓ ହାଭିଶ ବଂଶଲ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଋଷଭ ୬-୩, ୬-୨ ସିଧାସଳଖ ସେଟ୍‌ରେ ବିଜୟୀ ହୋଇ ଟାଇଟଲ୍ ହାସଲ କରିଥିଲେ।

## ଆର୍ଜେଣ୍ଟିନା ସହ ସିରିଜ ଡ୍ର ରଖିଲା ଭାରତ

ମହିଳା ହକି

ବୁଏନ୍ସ ଆରିଏଜ, ୧୮ ।୪ (ଏଜେନ୍ସି): ଆର୍ଜେଣ୍ଟିନା ଗସ୍ତରେ ଯାଇଥିବା ଭାରତୀୟ ମହିଳା ହକି ଦଳ ୨-୨ରେ ସିରିଜ ଡ୍ର ରଖି ସ୍ୱଦେଶ ଫେରିଛି। ଗତକାଲି ଅନୁଷ୍ଠିତ ଅନ୍ତିମ ତଥା ୪ର୍ଥ ମ୍ୟାଚକୁ ଭାରତୀୟ ମହିଳା ହକି ଦଳ ସୁଟ୍‌ଆଉଟ୍‌ରେ ୩-୨ ଗୋଲରେ ବିଜୟୀ ହୋଇଥିଲା। ଏଥିପୂର୍ବରୁ ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଲ୍‌ସ୍କୋର କରିବାରେ ବିଫଳ ହୋଇଥିଲେ। ପୂର୍ବରୁ ସିରିଜର ପ୍ରଥମ ଦୁଇଟି ମ୍ୟାଚକୁ ଘରୋଇ ଆର୍ଜେଣ୍ଟିନା ମହିଳା ହକି ଦଳ ଯଥାକ୍ରମେ ୪-୨ ଓ ୨-୧ ଗୋଲ୍‌ରେ ବିଜୟୀ ହୋଇଥିଲା। ୨-୦ରେ ପଛୁଆ ଥିବା ଭାରତୀୟ ଦଳ ତୃତୀୟ ମ୍ୟାଚରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ନବନୀତ ଓ ନେହାଙ୍କ ଗୋଲ୍ ବଳରେ ଏହି ମ୍ୟାଚକୁ ୨-୧ରେ ବିଜୟୀ ହୋଇ ଭାରତ ସିରିଜକୁ ଉଜ୍ଜୀବିତ ରଖିଥିଲା। ଫଳରେ ସିରିଜ ବଞ୍ଚାଇବା ଲାଗି ଶେଷ ମ୍ୟାଚରେ ଭ୍ରମଣକାରୀ ଭାରତକୁ ନିଶ୍ଚିତ ବିଜୟ ଆବଶ୍ୟକ ହେଉଥିଲା।

## ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦

# ବାଲେଶ୍ୱର, ଯାଜପୁର, ସମ୍ବଲପୁର ବିଜୟୀ

ଭୁବନେଶ୍ୱର, ୧୮ ।୪ (ସମିସ):

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି-୨୦ରେ ଶନିବାର ବାଲେଶ୍ୱର, ଯାଜପୁର, ଭୁବନେଶ୍ୱର ବଡ଼ ବିଜୟ ହାସଲ କରିଛି। ବିଡ଼ାନାସୀ ଗ୍ରାଉଣ୍ଡରେ ବାଲେଶ୍ୱର ୧୨୬ ରନରେ ପାରାଦୀପକୁ ହରାଇଦେଇଛି। ୧୪ ରନରେ ୪ଟି ୱିକେଟ ନେଇ ନମିତା ସେଠୀ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେହିଭଳି ରେଭେନସା ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ପକ୍ଷରୁ ଧାର୍ଯ୍ୟ ୫୧ ରନର ଛୋଟିଆ ଲକ୍ଷ୍ୟକୁ ଭୁବନେଶ୍ୱର ୬ ଓଭରରେ କୌଣସି ୱିକେଟ୍ ନ ହରାଇ ହାସଲ କରିନେଇଥିଲା। ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଯାଜପୁର ୮ ୱିକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ଯାଜପୁରର ବିଷ୍ଣୁପ୍ରିୟା ଜେନା ମାତ୍ର ୨ ରନ ବ୍ୟୟ କରି ୪ଜଣ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକରେ ସମ୍ବଲପୁର ୫ ୱିକେଟରେ ବୌଦ୍ଧକୁ, ଝାରସୁଗୁଡ଼ା ୨୦ ରନରେ ପୁରୀକୁ, ଖୋର୍ଦ୍ଧା ୫ ୱିକେଟରେ ସୋନପୁରକୁ ହରାଇ ପଏଣ୍ଟ ହାସଲ କରିଛି। ସମ୍ବଲପୁରର ସ୍ୱସ୍ତିକା ବେହେରା (୩୦ ରନ ଓ ୨ ୱିକେଟ) ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।



ନମିତା ସେଠୀ



ସ୍ୱସ୍ତିକା ବେହେରା

## ଏସିଆନ ଜୁଡୋରେ ୧୩ ବର୍ଷ ପରେ ଭାରତକୁ ପଦକ


ନୂଆଦିଲ୍ଲୀ, ୧୮ ।୪ (ଏଜେନ୍ସି): ଚାଇନାରେ ଚାଲିଥିବା ଏସିଆନ ଜୁଡୋ ଚାମ୍ପିଅନସିପ୍‌ରେ ଭାରତର ତାଖେଲବାମ ଇନୁଗାନବି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ୨୭ ବର୍ଷୀୟା ତାଖେଲବାମ ମହିଳା ୭୦ କିଗ୍ରା ବିଭାଗରେ ମଙ୍ଗୋଲିଆର ଜୁଡୋକାଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଫଳରେ ୧୩ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ଏହି ସମ୍ମାନଜନକ ମହାଦେଶୀୟ ପ୍ରତିଯୋଗିତାରେ ପ୍ରଥମ ପଦକ ଜିତିବାରେ ସମର୍ଥ ହୋଇଛି। ଶେଷଥର ଲାଗି ୨୦୧୩ରେ ଅନିତା ଚାଣୁ କାଂସ୍ୟ ଜିତିଥିଲେ। ଯାହାକି ଭାରତର ଏସିଆନ ଜୁଡୋରେ ଶେଷ ପଦକ ଥିଲା।



■ ଓସିଏ ୧୬ ବର୍ଷରୁ କମ୍ କ୍ରିକେଟ୍

# ଭୁବନେଶ୍ୱରକୁ ୨୯୬ ରନ୍‌ରେ ଜିତାଇଲେ ପ୍ରତୀକ୍ଷିତ-ଅନୁରାଗ

ଭୁବନେଶ୍ୱର, ୧୮ ।୪ (ସମିସ): ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍‌ରେ ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଭୁବନେଶ୍ୱର-ବି ୨୯୬ ରନରେ ବରଗଡ଼କୁ ପରାସ୍ତ କରିଛି। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ବି ୫୦ ଓଭରରେ ୪ ୱିକେଟ ହରାଇ ୩୮୫ ରନ କରିଥିଲା। ପ୍ରତୀକ୍ଷିତ ପ୍ରଧାନ ୧୮୦ ଓ ଅନୁରାଗ ସାମନ୍ତରାୟ ୧୧୭ ରନର ଦମ୍‌ଦାର ଶତକୀୟ ଇନିଂସ ଖେଳିଥିଲେ। ଜବାବରେ ବରଗଡ଼ ୩୦.୩ ଓଭରରେ ୮୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଶାଜେଦ ଆଲମ ୫ୱିକେଟ୍ ସଫଳତା ପାଇଥିଲେ। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ କେନ୍ଦ୍ରାପଡ଼ା ୭ ୱିକେଟ୍‌ରେ ଝାରସୁଗୁଡ଼ାକୁ, ଭଦ୍ରକ ୭୨ ରନରେ ନୟାଗଡ଼କୁ, କେନ୍ଦୁଝର ୬ ୱିକେଟରେ ଜଗତସିଂହପୁରକୁ ଓ କଳାହାଣ୍ଡି ୫୬ ରନରେ ପାରାଦୀପକୁ ପରାସ୍ତ କରିଥିଲା। କଳାହାଣ୍ଡିର ଶିବଦେବ ମୁଣ୍ଡ (୪ ୱିକେଟ), କେନ୍ଦୁଝରର ଓମ୍ ସେଠୀ (୪ ୱିକେଟ), ଭଦ୍ରକର ସେକ୍ କଲିମୁଦ୍ଦିନ (୪ ୱିକେଟ) ଓ କେନ୍ଦ୍ରାପଡ଼ାର ପ୍ରଜ୍ଞାନ ମିଶ୍ର (୩ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।





PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS